

ହ୍ୟାଟ୍ରିକ୍ ଲକ୍ଷ୍ୟରେ ଆଲକାରାଜ

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-6 •BHUBANESWAR •MONDAY •30 JUNE 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୬ •ଭୁବନେଶ୍ୱର •ସୋମବାର •୩୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



# VIKASH BARGARH
## Vikash Higher Educational Institutions
23 Glorious Years of Excellence in Education




**AWARDED** As the Best Higher Educational Institutions in Western Odisha by OTV.

## The University Toppers

GOLD MEDALIST

| Course | Rank | Result | Name |
|---|---|---|---|
| BBA (Hons.) | 1 | 9.29 CGPA | Barnali Nayak |
| ZOOLOGY (Hons.) | 1 | 9.71 CGPA | Arpita Choudhury |
| BOTANY (Hons.) | 1 | 9.64 CGPA | Itishree Mishra |
| PSYCHOLOGY (Hons.) | 1 | 9.35 CGPA | Sibraj Behera |
| B.A. LL.B (Hons.) | 1 | 72.52% | Abhipsa Priyadarsini |

## Top 10 Rankers of Sambalpur University (BA/B.Sc./B.Com.)

| Rank | Subject | CGPA | Name |
|---|---|---|---|
| 2nd Rank | Zoology Hons | 9.52 CGPA | BIPUL |
| 3rd Rank | Physics Hons | 9.35 CGPA | HITESH |
| 4th Rank | Botany Hons | 9.31 CGPA | RAHUL |
| 4th Rank | Psychology Hons | 8.95 CGPA | KIRAN |
| 4th Rank | Mathematics Hons | 8.90 CGPA | SONALI |
| 5th Rank | Physics Hons | 9.27 CGPA | RITESH |
| 5th Rank | English Hons | 8.11 CGPA | AMITARANI |
| 6th Rank | Commerce Hons | 8.86 CGPA | BODDU |
| 6th Rank | Economics Hons | 8.70 CGPA | JAGMOHAN |
| 7th Rank | Botany Hons | 9.17 CGPA | ANWESHA |
| 7th Rank | Mathematics Hons | 8.84 CGPA | HITESWARI |
| 8th Rank | Botany Hons | 9.16 CGPA | SUBHASHREE |
| 9th Rank | Botany Hons | 9.15 CGPA | SUPRITI |
| 9th Rank | Physics Hons | 9.07 CGPA | ANKITA |
| 9th Rank | Commerce Hons | 8.79 CGPA | |
| 9th Rank | English Hons | 7.97 CGPA | |
| 10th Rank | Commerce Hons | 8.75 CGPA | |

CGPA 9 & Above 14 | CGPA 8 & Above 67 | 172 First Class Hons Out of 192

## BBA 2022-25

| Rank | CGPA | Name |
|---|---|---|
| 3rd Rank | 8.67 | Jyoti Meher |
| 5th Rank | 8.46 | Ankita Dash |
| 6th Rank | 8.40 | Manisha Gupta |
| 7th Rank | 8.39 | Yash Goel |
| 8th Rank | 8.38 | Shivani Sharma |
| 9th Rank | 8.34 | Soumyashree Pattnayak |
| 10th Rank | 8.32 | Nayantika Nayak |

## BCA 2022-25

| Rank | CGPA | Name |
|---|---|---|
| 2nd Rank | 9.32 | Akanshya Giri |
| 2nd Rank | 9.32 | Swasti Dash |
| 3rd Rank | 8.96 | Bhupesh Panigrahi |
| 3rd Rank | 8.96 | Swagat Pradhan |
| 6th Rank | 8.86 | Mehek Agrawal |
| 9th Rank | 8.80 | Dev Prasanna Nayak |
| 10th Rank | 8.78 | Bikash Bohidar |

## B.A. LL.B. (H) Result 2020-25

| Rank | Name |
|---|---|
| 2nd Rank 71.93% | TANMAYA MAHAKUR |
| 3rd Rank | Pratyasa |
| 5th Rank | Liza |
| 6th Rank | Soumya |
| 7th Rank | Soumyashree |
| 8th Rank | Nabanita |
| 9th Rank | Devirani |

## ANM Final Year Result 2022-24

| Name | Mark | % |
|---|---|---|
| ALIMA MAJHI | 1148 | 82.00% |
| SUSHAMA JAL | 1119 | 79.93% |
| ANITA NAIK | 1117 | 79.79% |
| APARAJITA MALLIK | 1115 | 79.64% |
| KHUSHI PANDEY | 1114 | 79.57% |
| RAJI NAG | 1103 | 78.79% |
| SIMIRAN PRADHAN | 1102 | 78.71% |
| BANITA SINGH | 1102 | 78.71% |
| KABITA MAJHI | 1101 | 78.64% |
| LILIMA DEEP | 1096 | 78.29% |
| JUSPIN KULLU | 1096 | 78.29% |
| NAMITA KUSHAL | 1095 | 78.21% |
| MANINI SUNA | 1091 | 77.93% |
| KAMINI MEHER | 1085 | 77.50% |
| SUPRIMA KUJUR | 1081 | 77.21% |
| REKHA TANDI | 1074 | 76.71% |
| SUKANTI KUMBHAR | 1065 | 76.07% |
| SANARTI JOJO | 1065 | 76.07% |
| KUMUDINI KUMBHAR | 1058 | 75.57% |
| GIRINANDINI BHUE | 1056 | 75.43% |
| NEMANI TIDU | 1047 | 74.79% |
| NANDINI BHARASAGAR | 1014 | 72.43% |
| GEETANJALI SUNA | 989 | 70.64% |

## Vikash Nursing College, Bargarh

### Courses Offered:

- **ANM** (2 Years Course) — 40 Seats
- **GNM** (3 Years Course) — 40 Seats
- **B.Sc Nursing** (4 Years Course) — 60 Seats
- **P.B. B.Sc Nursing** (2 Years Course) — 40 Seats
- **SCHOLARSHIP** for SC/ST/OBC Students

**CONFIRMED JOB OFFER** After Completion. With **PARENTAL HOSPITAL FACILITY**

## Vikash Pharmacy College, Bargarh | From 2025-26 Session

# B. PHARM | D. PHARM

Eligibility: +2 Science & OJEE Rank | Eligibility: +2 Science

# MBA
Affiliated to BPUT, Odisha & Approved by AICTE

## The Technocrats who made us proud: B.Tech 2021-25 Batch (BPUT, Odisha)

| CGPA | Name | Branch |
|---|---|---|
| 8.69 CGPA | BIPASA PRADHAN | CIVIL |
| 8.60 CGPA | RANI SWAIN | CSE |
| 8.48 CGPA | AMIT KU. AGRAWAL | CSE |
| 8.36 CGPA | RITIK BHOI | CSE |
| 8.34 CGPA | SOUMITRA AGRAWAL | CSE |
| 8.33 CGPA | BARSHA JENA | CSE |
| 8.31 CGPA | SANJANA BADHEI | CSE |
| 8.31 CGPA | ROSHAN KU. MAJHI | EEE |
| 8.30 CGPA | K. SHIVA KUMAR | CSE |
| 8.30 CGPA | PRABIN B. PANIGRAHI | CSE |
| 8.25 CGPA | SAPNARANI PATEL | CIVIL |
| 8.25 CGPA | RASHMI DHARAI | CSE |
| 8.24 CGPA | AISHWARYA NAYAK | CSE |
| 8.23 CGPA | KRISHNA PATEL | CSE |
| 8.22 CGPA | SUJAL DEBTA | CSE |
| 8.14 CGPA | HITESWARI PRADHAN | CSE |
| 8.14 CGPA | SUDIPTA PATEL | CSE |
| 8.14 CGPA | YASH KU. PANDA | EEE |
| 8.11 CGPA | PRITAM BAG | MECH. |
| 8.07 CGPA | MANISH KU. NAYAK | CSE |
| 8.03 CGPA | ABHIJIT PRADHAN | MECH. |
| 8.02 CGPA | ANKITA PRADHAN | CIVIL |

•Integrated Campus •Experienced Faculty Team •Excellent Academics •Corporate Readiness Programmes •Competitive Exams Prep. •Separate Hostels for Boys & Girls Progressive Ambience

**Available Courses:**

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B | B.Sc. (N) | P.B. B.Sc. (N) | GNM | ANM | DMLT | DMRT

# ADMISSIONS OPEN 2025-26

94393 49333 / 82800 08111
70087 81518 / 94380 85817

Vikash Knowledge Hub, Barahaguda, Bargarh

*Grooming Talent*

# Vikash
Higher Educational Institutions

Visit us @ www.odishavikash.com | Email: vheicampus@gmail.com

## ଉତ୍ତର ଓଡ଼ିଶାରେ ବିଗୁଡୁଛି ସ୍ଥିତି

# ସୁବର୍ଣ୍ଣରେଖା ଓ ଜମ୍ବୀରାରେ ବନ୍ୟା



**୨୪୨ ଘର ଭାଙ୍ଗିଲା, କାନ୍ଥ ପଡ଼ି ଜଣେ ମୃତ**

ବାରିପଦା,୨୯।୬(ସମିସ): ଉପରମୁଣ୍ଡ ଝାଡ଼ଖଣ୍ଡ ଓ ମୟୂରଭଞ୍ଜରେ ଲଘୁଚାପ ଜନିତ ତୁହାକୁ ତୁହା ବର୍ଷା ଯୋଗୁଁ ଜିଲ୍ଲାରେ ସ୍ଥିତି ସଂଗିନ୍ ହୋଇପଡ଼ିଛି। ଗୋଟିଏପଟେ

- ଝାଡ଼ଖଣ୍ଡ ଛାଡ଼ିଲା ବନ୍ୟାଜଳ
- ୭ଟି ଗାଁରୁ ୪ହଜାର ଲୋକଙ୍କୁ ସ୍ଥାନାନ୍ତର
- ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ବଢୁଛି
- ୩ଦିନ ଅଙ୍ଗନବାଡି, ୧ ଦିନ ସ୍କୁଲ ବନ୍ଦ

ଜିଲ୍ଲାରେ ଭାରୀ ବର୍ଷା ଓ ଅନ୍ୟପଟେ ଝାଡ଼ଖଣ୍ଡ ଚାନ୍ଦିଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ଯୋଗୁଁ ସୁବର୍ଣ୍ଣରେଖା ଓ ଜମ୍ବୀରା ନଦୀରେ ବନ୍ୟା ଦେଖାଦେଇଛି। ସେହିପରି ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ଆଦି ନଦୀରେ ଜଳସ୍ତର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆସନ୍ତାକାଲି ମଧ୍ୟ ଜିଲ୍ଲାକୁ ରେଡ୍-ୱାର୍ଣ୍ଣିଂ ଥିବାରୁ ବଡ଼ବନ୍ୟା ଆଶଙ୍କା ଦେଖାଦେଇଛି। ଏପରି ସ୍ଥିତିରେ ନଦୀକୂଳିଆ ଗାଁରେ ଛନକା ପଶିଛି। ଖବର ଲେଖା ହେବା ବେଳକୁ ସୁବର୍ଣ୍ଣରେଖା ଓ ଜମ୍ବୀରାର ବନ୍ୟାଜଳ କିଛି ଗାଁରେ ପ୍ରବେଶ କରିଥିବା ବେଳେ ପ୍ରଶାସନ ପକ୍ଷରୁ ୭ଟି ଗାଁରୁ ୪ହଜାର ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତର କରାଯାଇଛି। ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେବା ଯୋଗୁଁ କିଛି ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅପରପକ୍ଷେ, ଲଗାତାର ବର୍ଷା ଯୋଗୁଁ ଜିଲ୍ଲାରେ ୨୪୨ଟି ଘର ଭାଙ୍ଗିଥିବା ବେଳେ କାନ୍ଥପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଆସନ୍ନ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁଇଜଣ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହକାରୀ ସଚିବ ସରୋଜ କୁମାର ଦାସଙ୍କୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ନିଯୁକ୍ତ କରିଛନ୍ତି। ଅପରପକ୍ଷରେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ମୁକାବିଲା ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ୩ଦିନ ପାଇଁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ସମସ୍ତ ସ୍କୁଲ ଗୁଡ଼ିକୁ ଆସନ୍ତାକାଲି (ସୋମବାର) ପାଇଁ ଛୁଟି ଘୋଷଣା କରାଯାଇଛି।

# ଫୁଲୁଛି ବୁଢ଼ାବଳଙ୍ଗ, ଜଳକା

ବାଲେଶ୍ୱର, ୨୯।୬ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜିଲ୍ଲାରେ ପ୍ରବାହିତ ହେଉଥିବା ପ୍ରମୁଖ ତିନୋଟି ନଦୀ ମଧ୍ୟରୁ ଜଳକା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସିଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ସେହିପରି ବୁଢ଼ାବଳଙ୍ଗ ନଦୀରେ ପ୍ରଥମ ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଜିଲ୍ଲାରେ ମୋଟ ୮୭୨ମିମି ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳରେ ଅତ୍ୟଧିକ ମାତ୍ରାରେ ବର୍ଷା ହେବା ଫଳରେ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଜଳକାରେ ଚଳିତ ବର୍ଷର ପ୍ରଥମ ବନ୍ୟା ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ମିଟର ରହିଛି। ଜଳକା ନଦୀରେ ସନ୍ଧ୍ୟା ୭ଟା ସୁଦ୍ଧା ୭.୧୯ମିଟର ଜଳ ପ୍ରବାହିତ ହେଉଛି। ଏଣୁ ଏହି ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ବାଲିଆପାଳ, ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକେ ପ୍ରଭାବିତ ହୋଇଛନ୍ତି। ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତର ସରଡିହାରୁ ନାଭ ଗ୍ରାମକୁ ସଂଯୋଗ କରୁଥିବା ବନ୍ଧରେ ୫୦ ଫୁଟର ଘାଇ ଯୋଗୁଁ ପ୍ରବଳ ସ୍ରୋତରେ ପାଣି ମାଡ଼ି ଚାଲିଛି। ଏହି ବନ୍ଧରେ ୧୦ରୁ ଅଧିକ



**ପତ୍ରଝଡ଼ାରେ ୫୦ ଫୁଟ୍‌ର ଘାଇ**
**ସତର୍କ ରହିବାକୁ ନିର୍ଦ୍ଦେଶ**

ଛୋଟ ଛୋଟ ଘାଇ ସୃଷ୍ଟି ହୋଇଛି। ଅନ୍ୟପଟେ ସୁବର୍ଣ୍ଣରେଖାର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୯.୧୦ମିଟର ପାଣି ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ମିଟର ଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୭.୧୮ମିଟର ଜଳ ପ୍ରବାହିତ ହେଉଛି।

**ସରକାରଙ୍କ ଉପରେ ବର୍ଷିଲେ ସଂତୃପ୍ତ**

# ଯଦି ସବୁ ପ୍ରଭୁଙ୍କ ଲୀଳା, ତେବେ ସରକାର ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର,୨୯।୬(ସମିସ): ଗୁଣ୍ଡିଚା ମନ୍ଦିର ଆଗରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। 'ଏକ୍ସ'ରେ ସେ ପୁରୀରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରି ଏହା ସମସ୍ତଙ୍କୁ ମର୍ମାହତ କରିଛି ବୋଲି କହିଛନ୍ତି। ଏହା ସହ ସବୁ ଘଟଣାକୁ ପ୍ରଭୁଙ୍କ ଲୀଳା ବୋଲି କହି ଖସି ଯିବାକୁ ସରକାର ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟବୋଲି ଉଲ୍ଲେଖ କରି ସରକାର ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ସନ୍ତୃପ୍ତ। ଅନ୍ୟପକ୍ଷରେ ଯେଉଁ ପରିବାର ମାନେ ତାଙ୍କର ପ୍ରିୟଜନଙ୍କୁ ଏ ଦୁର୍ଘଟଣାରେ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା ଜଣାଇଛନ୍ତି।



ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପରିପେକ୍ଷୀରେ ମୁଁ ଗତକାଲି ସରକାରଙ୍କୁ ପଚାରିଥିବା ଆଠଟି ପ୍ରଶ୍ନର ଗୁରୁତ୍ୱ ଆହୁରି ବଢ଼ି ଯାଇଛି। ବାରମ୍ବାର ଏଭଳି ଘଟଣା ଘଟିବା ସତ୍ତ୍ୱେ ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ଏହାକୁ ପ୍ରଭୁଙ୍କ ଲୀଳା କହିବା ଅକ୍ଷମଣୀୟ। ଲୋକମାନଙ୍କର ସେବା କରିବାର ଶପଥ ନେଇ ସରକାର କ୍ଷମତାକୁ ଆସିଛନ୍ତି। ଯଦି ସେ ସେବା କରିବାର କ୍ଷମତା ନାହିଁ, ତାହେଲେ ସେ ସରକାର ମଧ୍ୟ କ୍ଷମତାରେ ରହିବାର କୌଣସି ଯଥାର୍ଥତା ନାହିଁ। ଯଦି ସବୁ କଥା ପ୍ରଭୁଙ୍କର ଲୀଳା, ତାହେଲେ ସରକାର ମଧ୍ୟ ଇସ୍ତଫା ଦେଇଦେଲେ ପ୍ରଭୁ ରାଜ୍ୟକୁ ଚଳାଇବେ। ଓଡ଼ିଆ ଅସ୍ମିତା, ଓଡ଼ିଶାର ଖ୍ୟାତି ଏବଂ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ଗୌରବ ଏବଂ ଗାରିମାକୁ ମନରେ ରଖି ସରକାର ତୁରନ୍ତ ଅତ୍ୟନ୍ତ କଠିନ ଏବଂ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆମେ ଆଶା କରୁଛୁ । ବର୍ତ୍ତମାନ ଡବଲ ଇଂଜିନର ସରକାର ଥାଉ ବା ନଥାଉ, ଭଲ ଚାଲୁଥିବା ଅଧା ଇଂଜିନର ସରକାର ମଧ୍ୟ ସୁଚାରୁରୂପେ ଶାସନ ପରିଚାଳନା କରିବା ଦରକାର। ଓଡିଶା ସରକାର ରାଜ୍ୟବାସୀଙ୍କ ସାମ୍ନାରେ ନିଜର ଦୃଷ୍ଟିକୋଣ ଏବଂ କଣ କାର୍ଯ୍ୟକ୍ରମ କରୁଛନ୍ତି ତାହା ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ଜଣାନ୍ତୁ। ତଦନ୍ତ କମିଟି ବା କମିଶନ ବସେଇବାରେ କୌଣସି ଲାଭ ନାହିଁ; କାହିଁକି ନା ଗତ ବର୍ଷ ମଧ୍ୟ ପ୍ରତିଷ୍ଠିତ କମିଶନର ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସି ପାରିଲା ନାହିଁ ବୋଲି କହି ସରକାରଙ୍କୁ ଶ୍ରୀ ମିଶ୍ର କଟାକ୍ଷ କରିଛନ୍ତି।

# ରଥଯାତ୍ରାରେ ସୀମା ଟପିଛି ଅବ୍ୟବସ୍ଥା: ବିଜେଡି

ଭୁବନେଶ୍ୱର,୨୯।୬(ସମିସ): ଶରଧାବାଲିରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଓ ବହୁ ଭକ୍ତଙ୍କ ଆହତ ହେବାକୁ ନେଇ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପୁରୀ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ମହାପ୍ରଭୁ ଜଗନ୍ନାଥ, ବଡ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରି, ଅଘଟଣ ଘଟିଥିବା ସ୍ଥାନକୁ ଯାଇଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ବରିଷ୍ଠ ସେବାୟତମାନଙ୍କ ସହିତ କିଭଳି, ଏଭଳି ଘଟଣା ଘଟିଲା ସେ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଚାରମାଳ ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକ୍ ପରିଚାଳନା ଅଭାବରୁ ଏଭଳି ଭୟଙ୍କର ଘଟଣା ଘଟିଥିଲା ଓ ଘଟଣା ସମୟରେ କୌଣସି ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ସେ ସ୍ଥାନରେ ନଥିଲେ ବୋଲି ବିଜେଡି କହିଛି।



- ଅଘଟଣ ସମୟରେ ପ୍ରଶାସନିକ ବା ବରିଷ୍ଠ ପୁଲିସ ଅଧିକାରୀ ନଥିଲେ
- ଅବ୍ୟବସ୍ଥା ଓ ସମନ୍ୱୟ ଅଭାବ ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଛି

ବିଜେଡିର ବରିଷ୍ଠ ଉପସଭାପତ ସଂଜୟ କୁମାର ଦାସବର୍ମା କହିଛନ୍ତି ଯେ, ପ୍ରଶାସନିକ ଅବ୍ୟବସ୍ଥା ଓ ସମନ୍ୱର ଅଭାବ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଛି। ସଂଧା ୭ଟା ୩୦ ପରେ ବିଧି ରକ୍ଷା କରିବା ପାଇଁ ନନ୍ଦିଘୋଷ ରଥ ଟଣାଗଲା। ଜଗନ୍ନାଥ ପ୍ରେମୀ ଓ ସେବାୟତଙ୍କଠୁ ଆରମ୍ଭ କରି ସମସ୍ତେ ଉଦ୍‌ବେଗ ପ୍ରକାଶ କଲେ। ମହାପ୍ରଭୁଙ୍କ ଘୋଷଯାତ୍ରା ଯେଉଁଭଳି ଭାବେ ପ୍ରଶାସନିକ ଭାବେ ଦାୟିତ୍ୱ ସଂପୂର୍ଣ୍ଣ କରିବା କଥା ସେ ଦାୟିତ୍ୱ ତୁଲାଇଲେ ନାହିଁ । ରବିବାର ସକାଳୁ ଯେଉଁଭଳି ଦଳାଚକଟାରେ ତିନି ଜଣ ମୃତ୍ୟୁ ହେବା ସହ ୧୫୦ ଜଣ ଆହତହେବାକୁ ନେଇ ମନ୍ତ୍ରୀମାନେ ଯେଉଁଭଳି ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମୁଖ୍ୟମନ୍ତ୍ରୀ ୫ଜଣ ମନ୍ତ୍ରୀଙ୍କୁ ନେଇ ଏକ କମିଟି କରିଥିଲେ। ସେହି କମିଟି କୁଆଡେ ଗଲା ବୋଲି ପ୍ରଶ୍ନ କରିବା ସହ ତେଣୁ ଏ ସରକାର ଘୋଷଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି କରିଛନ୍ତି। ଆଗକୁ ଆହୁରି ଠାକୁରଙ୍କ ନୀତି ରହିଛି। ତେଣୁ ଅହଂକାର ଛାଡି, ମହାପ୍ରଭୁଙ୍କ ପାଖରେ ସମର୍ପିତ ହୁଅନ୍ତୁ ଏବଂ ଯାତ୍ରାକୁ ସୂଚାରରୂପେ ପରିଚାଳନା କରନ୍ତୁ ବୋଲି ସେ କହିଛନ୍ତି। ସେହିଭଳି ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ସୁବାଶିଷ ଖୁଣ୍ଟିଆ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ମାର ମାର ଭଣ୍ଡାରିଆକୁ ମାର ନ୍ୟାୟ ଭଳି, ଏସ୍‌ପି ଓ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ବଦଳି କରିଦେଇଛନ୍ତି। କିନ୍ତୁ କେଉଁଠି ବାସ୍ତବ ସମସ୍ୟା ରହିଲା, ତାହାକୁ ଏ ସରକାର ସମାଧାନ କରିନାହାନ୍ତି। ସାମ୍ବାଦିକଙ୍କୁ ମାଡ ମାରିବା, ଅନ୍ୟ ରାଜ୍ୟର ଗାଡି ମନଇଚ୍ଛା ବଡ ଦାଣ୍ଡରେ ବୁଲିବା ଆଦି ଘଟଣାମାନ ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି।

ଏହା ପରେ, ବିଜେଡିର ପ୍ରତିନିଧି ମଣ୍ଡଳୀ ପୁରୀ ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଆହତମାନଙ୍କ ଅବସ୍ଥା ସଂପର୍କରେ ଅନୁଧ୍ୟାନ କରିବା ସହ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଓ ବିଜେଡି ଦଳର ବରିଷ୍ଠ ନେତା ବିଦ୍ୟାଧର ସ୍ୱାଇଁ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର,୨୯।୬(ସମିସ): ପୁରୀ ରଥଯାତ୍ରା ପରିଚାଳନାରେ ମହାବିଫଳତା, ପରବର୍ତ୍ତୀ ପର୍ଯ୍ୟାୟରେ ଦଳାଚକଟା ଏବଂ ମୃତାହତଙ୍କ ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଯୁବ




କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ଏଜି ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୁଲିସ ସହ ଅଧଘଣ୍ଟା ପର୍ଯ୍ୟନ୍ତ ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସର ନେତୃବର୍ଗ ଓ କର୍ମୀମାନଙ୍କୁ ପୁଲିସ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାକୁ ସଂପୂର୍ଣ୍ଣ ଖାମଖିଆଲି ଢଙ୍ଗରେ କରିଛନ୍ତି। ଆଇନ ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଏବଂ ମାର୍ଗଦର୍ଶନ କମିଟି ଗଠନ ହେଲା। ହେଲେ ଏହି ଘୋଷଯାତ୍ରା ସାଧାରଣ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ଏହା କେବଳ ବିଜେପି ଦଳ ଏବଂ କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଡିଜି ପୁଲିସ ଓ ସମୁଦାୟ ପ୍ରଶାସନ ଉପସ୍ଥିତ ଥିବାବେଳେ ଭକ୍ତମାନଙ୍କୁ ଚରମ ଅବ୍ୟବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଲା। ଭକ୍ତମାନେ ମୋହନ ସରକାରର ଏ ଅବ୍ୟବସ୍ଥା ପ୍ରତି ଚରମ ଅସନ୍ତୋଷ ପ୍ରକଟ କରିଛନ୍ତି। ରଥଯାତ୍ରାର ପରିଚାଳନାକୁ ସରକାର ଗୁରୁତ୍ୱର ସହ ନେଇନାହାନ୍ତି। ଫଳସ୍ୱରୂପ ନିରୀହ ଭକ୍ତମାନଙ୍କର ଜୀବନ ଗଲା ଏବଂ ବହୁ ଭକ୍ତ ଗୁରୁତର ଭାବେ ଆହତ ହୋଇଛନ୍ତି। ରଥଯାତ୍ରା ଦିନ ସାମ୍ବାଦିକମାନଙ୍କୁ ମଧ୍ୟ ପୁଲିସ ମରଣାନ୍ତକ ଆକ୍ରମଣ କରିଛି। ସୁତରାଂ ଏଭଳି ଅବ୍ୟବସ୍ଥା ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଆବେଗକୁ ଆଘାତ ଦେଇଛି। ଜଗନ୍ନାଥଙ୍କ ପ୍ରତି ଏ ସରକାରଙ୍କର ଆଚରଣ ଦୁଃଖଦାୟକ। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରିଛି।

# ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା ସ୍ଥଗିତ

ଭୁବନେଶ୍ୱର, ୨୯।୬(ସମିସ): ପୁରୀରେ ଘଟିଥିବା ଅଭାବନୀୟ ଘଟଣା କାରଣରୁ ରାଜ୍ୟ ବିଜେପି ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦ ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ଗତକାଲି ପୁରୀଠାରେ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି, ଯେଉଁଥିରେ ୩ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହ ଅନେକ ଭକ୍ତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତଙ୍କ ଶେଷକୃତ୍ୟ ମଧ୍ୟ ହୋଇନାହିଁ। ଏଭଳି ଅଭାବନୀୟ ଘଟଣା ଆମ ସମସ୍ତଙ୍କୁ ମର୍ମାହତ କରିବା ସହ ବିଚଳିତ କରିଛି। ମୃତାହତ ଶ୍ରଦ୍ଧାଳୁଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ। ଏହି କାରଣରୁ ଆସନ୍ତା ଜୁଲାଇ ୧ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ସ୍ଥଗିତ ରଖାଯାଉଛି। ଆଜିଠାରୁ ସମସ୍ତ ପ୍ରକାରର ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନ ପ୍ରସଙ୍ଗରେ ସୁଚନା ଦିଆଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

# ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୨୯।୬(ସମିସ): ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଶାଶ୍ୱତ ୧୯୯୬ ମହିହାର ଆଇଏଏସ୍। ସେ ରାଜସ୍ୱ ବିଭାଗ ସହ ଇଡ୍‌କୋର ଅଧ୍ୟକ୍ଷ ଭାବେ କାର୍ଯ୍ୟକରୁଥିଲା ବେଳେ ଏହା ତାଙ୍କ ପାଇଁ ଅତିରିକ୍ତ ଦାୟିତ୍ୱ ବୋଲି ସାଧରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ନନ୍ଦନକାନନରେ ଆନାକୋଣ୍ଡା ଶାବକ ଜନ୍ମ

ବାରଙ୍ଗ,୨୯।୬(ସମିସ): ଦ୍ୱିତୀୟଥର ପାଇଁ ନନ୍ଦନକାନନରେ ହଳଦିଆ ଆନାକୋଣ୍ଡା ରବିବାର ଦିନ ଛୁଆ ଜନ୍ମ ଦେଇଛି। ଏନେଇ କର୍ମଚାରୀଙ୍କଠାରୁ ଆରମ୍ଭ କରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଆନାକୋଣ୍ଡାଟି ଏକାଥରକେ ୭ଟି ଛୁଆ ଦେଇଛି। କିଛିଦିନ ପୂର୍ବରୁ ମା' ଆନାକୋଣ୍ଡାକୁ ଉଦ୍ୟାନର ପଶୁ ଚିକିତ୍ସାଳୟକୁ ଅଣାଯାଇ ଏକ୍ସ-ରେ' କରାଯାଇଥିଲା ଏବଂ ଜଣାପଡ଼ିଥିଲା ମା' ଆନାକୋଣ୍ଡା ପେଟରେ ଛୁଆ ରହିଛି। ଏନେଇ ମାଈ ଆନାକୋଣ୍ଡାକୁ ନଜରବନ୍ଦୀରେ ରଖାଯାଇଥିଲା। ଆନାକୋଣ୍ଡା ଛୁଆଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଛି। ନବଜାତ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା କରାଯାଇ ତାପମାତ୍ରା ଏବଂ ଆର୍ଦ୍ରତା ମନିଟରିଂ କରାଯାଉଛି। ଏହି ଛୁଆ ଜନ୍ମ ପରେ ନନ୍ଦନକାନନରେ ଆନାକୋଣ୍ଡା ସଂଖ୍ୟା ବୃଦ୍ଧି ପାଇ ୧୪ରେ ପହଞ୍ଚିଛି। ସେଥିମଧ୍ୟରୁ ଦୁଇଟି ବୟସ୍କ ପୁରୁଷ, ଦୁଇଟି ବୟସ୍କ ମାଈ ଏବଂ ଦଶଟି ଛୋଟ ହଳଦିଆ ଆନାକୋଣ୍ଡା ଅଛନ୍ତି। ଶୀଘ୍ର ଆଉ ଗୋଟିଏ ମାଈ ଆନାକୋଣ୍ଡା ପ୍ରସବ କରିବାର ଆଶା କରାଯାଉଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଜୁଲାଇ ୧୫ ଯାଏଁ ବଢ଼ାଯାଉ ଧାନ କିଣା ଅବଧି: କଂଗ୍ରେସ

ଭୁବନେଶ୍ୱର, ୨୯।୬(ସମିସ): ରାଜ୍ୟର ଅଧିକାଂଶ ଜିଲ୍ଲାରେ ଏବେ ବି ମଣ୍ଡିରୁ ଧାନ ଉଠିନି। ୫୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପାଖାପାଖି ୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀ କୂଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର କାଳ ବିଳମ୍ବ ନକରି ଜୁଲାଇ ୧୫ ତାରିଖ ଯାଏଁ ଧାନ କ୍ରୟ ପ୍ରକ୍ରିୟାକୁ ବୃଦ୍ଧି କରିବା ସହ ଚାଷୀଙ୍କ ଠାରୁ ସବୁ ବଳକା ଧାନକୁ କ୍ରୟ କରିବା ପାଇଁ କଂଗ୍ରେସ କମିଟି କିଷାନ ସେଲ୍ ଜାତୀୟ ସଂଯୋଜକ ଅମିୟ ପଟ୍ଟନାୟକ ଦାବି କରିଛନ୍ତି। ଯଦି ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି, ତେବେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କିସାନ କଂଗ୍ରେସ ପକ୍ଷରୁ ରାଜ୍ୟରେ ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

# କାହାପାଇଁ ଓଡ଼ିଶା ଆସୁଛି ଚୋରା ବନ୍ଧୁକ ?

ଭୁବନେଶ୍ୱର,୨୯।୬(ସମିସ): ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରି କରୁଥିବା ଜଣେ ବେପାରୀକୁ ଗିରଫ କରିଛି ଏସ୍‌ଟିଏଫ। ସେ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ବାଲିଅନ୍ତା ସରଦେଇପୁରରେ ଆଜି ବିକ୍ରି କରୁଥିବା ବେଳେ ମାଡ଼ିବସିଲା ଏସ୍‌ଟିଏଫ (ସ୍ୱତନ୍ତ୍ର ଟାସ୍କ ଫୋର୍ସ)। ବ୍ୟାଗ୍ ଯାଞ୍ଚ କରିବା ପରେ ତା ନିକଟରୁ ୫ଟି ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ମିଳିଛି। ଜବତ ବନ୍ଧୁକ ମଧ୍ୟରେ ରହିଛି ୩ଟି ୭ଏମ୍‌ଏମ୍‌ର ବନ୍ଧୁକ ଥିବା ବେଳେ ୯ଏମ୍‌ଏମ୍‌ର ଗୋଟିଏ ବନ୍ଧୁକ, ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ। ଗିରଫ ଅଭିଯୁକ୍ତ ହେଲା ବିହାର ଡୁମାରୀ ବଜାର ନିକଟରେ ରହୁଥିବା ଦିଲ୍ଲୀପ ସାହା। ତାକୁ ଏସ୍‌ଟିଏଫ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି।

ଏସ୍‌ଟିଏଫ ଏସ୍‌ପି ରବି ଶତପଥୀଙ୍କ ସୂଚନା ଅନୁସାରେ, ଗତ ମେ ୪ ତାରିଖରେ ଗଞ୍ଜାମ ପୁଲିସ ୩୧ ବନ୍ଧୁକ ଜବତ କରିବା ସହ ୧୮ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ତଦନ୍ତଭାର ନେଇଥିଲା କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଓଡ଼ିଶାକୁ ଆସୁଥିବା ବନ୍ଧୁକ ସବୁ ବିହାର ମୁଙ୍ଗେରରୁ ଆସୁଥିବା ଜଣାପଡ଼ିଥିଲା। ସେଠାରୁ ବନ୍ଧୁକ ଆଣି ଦିଲ୍ଲୀପ ସାହା ନାମକ ବ୍ୟକ୍ତି ଏଠାରେ ବିକ୍ରି କରୁଛି। ସେଠାରୁ ସେ ୭୦ ହଜାର ଟଙ୍କାର ବନ୍ଧୁକ କିଣି ଆଣୁଥିବା



ବେଳେ ଏଠାରେ ସେ ୮୦ ହଜାର ଟଙ୍କାରେ ବିକ୍ରି କରୁଛି। ପୁଣି ଏହି ବନ୍ଧୁକ ଆଣିବା ପୂର୍ବରୁ ଦିଲ୍ଲୀପ ଆଡଭାନ୍ସ ନେଉଥିଲା। ଆଡଭାନ୍ସ ନେବା ପରେ ସେ ଦେଇଥିବା ତାରିଖ ମଧ୍ୟରେ ବିହାରରୁ ବନ୍ଧୁକ ଆଣି ଦେଉଥିଲା। ଅଭିଯୁକ୍ତଙ୍କ ଠାରୁ ଏସ୍‌ଟିଏଫର ତଦନ୍ତକାରୀ ଟିମ୍ ଦିଲ୍ଲୀପର ଫୋନ୍ ନମ୍ବର ସଂଗ୍ରହ କରିବା ପରେ ତାକୁ ଟ୍ରାକ୍ କରାଯାଉଥିଲା। ସେ ନିୟମିତ ବସ୍ ଏବଂ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ଓଡ଼ିଶାର ଏକାଧିକ ଜିଲ୍ଲାରେ ବିକ୍ରି କରୁଥିଲା। ତେଣୁ ସେ ନିକଟରେ ବିହାରରୁ ବନ୍ଧୁକ ଆଣିଥିବା


- ଧରାପଡ଼ିଲା ବନ୍ଧୁକ ବେପାରୀ
- ୫ଟି ବନ୍ଧୁକ, ୭ଟି ଜୀବନ୍ତ ଗୁଳି ଜବତ
- ଗଞ୍ଜାମ ବନ୍ଧୁକ ଲିଙ୍କ୍‌ରୁ ମିଳିଲା ବେପାରୀ ଠିକଣା

ଏସ୍‌ଟିଏଫର ଅଧିକାରୀମାନେ ଜାଣିଥିଲେ। ସେ ଆଜି ବାଲିଅନ୍ତା ସରଦେଇପୁରରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେବାର ଥିଲା। ତା' ଫୋନ୍ ନମ୍ବରକୁ ଟ୍ରାକ୍ କରିବା ପରେ ଏସ୍‌ଟିଏଫ ଅଧିକାରୀ ତାକୁ ଘଟଣାସ୍ଥଳରେ ମାଡ଼ି ବସିଥିଲେ। ତା ନିକଟରେ ଥିବା ଏକ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ୫ଟି ବନ୍ଧୁକ ଜବତ କରାଯାଇଥିଲା। ସେ ଓଡ଼ିଶାରେ ୫୦ରୁ ଅଧିକ ବନ୍ଧୁକ ବିକ୍ରି କରିଥିବା ତଦନ୍ତରୁ ଏସ୍‌ଟିଏଫ ଜାଣିଛି। ତେଣୁ କେଉଁମାନଙ୍କୁ ସେ ବନ୍ଧୁକ ବିକ୍ରି କରିଛି? ତା ଭଳି ଆଉ କେଉଁମାନେ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରୁଛନ୍ତି? ତାହା ଜାଣିବା ପାଇଁ ଏସ୍‌ଟିଏଫ ଦିଲ୍ଲୀପକୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ରବି ଶତପଥୀ ସୂଚନା ଦେଇଛନ୍ତି।

ଦିଲ୍ଲୀପ ଭଳି ମହମ୍ମଦ ଅସଲମ ବନ୍ଧୁକ ମଧ୍ୟ ବିହାରରୁ ଆଣି ଓଡ଼ିଶାରେ ବିକ୍ରି କରୁଥିଲା। ଅସଲାମକୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଦିଲ୍ଲୀପ ସମ୍ପର୍କରେ ଜଣାପଡ଼ିଥିଲା। ଓଡ଼ିଶାର ୭ଟି ସହରରେ ବନ୍ଧୁକ କାରବାର କରିଥିଲା ଅସଲାମ। ପଶ୍ଚିମବଙ୍ଗରୁ ଆସାମ ପର୍ଯ୍ୟନ୍ତ ବେପାର ଚଳାଇଥିଲା ଅସଲାମ। ଦିଲ୍ଲୀପ ଏବଂ ଅସଲାମ କେବଳ ମୁଙ୍ଗେର ନୁହେଁ, ଓଡିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଆଉ ଆସାମରେ ଚଳାଇଥିଲେ ବନ୍ଧୁକ ବେପାର। କଟକ ବୟାଳିଶ ମୌଜାରେ ବନ୍ଧୁକ କାରଖାନା ପଛର ମାଷ୍ଟରମାଇଣ୍ଡ ଥିଲା ଅସଲାମ। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲାମ ଏବଂ ଦିଲ୍ଲୀପର ହାତ। ଗଞ୍ଜାମ ବ୍ୟତୀତ ଆଉ କେଉଁ ସହରର କେତେ ଅପରାଧୀଙ୍କ ହାତକୁ କେତେ ବନ୍ଧୁକ ଯାଇଛି ସେ ନେଇ ଖୋଳତାଡ଼ ଆରମ୍ଭ କରିଛି ଏସଟିଏଫ୍।

# ଜଗନ୍ନାଥ ସଂସ୍କୃତିର ବ୍ୟବସାୟୀକରଣରେ ମାତିଛି ବିଜେପି

ଭୁବନେଶ୍ୱର, ୨୯।୬(ସମିସ): ରାଜ୍ୟରେ ଓଡ଼ିଆ ଅସ୍ମିତାର ନାରା ଦେଉଛି ବିଜେପି। ହେଲେ ଜଗନ୍ନାଥ ସଂସ୍କୃତିକୁ ବାରମ୍ବାର ଟାର୍ଗେଟ କରିବାରେ ଲାଗିଛି। ଜଗନ୍ନାଥ ସଂସ୍କୃତିର ବ୍ୟବସାୟୀକରଣ କରିବାରେ କୌଣସି ସୁଯୋଗ ଛାଡୁ ନାହିଁ। ରଥଯାତ୍ରରେ ମନଇଚ୍ଛା ପାସ୍ ବଣ୍ଟନ କରାଗଲା। ଯାହାକୁ ପାରିଲେ ତାକୁ ପାସ୍ ଦେଇ ଚାଲିଲେ। ମାତ୍ରାଧିକ କର୍ଡନ୍ ପାସ୍ ବଣ୍ଟନ ଯୋଗୁଁ ରଥ ଟଣା ହୋଇପାରିଲା ନାହିଁ। ଯାହାଫଳରେ ରଥଯାତ୍ରା ଦିନ ନନ୍ଦିଘୋଷ ସିଂହଦ୍ୱାର ବି ଛାଡି ପରିଲା ନାହିଁ। ଜଗନ୍ନାଥ ସଂସ୍କୃତିର ଏ ପ୍ରକାର ବ୍ୟବସାୟୀକରଣକୁ ପ୍ରଶ୍ରୟ ଦିଆଯିବନି ବୋଲି ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ କୁହାଯାଇଛି। ସଂଗଠନ କହିଛି, ୨୦୧୯ ନିର୍ବାଚନ ବେଳେ ବର୍ତ୍ତମାନର ପୁରୀ ସାଂସଦ ସମ୍ବିତ ପାତ୍ର ଜଗନ୍ନାଥଙ୍କୁ ଧରି ଭୋଟ୍ ମାଗିଥିଲେ। ଏହାକୁ ରୋକିବାକୁ ନିର୍ବାଚନ କମିସନଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ଗତ ନିର୍ବାଚନ ବେଳେ ମଧ୍ୟ ଜଗନ୍ନାଥଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଜଗନ୍ନାଥଙ୍କୁ ନେଇ ବିଜେପି କ'ଣ ପାଇଁ ବାରମ୍ବାର ଏଭଳି କରିଚାଲିଛି ବୋଲି ଯୁବା ସଂଗଠନ ପ୍ରଶ୍ନ କରିଛି।




ସଂଗଠନ କ୍ଷୋଭ ପ୍ରକାଶ କରି କହିଛି, ମହାପ୍ରଭୁ ଜଗନ୍ନାଥ ଗଣ ଦେବତା। ପ୍ରଭୁ ସେଥିପାଇଁ ରଥଯାତ୍ରାରେ ବାହାରକୁ ଆସନ୍ତି। କିନ୍ତୁ ସରକାର ଓଡ଼ିଆ ଭାବାବେଗ ସହ ଖେଳିଲେ। ରଥଯାତ୍ରାକୁ ନେଇ ଶହ ଶହ ବର୍ଷ ଧରି ଯାହା ଚାଲିଥିଲା ତାହାକୁ ନଷ୍ଟ କରିଦେଲେ। ଯାହାର ପରିଣାମ ଏବେ ଭୋଗିବାକୁ ପଡ଼ିଲା। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ଯୁବା ସଂଗଠନ ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ କହିଛନ୍ତି। ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯିବ ଓ ଆଗକୁ ସତ୍ୟାଗ୍ରହ ହେବ।

ପ୍ରଶାସନିକ ଅବ୍ୟବସ୍ଥାର ଦୃଢ଼ ନିନ୍ଦା କରି ଯୁବା ସଂଗଠନ କହିଛି, ପୁରୀରେ ରଥଟଣା ବିଳମ୍ବ ହେବାକୁ ଗୋଟିଏ ପଟେ ପାସ୍ ବଣ୍ଟନ କରାଯାଇ ଭିଭ୍ରାଟକୁ ଆମନ୍ତ୍ରଣ କରାଯାଇଥିଲା। ହେଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଘଟଣାକୁ ଭଗବାନଙ୍କ ଇଚ୍ଛା ବୋଲି କହିଲେ।

ସେହିପରି ଚଳିତ ବର୍ଷ ପୁରୀ ରଥଯାତ୍ରା ପରିଚାଳନାରେ ଏତେ ଅବ୍ୟବସ୍ଥା ବ୍ରିଟିଶ ଅମଳରେ ବି ହୋଇ ନ ଥିବ। ଆଜି ସକାଳୁ ରଥ ପାଖରେ ନାହିଁ ନ ଥିବା ଭିଡ଼। ଫଳରେ ଲୋକେ ଦଳାଚକଟାରେ ମରିଗଲେ। ସରକାର ଯେଉଁ 'ଜିରୋ କାଜୁୟାଲିଟି' ଦାବି କରୁଥିଲେ, ତାହା କେତେଦୂର ସତ ବୋଲି ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ପ୍ରଶ୍ନ କରିଛନ୍ତି।






ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-6 ♦BHUBANESWAR ♦MONDAY ♦30 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୬ ♦ଭୁବନେଶ୍ୱର ♦ସୋମବାର ♦୩୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଜନ୍ମବେଦୀରେ ଚତୁର୍ଦ୍ଧାବିଗ୍ରହ

**ଆଜିଠୁ ମିଳିବ ଆଡ଼ପ ଅବଢ଼ା**

■ **ପୁରୀ, ୨୯।୬ (ସମିସ):** ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧା ବିଗ୍ରହ ଏବେ ଜନ୍ମବେଦୀରେ। ଶରଧାବାଲିରେ ଦୁଇ ରାତି ଓ ଦୁଇ ଦିନ ଭକ୍ତଙ୍କୁ ଦର୍ଶନ ଦେବା ପରେ ଆଜି ସନ୍ଧ୍ୟାରେ ଗୋଟିପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ଦାରୁଦେବତା। ସୋମବାରଠାରୁ ଜନ୍ମବେଦୀରେ ଲୀଳା କରିବେ ଲୀଳାମୟ। ଶ୍ରଦ୍ଧାଳୁଙ୍କୁ ମିଳିବ ଦର୍ଶନ, ଆଉ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆସନ୍ତା ୫ତାରିଖରେ ପୁଣି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଯିବେ ଭକ୍ତବତ୍ସଳ। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳାସାଆନ୍ତ। ଅନୁକୂଳ ପାଗରେ ଲକ୍ଷଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଟାଣିଥିଲେ ରଥ। ▶ପୃଷ୍ଠା-୭

# ମହାଅଘଟଣ

## ଶରଧାବାଲିରେ ଦଳାଚକଟା; ୩ ମୃତ, ୭ ଗୁରୁତର




## ପହଡ଼ ଫିଟିବା କ୍ଷଣି ମାଡ଼ିଆସିଥିଲେ ଲକ୍ଷାଧିକ ଭକ୍ତ

### ପ୍ରବେଶ-ପ୍ରସ୍ଥାନ ପାଇଁ ଥିଲା ମାତ୍ର ଗୋଟିଏ ରାସ୍ତା

### ପ୍ରସ୍ଥାନ ରାସ୍ତା ରୋକିଥିଲା ଭିଆଇପିଙ୍କ ବ୍ୟାରିକେଡ୍

■ **ପୁରୀ, ୨୯।୬ (ସମିସ):** ଆସିଥିଲେ ଶରଧାବାଲିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ। ଚକାଆଖି ସହ ଆଖି ମିଶାଇ ଲୁହ ଗଡ଼ାଇବେ, ଅଳି କରିବେ, ନିଜ ଦୁଃଖକଷ୍ଟ ଜଣାଇବା ସହ ପରିବାରର ସୁଖଶାନ୍ତି ପାଇଁ ଆଶୀର୍ବାଦ ମାଗିବେ। ଏମିତି ଆଶା ବିଶ୍ୱାସ ନେଇ କାହିଁ କେତେ ଦୂରରୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଥିଲେ ଲକ୍ଷଲକ୍ଷ ଭକ୍ତ। ହେଲେ ସରକାର ଓ ପ୍ରଶାସନର ଅବହେଳା ଯୋଗୁଁ ଚକାଆଖି ଆଗରେ ଏତେ ବଡ଼ ଅଘଟଣ ଘଟିଯିବ, ତାହା ସେମାନେ କଳ୍ପନା ସୁଦ୍ଧା କରିନଥିଲେ। ଭାବର ଠାକୁରଙ୍କୁ ମନର ଭାବ ଜଣାଇବା ପୂର୍ବରୁ ଚାଲିଗଲା ଜୀବନ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଓ ବହୁ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପ୍ରଶାସନିକ ଅବହେଳା ଏବଂ ଦାୟିତ୍ୱହୀନତାକୁ ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ। ସରକାର ମଧ୍ୟ ଏଭଳି ଅବହେଳାକୁ ସ୍ୱୀକାର କରିଛନ୍ତି।

**ରଥଯାତ୍ରାରେ ଅବ୍ୟବସ୍ଥାକୁ ନିନ୍ଦାକଲେ ଶ୍ରଦ୍ଧାଳୁ**

ଶନିବାର ଥିଲା ନବଦିନାତ୍ମକ ଯାତ୍ରାର ଦ୍ୱିତୀୟ ଦିବସ। ଭକ୍ତମାନେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରୁଥିଲେ। ଅନୁକୂଳ ପାଗ ସାଙ୍ଗକୁ ସପ୍ତାହାନ୍ତ। ଅର୍ଥାତ୍ ଚତୁର୍ଥ ଶନିବାର ଓ ରବିବାର ଦୁଇଦିନ ଛୁଟି ଥିଲା। ତେଣୁ ଶନିବାର ସନ୍ଧ୍ୟା ପରଠାରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଠାକୁରଙ୍କୁ ଦର୍ଶନ ଲାଗି ପ୍ରବଳ ଭିଡ଼ ଲାଗି ରହିଥିଲା। ରାତି ଯେତେ ବଢୁଥିଲା, ଭିଡ଼ ସେତେ ଅଧିକ ହେଉଥିଲା। ହେଲେ ନୀତିକାନ୍ତି ନିର୍ଘଣ୍ଟ ସମୟରେ ଚାଲିଥିବା ସତ୍ତ୍ୱେ ରାତି ୧୨ଟାରୁ ୧୨ଟା ▶ପୃଷ୍ଠା-୭

## କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

### ମୃତକଙ୍କ ଆତ୍ମୀୟଙ୍କୁ ୨୫ ଲକ୍ଷ ଲେଖାଏଁ ସହାୟତା



**ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୯।୬ (ସମିସ):** ରବିବାର ଭୋର ୪ଟାରେ ପୁରୀ ଶରଧାବାଲିରେ ଦଳାଚକଟା କାରଣରୁ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ଏପରି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବେ ନିଜେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥପ୍ରେମୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁରୀରେ ଲକ୍ଷଲକ୍ଷ ଭକ୍ତଙ୍କ ଦର୍ଶନ ବ୍ୟଗ୍ରତା ଓ ଭିଡ କାରଣରୁ ତିନି ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ଘଟିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି। ପରଲୋକଗତ ଭକ୍ତମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ଏହି ଘଟଣାର ତଦନ୍ତ କରିବେ।

## ସରକାର ସମ୍ପୂର୍ଣ୍ଣ ବିଫଳ: ନବୀନ

### ବେଖାତିର, ସମ୍ବେଦନହୀନ ମନୋଭାବକୁ ନିନ୍ଦା



**ମୃତକଙ୍କ ପରିବାର ସହ ଫୋନ୍‌ରେ କଥାହେଲେ**

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଏଭଳି ଅଘଟଣ ପାଇଁ ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ। 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି, ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଭୟାବହ ଅଘଟଣ ▶ପୃଷ୍ଠା-୭

**୧୦ହଜାରରୁ ଊର୍ଦ୍ଧ୍ୱ ପୁଲିସ ମୁତୟନ**

## ଅବ୍ୟବସ୍ଥା ଐତିହାସିକ

■ **ଭୁବନେଶ୍ୱର, ୨୯।୬ (ସମିସ):** ଚଳିତ ବର୍ଷ ରଥଯାତ୍ରାକୁ ସରକାର ଐତିହାସିକ କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଏହି ରଥଯାତ୍ରାରେ ସବୁ ଅବ୍ୟବସ୍ଥା ମଧ୍ୟ ଐତିହାସିକ ପର୍ଯ୍ୟାୟର। ଘରେ ନ ପଶୁଣୁ ଚାଳ ବାଜିବା ପରି ଚଳିତ ବର୍ଷ ଠାକୁରଙ୍କ ଓଷୁଅ ଚୋରିରୁ ଆରମ୍ଭ ହୋଇଥିବା ଅବ୍ୟବସ୍ଥା ଶରଧାବାଲି ଦଳାଚକଟା ମୃତ୍ୟୁ ପର୍ଯ୍ୟନ୍ତ ଲମ୍ବିଛି। ତାଳଧ୍ୱଜ ରଥର ବାରମ୍ବାର କଣମୋଡ଼, ନନ୍ଦିଘୋଷ ରଥ ନ ଗଡ଼ିବା, ଆଲୁଅ ଲଗାଇ ରଥ ଟଣାଯିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ କଷ୍ଟ ଦେଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁଲିସ ମୁତୟନ ବ୍ୟବସ୍ଥା ଅତୀତର ସବୁ ରଥଯାତ୍ରାକୁ ବଳି ଯାଇଛି। ୨୧ ଜଣ ଏସ୍‌ପି ଓ କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀଙ୍କ ସହ ୪୧ ଜଣ ଅତିରିକ୍ତ ଏସ୍‌ପି ପାହ୍ୟା, ୯୬ ଡ଼ିଏସ୍‌ପି, ୧୭୧ ଇନ୍‌ସପେକ୍ଟରଙ୍କୁ ପୁରୀରେ ଦାୟିତ୍ୱ ଦିଆଯାଇଥିଲା। ଏମାନଙ୍କ ବ୍ୟତୀତ ୨୦୫ ପ୍ଲାଟୁନ୍ ସଶସ୍ତ୍ର ପୁଲିସ, ୫ କମ୍ପାନୀ ଆର୍‌ପିଏଫ୍, ୩ ୟୁନିଟ୍ ଏସ୍‌ଟିୟୁ ଓ ଗୋଟିଏ ୟୁନିଟ୍ ଏସ୍‌ଓଜି, ▶ପୃଷ୍ଠା-୭

### ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

■ **ଭୁବନେଶ୍ୱର, ୨୯।୬ (ସମିସ):** ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସ ଏହି ମାମଲା ରୁଜୁ କରିଛନ୍ତି। ନିଜେ କମିଶନ ତଦନ୍ତ କମିଟି ଗଠନ କରି ଅଘଟଣ ସ୍ଥଳ ପରିଦର୍ଶନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଅବହେଳା ପାଇଁ ପ୍ରଶାସନର ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମୃତବ୍ୟକ୍ତିଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଶ୍ରୀ ଦାସ ନିବେଦନ କରିଛନ୍ତି।

## ବଦଳିଲେ ପୁରୀ ଜିଲ୍ଲାପାଳ ଓ ଏସ୍‌ପି



**ଚଞ୍ଚଳ ରାଣା ଜିଲ୍ଲାପାଳ, ପିନାକ ମିଶ୍ର ଏସ୍‌ପି ନିଯୁକ୍ତ**

■ **ଭୁବନେଶ୍ୱର, ୨୯।୬(ସମିସ):** ଶରଧାବାଲିରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ପରେ ସରକାର ପୁରୀ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସପି ଭିନିତ ଅଗ୍ରୱାଲଙ୍କୁ ବଦଳି କରିଛନ୍ତି। ଏହା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢୀଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗ ଯୋଗୁଁ ନିଲମ୍ବିତ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀର ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଲ୍ ରାଣାଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଏସ୍‌ପି ରୂପେ ପିନାକମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି।

### ମୁଖ୍ୟ ପ୍ରଶାସକଙ୍କ କ୍ଷମତା ସଙ୍କୁଚିତ

## ଅରବିନ୍ଦ ଅଗ୍ରୱାଲ୍ କରିବେ ରଥ ପରିଚାଳନା

■ **ଭୁବନେଶ୍ୱର, ୨୯।୬ (ସମିସ):** ରଥଯାତ୍ରାର ସୁରୁଖୁରୁ ପରିଚାଳନା ଶ୍ରୀମନ୍ଦିର ପ୍ରଶାସକଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ହୋଇଥିଲେ ହେଁ ଚଳିତ ବର୍ଷ ସୀମା ଟପିଥିବା ଅବ୍ୟବସ୍ଥା ତାଙ୍କୁ ସାଧାରଣରେ ନିନ୍ଦିତ କରିଛି। ଚଳିତ ବର୍ଷ ରଥଯାତ୍ରା ପରିଚାଳନାକୁ ନେଇ ଆରମ୍ଭରୁ ସମାଲୋଚନାର ଶରବ୍ୟ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ କ୍ଷମତା ସଙ୍କୁଚିତ କରିଛନ୍ତି ରାଜ୍ୟ ସରକାର। ମୋଦକ ଚୋରି ବିବାଦ ପରେ ରଥ ଟଣାକୁ ନେଇ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ନିଶାଣକୁ ଆସିଥିଲେ ହେଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଥିଲେ। ମାତ୍ର ଦଳାଚକଟା ଘଟଣା ପରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ କ୍ଷମତାକୁ ସଙ୍କୁଚିତ କରିଛନ୍ତି ସରକାର। ରଥଯାତ୍ରା ପରିଚାଳନା ଦାୟିତ୍ୱରୁ ଶ୍ରୀ ପାଢ଼ୀଙ୍କୁ ଅବ୍ୟାହତି ଦେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ▶ପୃଷ୍ଠା-୭

**ପୁଲିସ୍ ବ୍ୟବସ୍ଥା ତଦାରଖ କରିବେ ସୌମେନ୍ଦ୍ର ପ୍ରିୟଦର୍ଶୀ**

## ରାହୁଲ, ଖଡ଼୍‌ଗେଙ୍କ ଉଦ୍‌ବେଗ ପ୍ରକାଶ

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀରେ ରଥଯାତ୍ରା ସମୟରେ ଦଳାଚକଟା ଘଟଣାରେ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଚିନ୍ତାପ୍ରକଟ କରିଛନ୍ତି। 'ଏକ୍ସ'ରେ ରାହୁଲ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଏବଂ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କୁ ତ୍ୱରାନ୍ୱିତ କାର୍ଯ୍ୟ କରିବାକୁ ନିବେଦନ କରିଥିବା ବେଳେ କଂଗ୍ରେସ କର୍ମୀମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବାକୁ ସେ ଅନୁରୋଧ କରୁଛନ୍ତି। ଅନ୍ୟପଟେ ଏହି ଦୁଃଖଦ ଘଟଣା ଏକ ଗମ୍ଭୀର ଚେତାବନୀ ବୋଲି ରାହୁଲ୍ ଉଲ୍ଲେଖ କରିବା ସହ ଏତେ ବଡ଼ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଏବଂ ଭିଡ଼ ପରିଚାଳନା ପ୍ରସ୍ତୁତି ଗମ୍ଭୀରତାର ସହିତ ସମୀକ୍ଷା କରାଯିବା ଉଚିତ ବୋଲି ରାହୁଲ ▶ପୃଷ୍ଠା-୭

## ମନ୍ତ୍ରୀ, ପ୍ରଶାସକଙ୍କ ସୁରକ୍ଷା ପାଇଁ ଅଫିସରଙ୍କୁ ବଳି!

### ମନ୍ତ୍ରୀସ୍ତରୀୟ କମିଟିର ଭୂମିକାକୁ ନେଇ ସାଧାରଣରେ କ୍ଷୋଭ

### ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିଲା କମିଟି

### କେବଳ ପାସ୍ ବଣ୍ଟନରେ ସୀମିତ ରହିଛି ମନ୍ତ୍ରିସ୍ତରୀୟ କମିଟି

■ **ଭୁବନେଶ୍ୱର, ୨୯।୬ (ସମିସ):** ଚଳିତ ରଥଯାତ୍ରା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ ଏବଂ ଭକ୍ତଗଣ ନିଜେ ଦିବ୍ୟ ଏବଂ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ନିଜେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ମାତ୍ର ରଥଯାତ୍ରା ଆରମ୍ଭରୁ ମୋଦକ ଚୋରିରୁ ବିଭ୍ରାଟ ଆରମ୍ଭ ହୋଇଥିବା ବେଳେ ରବିବାର ଶୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରବିବାର ପ୍ରତ୍ୟୁଷରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯାଇଛି। ଶ୍ରୀଗୁଣ୍ଡିଚା ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯିବା ଇତିହାସରେ ପ୍ରଥମ ଘଟଣା ହୋଇଥିବା ବେଳେ ଏହା ଦେଶବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଅଭାବନୀୟ ଘଟଣା ପାଇଁ ପରିଚାଳନାଗତ ବିଭ୍ରାଟ, ସରକାରଙ୍କ ଭୂମିକା, ଅପାରଗତା ଏବଂ ହେୟଜ୍ଞାନ ମନୋବୃତ୍ତିକୁ ଦାୟୀ କରୁଥିବା ବେଳେ ରାଜ୍ୟ ସରକାର ନିଜ ଉପରୁ ଦୋଷ ଝାଡ଼ିବାକୁ ପୁରା ଉଦ୍ୟମ ଚଳାଇଛନ୍ତି। ରଥଯାତ୍ରା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟି, ଆଇନମନ୍ତ୍ରୀ, ପ୍ରଶାସକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କେବଳ ବଦଳି କରିଛନ୍ତି। କଠୋର କାର୍ଯ୍ୟାନୁଷ୍ଠାନ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୀମାହୀନ ଅବ୍ୟବସ୍ଥା, ଚରମ ଅପାରଗତା ଓ ଅସୀମ ଉଦାସୀନତା ଯୋଗୁଁ ଇତିହାସରେ ଯାହା କେବେ ଘଟି ନ ଥିଲା; ଚଳିତ ବର୍ଷ ତାହା ଘଟିଛି। ରଥଯାତ୍ରାର ସୁପରିଚାଳନା ପାଇଁ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଏହି କମିଟିର ଭୂମିକା ଏଯାବତ୍ କଣ ବୋଲି ଜଗନ୍ନାଥପ୍ରେମୀ ପ୍ରଶ୍ନ କରୁଛନ୍ତି। ଘୋଷଯାତ୍ରା ବେଳେ ଏହି କମିଟିରେ ସଦସ୍ୟ ଥିବା ମନ୍ତ୍ରୀମାନେ କେବଳ ସମର୍ଥକଙ୍କୁ ପାସ୍ ବାଣ୍ଟିବା ଛଡ଼ା କୁଟାକୁ ଦିଖଣ୍ଡ କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ରଥଯାତ୍ରା ପୂର୍ବରୁ ଆଇନ ମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ ତ୍ରୁଟିଶୂନ୍ୟ ଏବଂ ଶୃଙ୍ଖଳିତ ରଥଯାତ୍ରା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଆସୁଥିଲେ। ମାତ୍ର ଗତ ୩ ଦିନ ଧରି ଘଟଣାବଳୀ ରାଜ୍ୟ ସରକାରଙ୍କ ପାରିବାପଣିଆଙ୍କୁ ସାଧାରଣରେ ଉଜାଗର କରିଛି। ସରକାରର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଉତ୍ତରଦାୟୀ ଓ ଏଥିପାଇଁ ▶ପୃଷ୍ଠା-୭

## ବାପାଙ୍କ ସମୟରେ ୬, ପୁଅ ସମୟରେ ୩ ମୃତ

■ **ଭୁବନେଶ୍ୱର, ୨୯।୬ (ସମିସ):** ଦୁଇଦିନ ତଳେ ଚଳିତ ବର୍ଷ ରଥଯାତ୍ରାକୁ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଅବଶ୍ୟ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ତାହା ଭୁଲ ବୋଲି କୁହାଯାଇ ପାରିବ ନାହିଁ। ଚଳିତ ବର୍ଷ ରଥଯାତ୍ରା ଅବ୍ୟବସ୍ଥାରେ ଇତିହାସ ସୃଷ୍ଟି କରିଛି। ଅତୀତର ଇତିହାସ ଲେଉଟାଇଲେ ଏପରି ବିଶୃଙ୍ଖଳା କେବେ ଘଟି ନ ଥିଲା ଓ ଭବିଷ୍ୟତରେ ଘଟିବ କି ନାହିଁ ସନ୍ଦେହ। ତେବେ ଚଳିତ ବର୍ଷ ରଥଯାତ୍ରାରେ ଏକ ଐତିହାସିକ ସଂଯୋଗ ଦେଖିବାକୁ ମିଳିଛି। ୧୭ ବର୍ଷ ତଳ ଅର୍ଥାତ୍ ୨୦୦୮ରେ ବିଶ୍ୱଭୂଷଣ ହରିଚନ୍ଦନ ଆଇନମନ୍ତ୍ରୀ ଥିବାବେଳେ ରଥଯାତ୍ରାରେ ଦଳାଚକଟା ହୋଇଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିଛି। ଏବେ ଆଇନମନ୍ତ୍ରୀ ଥିବା ବିଶ୍ୱଭୂଷଣଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମୟରେ ଦଳାଚକଟାରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି।

### ବରେଇପାଲିରେ ଟ୍ରାଫିକ୍ ପରିଚାଳନାରେ ଅବ୍ୟବସ୍ଥା

# ସନ୍ଧ୍ୟା ୭ରୁ ଟ୍ରାଫିକ ପୁଲିସଙ୍କ କାମ ଶେଷ

ସମ୍ବଲପୁର, ୨୯।୬(ସମିସ)



**ଉପସ୍ଥିତ ଥିଲେ ମଧ୍ୟ ଅଣଦେଖା**

**ବରେଇପାଲିରେ ସଙ୍ଗୀନ ଅବ୍ୟବସ୍ଥା**

ସନ୍ଧ୍ୟା ୭ ଟା ବାଜିଲେ ଟ୍ରାଫିକ କର୍ମଚାରୀଙ୍କ କାମ ଶେଷ। ଯଦି ବା କେହି ଥିବେ ତାହାଲେ କେଉଁ କଡ଼ରେ ଯାଇ ବସି ରହୁଛନ୍ତି। ଏପଟେ ଗାଡ଼ି ଜାମ ହେଲେ ମଧ୍ୟ କିଏ ପଚାରେ। କେବଳ ଦିନ ବେଳେ ସହର ମଧ୍ୟରେ କାମ କରୁଛନ୍ତି। ଜାତୀୟ ରାଜପଥ କଥା ନକହିବା ଭଲ। ସକାଳ ହେଉ ବା ସନ୍ଧ୍ୟା କର୍ମଚାରୀଙ୍କ ଭଲ ଭାବେ ଦେଖା ନାହିଁ ଲୋକେ ଜାମରେ ଫସି ନିଜେ ଉପାୟ କାଢି ବାହାରୁଛନ୍ତି। କିନ୍ତୁ ସହରର ବରେଇପାଲି ଛକ ଅତି ଜଟିଳ। ଏହି ଛକ ଦେଇ ଯଦି ମନ୍ତ୍ରୀ, ନେତା କିମ୍ବା କେହି ବଡ ଅଧିକାରୀ ଯିବାର ଯୋଜନା ଥିବ ତାହାଲେ ସେଦିନ ଅଧିକ ସଂଖ୍ୟାରେ ଟ୍ରାଫିକ କର୍ମଚାରୀ ଦେଖାବାକୁ ମିଳିଥାଏ।ହେଲେ ଅନ୍ୟ ଦିନ ଗୁଡ଼ିକରେ ନାହିଁ ନଥିବା କଥା କହିଲେ ଚଳେ। ଏହି ଛକ ସହରର ପ୍ରମୁଖ ଛକ। ବରଗଡ଼, ଛତିଶଗଡ଼ ଗାଡ଼ି ଏହି ଛକ ଦେଇ ପ୍ରାୟ ଯିବା ଆସିବା କରିଥାଏ। ତା ସାଙ୍ଗକୁ ଛକକୁ ଲାଗି ସର୍ଭିସ ରୋଡ଼ ଆଉ କ୍ଷେତରାଜପୁର, ଡେଙ୍ଗସର୍ଗି ଆଡ଼କୁ ରାସ୍ତା ରହିଛି। ପ୍ରାୟ ସମୟରେ ଏହି ଛକରେ ଜାମ ଲାଗିବା ସହିତ ଛୋଟବଡ ଦୁର୍ଘଟଣା ଲାଗିଥାଏ। ଛକ ଠାରୁ ୨ ଶହ ମିଟର ଦୂରରେ ବରେଇପାଲି ଥାନା ରହିଛି। ହେଲେ ବିପର୍ଯ୍ୟସ୍ତ ଟ୍ରାଫିକ ପରିଚାଳନା ଯୋଗୁଁ ସମ୍ବଲପୁରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜପଥରେ ମଝିରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯାଇଛି। କିନ୍ତୁ ଦେଢ ବର୍ଷ ହେଲାଣି ସେହି ପୋଷ୍ଟରେ କୌଣସି ଟ୍ରାଫିକ ପୁଲିସ କେବେ ହେଲେ କାମ କରିନାହାନ୍ତି।

ବରେଇପାଲି ଛକ ଓସାରିଆ ଛକ। ତେଣୁ ଏହି ଛକରେ ଅତି କମରେ ଦୁଇ ଜଣ ଟ୍ରାଫିକ ପୁଲିସଙ୍କ ଆବଶ୍ୟକ ରହିଛି। କିନ୍ତୁ ଜିଲ୍ଲା ଟ୍ରାଫିକ ପ୍ରସାଶନ ପକ୍ଷରୁ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ଟ୍ରାଫିକ ପୁଲିସ ଗୋଟାଏ କଣରେ ଛିଡ଼ା ହୋଇ ପରିଚାଳନା କରିଥାନ୍ତି। ତେଣୁ ଉଭୟ ପାର୍ଶ୍ୱର ଗାଡ଼ି ସହିତ ସର୍ଭିସ ରୋଡର ଗାଡ଼ି ପ୍ରାୟ ସମୟରେ ଜାମରି ଫସିଥାନ୍ତି। ଗୋଟାଏ କଡ଼ରେ ଟ୍ରାଫିକ କର୍ମଚାରୀ ଛିଡା ହୋଇଥିବାରୁ ଭଲ ଭାବେ ଗାଡ଼ି ଚାଳକଙ୍କୁ ମଧ୍ୟ ଦେଖା ଯାଇ ନଥାଏ। ଅନେକ ସମୟରେ କେହି କର୍ମଚାରୀ ମଧ୍ୟ ରହିନଥାନ୍ତି। ଏବେ ବର୍ଷା ସମୟରେ ଅଧିକାଂଶ ସମୟ ଜାମ ଦେଖାଦେବ। ସନ୍ଧ୍ୟା ୭ଟା ହେଲେ କର୍ମଚାରୀମାନେ ଛକ ସ୍ଥିତ ଦୋକାନ ଗୁଡ଼ିକରେ ଜମା ହୋଇଥାନ୍ତି। ଏପରି ସ୍ଥିତିରେ ଗାଡ଼ିଚାଳକ, ପଥଚାରୀ ଅସୁବିଧା ଭୋଗି ଥାନ୍ତି। ତେଣୁ ପୁଲିସ ପ୍ରଶାସନ ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ପେଟ୍ରୋଲ ପମ୍ପରୁ ତେଲ ବଦଳରେ ବାହାରୁଛି ପାଣି



**ସମ୍ବଲପୁର, ୨୯।୬(ସମିସ):** ଗାଡ଼ିରେ ଡିଜେଲ ପକାଇ ଗାଡି ନେଇ ବାହାରକୁ ଗଲେ। କିଛି ବାଟ ଗଲା ପରେ ଗାଡ଼ି ଅଟକି ରହିଲା। ପରେ ତଦାରଖ କରିବାରୁ ଟାଙ୍କିରେ ଡିଜେଲ ବଦଳରେ ପାଣି ରହି ଥିବା ଜାଣିବାକୁ ପାଇଲେ। ତେଣୁ ତେଲ ଟାଙ୍କିକୁ ଆସି ବୋତଲରେ ଡିଜେଲ ମାଗିଲେ। କିନ୍ତୁ ବୋତଲରେ କେବଳ ଗୋଳିଆ ପାଣି ଆସିଲା। ଯାହାକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଇଁଠାପାଲି ସ୍ଥିତ 'ରତନ ଏଜେନ୍ସି' ପେଟ୍ରୋଲ ପମ୍ପରେ ଏପରି ଅଭାବନୀୟ ଘଟଣା ଘଟିଯାଇଛି। କେବଳ ଜଣେ ଗ୍ରାହକଙ୍କ ସହ ଏପରି ଘଟିନାହିଁ। ୨୦ରୁ ଅଧିକ ଗ୍ରାହକଙ୍କ ସହ ଏପରି ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ମୁଦିପଡ଼ାର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟରରେ ତେଲ ପକାଇବାନେଇ ରତନ ଏଜେନ୍ସିକୁ ଗାଡ଼ି ଆସିଥିଲା। ଟାଙ୍କିରେ ଡିଜେଲ ଫୁଲ କରି ଗାଡି ବାହାରି ଯାଇଥିଲା। କିଛି ବାଟ ଯିବା ପରେ ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇ ଯାଇଥିଲା। ମେକାନିକ ଗାଡ଼ି ତଦାରଖ କରିବା ବେଳେ ଟାଙ୍କିରେ ପାଣି ରହିଥିବା ଜାଣିବାକୁ ପାଇଥିଲା। ପରେ ଗାଡ଼ି ମାଲିକ ପେଟ୍ରୋଲ ପମ୍ପକୁ ଆସି ବୋତଲରେ ତେଲ ମାଗିଥିଲେ। ପେଟ୍ରୋଲ ପମ୍ପରୁ ବୋତଲରେ ଗୋଳିଆ ପାଣି ଆସିଥିଲା। ଏହି ସମୟରେ ଅନେକ ଗ୍ରାହକ ସେଠାକୁ ଆସି ସମାନ ଅଭିଯୋଗ କରିଥିଲେ। ବର୍ଷା ଅଧିକ ସମୟ ହେଉଥିବାରୁ ଡ୍ରେନ ପାଣି ପେଟ୍ରୋଲ ପମ୍ପର ମୁଖ୍ୟ ଟ୍ୟାଙ୍କି ଭିତରକୁ ପ୍ରବେଶ କରିଥିବ ବୋଲି ପମ୍ପ କର୍ତ୍ତୃପକ୍ଷ କହିଛନ୍ତି। କିନ୍ତୁ ଗାଇଡ଼ଲାଇନ ଅନୁସାରେ ପମ୍ପର ଟାଙ୍କି ତିଆରି ହୋଇଥାଏ। ତେଣୁ ଏଥିକେ କିପରି ପାଣି ଯିବ ବୋଲି ଉପସ୍ଥିତ ଗ୍ରାହକ ପ୍ରଶ୍ନ କରିଥିଲେ। ତେଣୁ ଯୋଗାଣ ବିଭାଗ ଏ ନେଇ ତଦନ୍ତ କରିବା ଆବଶ୍ୟକ ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି।



ଶ୍ରୀ ଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କ ମତ୍ସ୍ୟ କଚ୍ଛପ ଅବତାର

### ମହାପ୍ରଭୁଙ୍କ ଦର୍ଶନ ସମୟରେ ଦଳାଚକଟା

# ସରକାରଙ୍କ ଅବହେଳା ଓ ଅବ୍ୟବସ୍ଥାକୁ ଦର୍ଶାଉଛି :ରୋହିତ

**ସମ୍ବଲପୁର, ୨୯।୬ (ସମିସ):** ପୁରୀ ଶରଧାବାଲିରେ ରଥାରୁଢ଼ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଦଳାଚକଟା ଘଟଣାରେ ୩ ଜଣ ଭକ୍ତଙ୍କ ପ୍ରାଣହାନୀ ହେବା ଏବଂ ଅନେକ ଭକ୍ତ ଆହତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ସମଲେଶ୍ୱରୀ ନିକଟରେ ପ୍ରାର୍ଥନା କରୁଛନ୍ତି ଇଂ ପୂଜାରୀ। ଏହା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଏହି ଘଟଣା ରାଜ୍ୟ ସରକାରଙ୍କ ଚରମ ଅବହେଳା ଏବଂ ଅବ୍ୟବସ୍ଥାକୁ ଦର୍ଶାଉଛି ବୋଲି କହିଛନ୍ତି। ସରକାରଙ୍କୁ ଅନୁରୋଧ କରି କହିଛନ୍ତି ଯେ ଆଗାମୀ ଦିନରେ କିଭଳି ଆଡ଼ପ ବିଜେ, ବାହୁଡ଼ା ଏବଂ ସୁନାବେଶ ଏବଂ ମହାପ୍ରଭୁଙ୍କ ଅନ୍ୟାନ୍ୟ ରୀତିନୀତି ଯେପରି ସୁରୁଖୁରୁରେ ସମାପନ ହେବ ସେଥିପ୍ରତି ସମ୍ବେଦନଶୀଳତାର ସହ ଦୃଷ୍ଟି ଦେବେ ସେଥି ପ୍ରତି ଉଚିତ୍ ପଦକ୍ଷେପ ଗ୍ରହଣ କରନ୍ତୁ। ଏହା ସହ ସମଗ୍ର ଓଡ଼ିଶାବାସୀଙ୍କ ଭାବାବେଗ ସହ ଖେଳି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀଗଣ ଅତ୍ୟଧିକ ପାସ ବଣ୍ଟନ କରି ମହାବିଭ୍ରାଟ ସୃଷ୍ଟି କରିବାକୁ ଦୃଢ଼ ନିନ୍ଦା କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଓଡ଼ିଶା ବାସୀ ତଥା ଭାରତ ବାସୀଙ୍କ ଭାବାବେଗ ସହିତ ଜଡିତ। ବିଗତ ବର୍ଷ ମାନଙ୍କରୁ ଏ ବର୍ଷ ରଥ ଯାତ୍ରାରେ ବ୍ୟାପକ ଅନିୟମିତତା ଓ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଆହତ ହୋଇ ଭର୍ତ୍ତି ହେବାର ସୂଚନା ମଧ୍ୟ ମିଳିଛି।

# ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ରତ୍ନମୁଦ ସମ୍ପନ୍ନ

**ସମ୍ବଲପୁର, ୨୯।୬(ସମିସ):** ସମ୍ବଲପୁର ପ୍ରେସ୍ କ୍ଲବ୍‌ଠାରେ ନବନିର୍ମିତ ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରୁ ପୂଜା, ହୋମ, ଯଜ୍ଞ ସମ୍ପନ୍ନ ହେବାପରେ ଅପରାହ୍ଣ ୩ଟାରେ ରତ୍ନମୁଦ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଚଢାଇଥିବା ସ୍ୱର୍ଣ୍ଣ, ରୌପ୍ୟ, ଅଷ୍ଟଧାତୁ, ଧାତବ ମୁଦ୍ରା, ଧାନ, ମୁଗ ବିହନ ଆଦି ପଞ୍ଚଶସ୍ୟରେ ମନ୍ଦିର ଚୂଡ଼ାକୁ ମୁଦ ମରା ଯାଇଥିଲା। ନାମ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପୂଜାସ୍ଥଳ କମ୍ପିଥିଲା। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ରଶର୍ମା, ପଣ୍ଡିତ ଶତାର୍ଷି ମିଶ୍ର, ପଣ୍ଡିତ ସିଦ୍ଧାର୍ଥ ଦାସ, ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରେସ୍ କ୍ଲବ୍‌ର ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ହେମନ୍ତ ମହାପାତ୍ର ଏବଂ ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ସମେତ କ୍ଲବ୍‌ର ସଦସ୍ୟସଦସ୍ୟା, ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ମିଶ୍ର ଏବଂ ଭାବନା ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୀତାରାମ ଅଗ୍ରୱାଲ, ଆଡ୍‌ଭୋକେଟ୍ ଦୀନଦୟାଲ ଅଗ୍ରୱାଲ, ଇଂ ସୁଶାନ୍ତ କୁମାର ଗୁରୁ, ପ୍ର. ସେବକ ତ୍ରିପାଠୀ, ଡ. ଶ୍ୟାମସୁନ୍ଦର ଧର, ରାଧାମାଧବ ବହିଦାର, ରାମଶଙ୍କର ସାହୁ, ସୁବ୍ରତ ସାହୁଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରୀ ସିଦ୍ଧିବିନାୟକଙ୍କ ସପ୍ତାହବ୍ୟାପି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆଜି ରତ୍ନମୁଦ ସହ ଆରମ୍ଭ ହୋଇଛି। ଆସନ୍ତାକାଲି (ସୋମବାର) ସଂଧ୍ୟାରେ ଅଙ୍କୁରାରୋପଣ କରାଯିବ। ମଙ୍ଗଳବାର ଅଧିବାସ ପରେ ୨ ତାରିଖ ବୁଧବାର କଳସ ଶୋଭାଯାତ୍ରା ସହ ମୁଖ୍ୟ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୪ ତାରିଖ ଯାଏ ଚାଲିବ।



# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର, ୫ ଆହତ




**ଜମନକିରା, ୨୯ ।୬(ସମିସ):** ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଜାତୀୟ ରାଜପଥ ୫୩ ଜମନକିରା ସମ୍ବଲପୁର ରାସ୍ତା ବଡ଼ରମା ଘାଟି ଉପରେ ରବିବାର ଦିନ ପ୍ରାୟ ୧ଟା ରେ କୁଚିଣ୍ଡାରୁ ସମ୍ବଲପୁର ଫେରୁଥିବା ନିଲାଞ୍ଚଳ ବସ ଓ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ବସ୍ ଡ୍ରାଇଭରର ଗୋଡ଼ ଭାଙ୍ଗି ଗୁରୁତର ହୋଇ ମେଡିକାଲ ୧୦୮ ଗାଡ଼ିରେ ନିଆ ଯାଇଥିଲା। ବସ ଯାତ୍ରୀଙ୍କ ମଧ୍ୟରୁ ୫ ଜଣ ଆହତ ହୋଇ ଥିବା ପୁଲିସ କହୁଥିବା ବେଳେ ଅଧିକା ଆହତ ଥିବା ବସ୍‌ଯାତ୍ରୀ କହିଛନ୍ତି। ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରାସ୍ତା ଜାମ ରହିଥିଲା। ଖବର ପାଇ ଗୌଡ଼ପାଲି ପୁଲିସ ଓ ଜମନକିରା ଫାୟାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବାରମ୍ବାର ଘାଟି ରାସ୍ତା ଉପରେ ଗାଡ଼ି ଜାମ ରହୁଥିଲେ ବି ଏନଏଚ୍‌ଆଇ ଚାରିଟିକିଆ ରାସ୍ତା ଜମନକିରାରୁ ଗୌଡପାଲି ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ପ୍ରାୟ ଦିନ ରାସ୍ତା ଜାମ ରହୁ ଥିବା ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।

### ■ ଜମନକିରାରେ ସମ୍ବଲପୁର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

# ପେନସନ, ପ୍ରୋଟେକ୍ସନ୍ ଓ ଟୋଲ ଟ୍ୟାକ୍ସ ମୁକ୍ତ ଦାବି

**ଜମନକିରା, ୨୯।୬ (ସମିସ):** ସମାଜ ପାଇଁ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରଙ୍କ ନିକଟରେ ସାମ୍ବାଦିକଙ୍କ ହକ ଓ ସ୍ୱାର୍ଥ ପାଇଁ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ସଂଗ୍ରାମ ଜାରି ରଖିବ। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଏଥିରେ ବାପା, ମାଁଙ୍କୁ ସାମିଲ, ସାମ୍ବାଦିକ ସୁରକ୍ଷା ଆଇନ, ସାମ୍ବାଦିକଙ୍କୁ ପେନସନ ଏବଂ ଜାତୀୟ ରାଜପଥରେ ଥିବା ଟୋଲ ଗେଟରେ ଟୋଲ ଟ୍ୟାକ୍ସ ମୁକ୍ତ ପ୍ରବେଶ ଦାବି ହୋଇଛି। ଜମନକିରା ଠାରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ(ଓୟୁଜେ)ର କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇବା ସହିତ ଦାବି ହୋଇଛି। ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଓୟୁଜେ ରାଜ୍ୟ କୋଷାଧକ୍ଷ ଅମୁଲ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇ ଓୟୁଜେ ପେନସନ୍, ପ୍ରୋଟେକ୍ସନ୍ ପାଇଁ ଦୀର୍ଘ ଦିନ ଧରି ସ୍ୱର ଉତ୍ତୋଳନ କରି ଆସୁଛି। ଏଣୁ ଆଗକୁ ହକ ପାଇଁ ଆନ୍ଦୋଳନ କରିବାକୁ ସଂଘ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଉପସଭାପତି ଦିନେଶ ମାହାନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜାତୀୟ ପରିଷଦ ସଦସ୍ୟ ସଚିକାନ୍ତ ସାହୁ, ଜିଲ୍ଲା କୋଷାଧକ୍ଷ ହେମନ୍ତ ରାଉତ, ଜିଲ୍ଲା ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ଜମନକିରା ବ୍ଲକ ସଭାପତି କ୍ଷିତି ରଞ୍ଜନ ପଧାନ, ସମ୍ପାଦକ ସନ୍ତୋଷ ପଟେଲ ମଞ୍ଚାସିନ ଥିଲେ। ଜମନକିରା ସାମ୍ବାଦିକ ୟୁନିୟନ ସଦସ୍ୟ ସଞ୍ଜୟ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ମନୋଜ ରାଜ ବିବରଣୀ ପଠନ କରିଥିଲେ। କୁଚିଣ୍ଡା ବ୍ଲକ ସମ୍ପାଦକ ତପନ ଦାଶ, ବାମରା ବ୍ଲକ ସଭାପତି ସନ୍ତୋଷ ଶୁକ୍ଳା, ନାକଟିଦେଉଳ ବ୍ଲକ ସଭାପତି କନ୍ଦର୍ପ ବେହେରା, ରେଢାଖୋଲ ବ୍ଲକ ସଭାପତି ପ୍ରସନ୍ନ ପ୍ରଧାନ, ଯୁଜୁମୁରା ବ୍ଲକ ସଭାପତି ରାଧାମୋହନ ଷଡଙ୍ଗୀ, ରେଙ୍ଗାଲି ବ୍ଲକ ସଭାପତି ମନୋଜ ମୁଦୁଲିଙ୍କ ସମେତ ବରିଷ୍ଠ ସଦସ୍ୟ ଅମୂଲ୍ୟ ମିଶ୍ର, ଦୁର୍ଗା ଶଙ୍କର ବାଘ, ପ୍ରକାଶ ଶର୍ମା, ରମାକାନ୍ତ ମହାନନ୍ଦ ପ୍ରମୁଖ ଆଲୋଚନା କରି ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ କର୍ମଶାଳାର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ଜମନକିରା ବ୍ଲକ କୋଷାଧକ୍ଷ ଅଶ୍ୱିନୀ ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ।



# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ରଥଯାତ୍ରା



**ସମ୍ବଲପୁର, ୨୯।୬(ସମିସ):** ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସମ୍ମାନଜନକ ଭକ୍ତିଜନକ ଓ ସଂସ୍କୃତିକ ଉତ୍ସାହ ସହିତ ରଥଯାତ୍ରା ପାଳିତ ହୋଇଛି। ରିତିନୀତି ଅନୁସାରେ ସମସ୍ତ ପୂଜା ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ସମାପନ ହୋଇଥିଲା। ଜଗତର ନାଥ ଆରାଧ୍ୟ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥରେ ସ୍ଥାପନା କରି ବିଦ୍ୟାଳୟ ପ୍ରାଙ୍ଗଣ ପରିକ୍ରମା କରାଯାଇଥିଲା। ସ୍କୁଲ ଚେୟାରମ୍ୟାନ ଆନନ୍ଦ ଆଗ୍ରୱାଲ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକୁ ନେଇ ପ୍ରଂଶସା କରିଥିଲେ। ଶେଷରେ ପ୍ରସାଦ ବିତରଣ କରାଯାଇଥିଲା।

# ନାଟ୍ୟକଳା ପରିଷଦ ପକ୍ଷରୁ ଶୋକସଭା

**ସମ୍ବଲପୁର, ୨୯।୬(ସମିସ):** ସମ୍ବଲପୁର ସାମ୍ବାଦିକ ଭବନଠାରେ ସମ୍ବଲପୁରର ସର୍ବ ପୁରାତନ ନାଟ୍ୟ ଅନୁଷ୍ଠାନ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଅନୁଷ୍ଠାନର ସଭାପତି ଡ. ଶିବନାରାୟଣ ଶତପଥୀଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସ୍ଥିତ ରହି ପ୍ରଭାସ ବେନର୍ଜି, ଶିରୀଷ ଚନ୍ଦ୍ର ପୂଜାରୀ, ଡ. ସତ୍ୟନାରାୟଣ ଠାକୁର, ସୁବାସ ନନ୍ଦ, ସଦାନନ୍ଦ ସୋନବର୍ଷା, ନରେନ୍ଦ୍ର ବେହେରା, ସୂର୍ଯ୍ୟ ପାଣିଗ୍ରାହୀ, ଦିଲୀପ କୁମାର ପୃଷ୍ଟି, ଗୋରେଖଲାଲ ଦାସ, ଅପର୍ଣ୍ଣା ପାଢ଼ୀ, ପ୍ରଶାନ୍ତ ମହାରଣା ପ୍ରମୁଖ ସ୍ୱର୍ଗତ ଶତପଥିଙ୍କ ସ୍ମୃତି ଚାରଣ କରିଥିଲେ। ଅତ୍ୟନ୍ତ ସ୍ୱାଭିମାନୀ ସ୍ପଷ୍ଟବାଦୀ ଡ. ଶିବନାରାୟଣ ଶତପଥୀଙ୍କଠାରେ ଶିକ୍ଷା, ସଂସ୍କୃତି ଓ ସାଙ୍ଗଠନିକ ଦକ୍ଷତାର ତ୍ରିବେଣୀ ସଙ୍ଗମ ହୋଇଥିଲା ବୋଲି ସଭାରେ ସଦସ୍ୟମାନେ ଆଲୋଚନା କରିଥିଲେ। ସଭା ପୂର୍ବରୁ ଦିବଂଗତ ଡ. ଶତପଥିଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ବିରୁପାକ୍ଷ ପ୍ରଧାନ, ସଦସ୍ୟ ଅଶୋକ କୁମାର ମିଶ୍ର, ଯୋଗେଶ କୁମାର ନନ୍ଦ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପବ୍ଲିକ ଲାଇବ୍ରେରୀରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

# ନିରନ୍ତର ବିକାଶରେ ଭାଗିଦାରୀ ରଖ, ଅହିଂସୁ ହୁଅ



**ସମ୍ବଲପୁର, ୨୯।୬(ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଛି। ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ଅହିଂସା ଉପରେ ଆଲୋକପାତ କରି ଡ. ମୀନକେତନ ପାଠୀ ସାଧାରଣ ଜୀବନରେ ଅହିଂସାର ଆବଶ୍ୟକତା ଉପରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଏହା ସହ ପିଲାଙ୍କୁ ହିଂସା ଠାରୁ ଦୂରେଇ ରହିବାକୁ ଉପଦେଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ନିରନ୍ତର ବିକାଶ ଉପରେ ଆଲୋଚନା କରି ଇଂ ସୁଶାନ୍ତ କୁମାର ଗୁରୁ ବିକାଶର ବିଭିନ୍ନ ଦିଗ ଓ ଉତ୍ସ ଉପରେ ବକ୍ତବ୍ୟ ରଖି ସାମାଜିକ, ଅର୍ଥନୈତିକ ଓ ପ୍ରଦୂଷଣକୁ ଅକ୍ଷୁର୍ଣ୍ଣ ରଖି ଘରେ ଓ ବାହାରେ କିପରି ଆମେ ପରିବେଶକୁ ସୁସ୍ଥ ରଖିପାରିବା ସେ ବିଷୟରେ ସୂଚନା ଦେଇ ପିଲାଙ୍କୁ ସଚେତନ କରେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ଆରମ୍ଭରୁ ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷାପ୍ରଦାନ ସହ ସମସ୍ତ କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପତି, ସେବକ ତ୍ରିପାଠୀ, ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ସାହୁ ବୈଷୟିକ ସହାୟତା ଦେଇଥିଲେ। କାର୍ଯ୍ୟକ୍ରମରେ ୧୮ ଟି ବିଦ୍ୟାଳୟରୁ ୫୨ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଉଚ୍ଚ ଶିକ୍ଷାର ସମସ୍ୟା ଓ ପ୍ରତିକାର ନେଇ ଆଲୋଚନାଚକ୍ର

କୁଚିଣ୍ଡା, ୨୯।୬(ସମିସ)



କୁଚିଣ୍ଡା ସଚେତନ ନାଗରୀକ ମଞ୍ଚ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ 'ଉଚ୍ଚଶିକ୍ଷା ସମସ୍ୟା ଓ ପ୍ରତିକାର' ନେଇ ସଚେତନ ନାଗରକୀ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ବହୁଳ କୁଚିଣ୍ଡା ଉପଖଣ୍ଡରେ ବିଭିନ୍ନ ସମସ୍ୟା ରହିଥିବା ବେଳେ ଏହାର ସମାଧାନ ଏବଂ ଆଦର୍ଶ କୁଚିଣ୍ଡା ଗଠନ କରିବାକୁ ଗତ ବର୍ଷ ନବ ନିର୍ବାଚିତ କୁଚିଣ୍ଡା ବିଧାୟକ ତଥା ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଏହାର ସଫଳତା ସଂକ୍ରାନ୍ତରେ ସଦସ୍ୟମାନେ ଆଲୋଚନା କରି ଆଗାମୀ ଦିନରେ ପୁନଃ ଏକ ବୈଠକ କରିବାକୁ ସଭାରେ ନିଷ୍ପତ୍ତି ହୋଇଥିଲା। ସେହିପରି କୁଚିଣ୍ଡାର ବିଭିନ୍ନ ମୌଳିକ ସମସ୍ୟାର ନିରାକରଣ ପ୍ରତି ଦାବି ହେଉଥିଲେ ମଧ୍ୟ ଏହାର ସୁଫଳତା ମିଳୁନଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶାସନିକ ଅଣଦେଖା ମନୋଭାବ ଏବଂ ସକାର। ।କ ସାମୂହିକ କାର୍ଯ୍ୟ ପ୍ରତି ଅଧିକାଂଶ କ୍ଷେତ୍ରରେ ସ୍ଥାନୀୟ ସଚେତନ ଲୋକେ ଆଗ୍ରହ ପ୍ରକାଶ ନକରି ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ମନୋନିବେଶ କରୁଥିବା ଯୋଗୁଁ କୁଚିଣ୍ଡା ଉପଖଣ୍ଡରେ ଏଯାଏ ପ୍ରଭାବୀ ଗଣ ସଂଗଠନ ତିଷ୍ଠି ପାରିନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ପ୍ରତିକାର ସକାଶେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସଭାରେ ଆଲେଚାନା କରିଥିଲେ। ଶିକ୍ଷାର ବିକାଶ ସକାଶେ ରହିଥିବା ପୂର୍ବ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରିବାକୁ ଦାବି ହୋଇଥିଲା। କୁଚିଣ୍ଡା ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ନେଇ ସଦସ୍ୟ ମାନେ ଆଲୋଚନା କରି ଏହାର ନିରାକରଣ କରିବାକୁ ଦାବି କରିଥିଲେ। କୁଚିଣ୍ଡା ମହାବିଦ୍ୟାଳୟରେ ଥିବା ଆଲମୂନୀ ର ସ୍ଥାଣୁତା ନେଇ ଉଦବେଗ ପ୍ରକାଶ ପାଇଥିଲା। ଆଲମୂନୀ ସଭାପତି ପ୍ରଫୁଲ ସାହୁ ଏହାର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରି ଜୁଲାଇ ୧୦ ତାରିଖ ସୁଦ୍ଧା ବୈଠକ କରି ପରବର୍ତ୍ତି ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିଲେ। ଉପଖଣ୍ଡରେ ପ୍ରସ୍ତାବିତ ଧନ୍ଦା ମୂଳକ ଶିକ୍ଷା, କ୍ରୀଡାର ବିକାଶ ପ୍ରତି ସରକାର ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। କୁଚିଣ୍ଡା ମହାବିଦ୍ୟାଳୟକୁ ସରକାରୀ କରିବା ସହ ରହିଥିବା ବିଭିନ୍ନ ଆଭ୍ୟନ୍ତରୀଣ ସମସ୍ୟା ଦୂର କରି ଏହାକୁ ପ୍ରତିଷ୍ଠିତ ଅନୁଷ୍ଠାନ କରିବାକୁ ଦାବି କରିଥିଲେ। ସଭାକୁ ଆବାହକ ପ୍ରଭାତ ବେହରା ପରିଚାଳନା କରିଥିଲେ। ସଭାରେ କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ମହାପାତ୍ର, ପୂର୍ବତନ ସଭାପତି ରାଜେଶ ଅଗ୍ରୱାଲା, ସମାଜସେବୀ ହିମାଂଶୁ ଜେନା, କୁଚିଣ୍ଡା ମହାବିଦ୍ୟାଳୟ ଆଲମୂନୀ ସଭାପତି ପ୍ରଫୁଲ୍ଲ ସାହୁ, ମାରୁୱାଡି ଯୁବା ମଞ୍ଚର ରାଜେଶ ଶର୍ମା, ପ୍ରତିଭା ବିକାଶ ଅଭିଯାନର ବରିଷ୍ଠ କାର୍ଯ୍ୟକର୍ତ୍ତା ରମାକାନ୍ତ ମହାକୁଳ, ବରିଷ୍ଠ ଓକିଲ ପ୍ରବୀଣ ପୁରୋହିତ, ଆଲମୂନୀ ସହସମ୍ପାଦକ ଅତୁଲ ଅଗ୍ରୱାଲା, ବନମାଳୀ ନାମଦେଓ, ସୋମ୍ୟ ରଞ୍ଜନ ପୃଷ୍ଟି, ବିବେକାନନ୍ଦ ପାଣିଗ୍ରାହୀ ସମେତ ସଚେତନ ନାଗରକୀ ମଞ୍ଚର ସଦସ୍ୟ ମାନେ ଯୋଗ ଦେଇଥିଲେ।

# ଟ୍ରକ୍ ସହ ୬୦କୁଇଣ୍ଟାଲ କେନ୍ଦୁପତ୍ର ଜବତ; ଚାଳକ ଗିରଫ



ଦେବଗଡ଼, ୨୯ ।୬(ସମିସ): ଦେବଗଡ଼ ବନ ବିଭାଗ ପକ୍ଷରୁ ଆଜି ବେଆଇନ ଚୋରା ଚାଲାଣ ହେଉଥିବା ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଜବତ କରାଯିବା ସହ ଚୋରା ଚାଲାଣରେ ବ୍ୟବହୃତ ଏକ ଟ୍ରକକୁ ମଧ ଜବତ କରାଯାଇ ଚାଳକକୁ ଗିରଫ କରାଯାଇଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ସୂଚନା ଆଧାରରେ ଦେବଗଡ଼ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅମୂଲ୍ୟ କୁମାର ସେନାପତି, ବନପାଳ ପ୍ରିତମ କୁମାର ସାହୁଙ୍କ ଓ ପୂର୍ଣ୍ଣଚନ୍ଦ୍ର ଧଳଙ୍କ ସମେତ ବନ ସୁରକ୍ଷା କର୍ମୀଙ୍କ ସହ ଦେବଗଡ଼ ପୌରାଞ୍ଚଳ ବିର୍ସା ମୁଣ୍ଡା ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଛକି ରହିଥିଲେ। ଏହି ସମୟରେ ସମ୍ବଲପୁର ପଟୁ ଡବ୍ଲ୍ୟୁବି ୧୧ବି-୯୨୨୩ ନମ୍ବର ବିଶିଷ୍ଟ ଟ୍ରକ୍ ବିର୍ସା ମୁଣ୍ଡା ଛକ ଠାରେ ପହଞ୍ଚିବା କ୍ଷଣି ବନ ବିଭାଗ ଅଧିକାରୀମାନେ ଗାଡିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଟ୍ରକ୍ ମଧ୍ୟରୁ ୧୦୮ ବ୍ୟାଗ ୮ବଣ୍ଡଲ ପ୍ରାୟ ୬୦କ୍ୱିଣ୍ଟାଲ କେନ୍ଦୁପତ୍ର ଥିବା ଜାଣିବାକୁ ପାଇଥିଲେ। ଉକ୍ତ କେନ୍ଦୁପତ୍ରର କୌଣସି କାଗଜପତ୍ର ନଥିଲା। କେନ୍ଦୁପତ୍ର ସମ୍ବଲପୁର ଜିଲ୍ଲା ଜୁଯୁମୁରା ଅଞ୍ଚଳରୁ କୋଲକାତା ଚାଲାଣ ହେଉଥିବା ଗାଡ଼ି ଚାଳକ ଠାରୁ ଜାଣିବା ପରେ କଲିକତା ଅଞ୍ଚଳର ଚାଳକ ଶିବ ପୂଜନ ନିଶାଦ(୪୦) କୁ ଗିରଫ କରିବା ସହ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ସାପ କାମୁଡାରେ ଜଣଙ୍କ ମୃତ

ରିଆମାଳ, ୨୯ ।୬(ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଭେଜିକୁଦର ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ସେହିଗ୍ରାମର ସ୍ୱର୍ଗତ ବୈଶାଖୁ କିସାନଙ୍କ ପୁଅ କନ୍ତାରୁ କିସାନ। ଶନିବାର ରାତି ଖାଇ ସାରି ଶୋଇଥିଲା। ତେବେ ସାପ କାମୁଡ଼ି ଦେବାରୁ ସେ ଗୁରୁତର ହୋଇ ପଡ଼ିଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଛତାବର ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଧାନକିଣା ଟାର୍ଗେଟକୁ ନେଇ ଚାଷୀ ଅସନ୍ତୋଷ

# ଆର୍‌ଏମ୍‌ସି ଗୋଦାମ ସମ୍ମୁଖରେ ଧାରଣା

ଝାରସୁଗୁଡ଼ା, ୨୯ ।୬(ସମିସ)

ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟିରେ ଧାନକିଣା ଟାର୍ଗେଟକୁ ନେଇ ଚାଷୀ ଅସନ୍ତୋଷ ଦେଖା ଦେଇଛି। ଏହାକୁ ନେଇ ଅତାବିରା ସମବାୟ ସମିତିର ଚାଷୀମାନେ ସାପ୍ତାହିକ ବଜାର ପରିସରରେ ଥିବା ଆର୍‌ଏମସି ଗୋଦାମ ଗୃହ ଘେରାଉ କରିବା ସହ ୩ ଟି ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖି ଆନ୍ଦୋଳନ ଜାରି

## ପାକ୍ସକୁ ଟାର୍ଗେଟ ନ ଦେବା ପର୍ଯ୍ୟନ୍ତ ୩ ଧାନ ଗାଡ଼ି ଅଟକ

ରଖିଛନ୍ତି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଚଳିତ ବର୍ଷ ଅତାବିରା ସମବାୟ ସମିତିରେ ୬୭୪ ଜଣ ଚାଷୀ ପଞ୍ଜୀକରଣ କରି ପ୍ରାୟ ୧୧ ହଜାର କୁଇଣ୍ଟାଲ ଧାନ ବିକ୍ରି ନିମନ୍ତେ ଟୋକନ ମଧ ପାଇଛନ୍ତି। ହେଲେ ୨୩୪ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରି ସାରିଥିବା ବେଳେ ଟାର୍ଗେଟ



ନ ଥିବା ଯୋଗୁଁ ଆଜି ସୁଦ୍ଧା ୩୦ ଜଣ ଚାଷୀ ୯୦୨କୁଇଣ୍ଟାଲ ୬୦ କେଜି ଧାନ ବିକ୍ରି କରିବାରୁ ବଞ୍ଚିତ ରହିଛନ୍ତି। ସରକାର ଦେଇଥିବା ରବିଧାନ କିଣିବାର ଅବଧି ଆଉ ମାତ୍ର ଗୋଟିଏ ଦିନ ରହିଛି। ବର୍ତ୍ତମାନ ମୌସୁମୀ ବର୍ଷା ଆଗମନ ଯୋଗୁଁ ଚାଷୀ ମାନେ ମଧ ଖରିଫ ଧାନ ଚାଷ ନିମନ୍ତେ ସଜବାଜ ହେଉଛନ୍ତି। ହେଲେ ଧାର କରଜ କରି ବହୁ କଷ୍ଟରେ ଉପାର୍ଜିତ ରବିଧାନ ବିକ୍ରି କରି ପାରିନଥିବା ଯୋଗୁଁ ବର୍ତ୍ତମାନ ଖରିଫ ଚାଷ କାର୍ଯ୍ୟ କିପରି କରିବେ ଚାଷୀ ମହଲରେ ଭାଳେଣି ପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀକୁଳ ତୀବ୍ର ଅସନ୍ତୋଷ ପ୍ରକାଶ କରି ରବିବାର ଆର୍‌ଏମସି ଗୃହ ସମ୍ମୁଖରେ ଧାରଣା ଦେଇ ୩ ଟି ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖିଛନ୍ତି। ଅତାବିରା ସମବାୟ ସମିତିର ଟୋକନ ପାଇ ଧାନ ବିକ୍ରିରୁ ବଞ୍ଚିତ ସମସ୍ତ ଚାଷୀଙ୍କ ଧାନ କିଣିବା ପାଇଁ ଟାର୍ଗେଟ ନ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅସନ୍ତୁଷ୍ଟ ଚାଷୀ ପ୍ରକାଶ କରିଛନ୍ତି। ଚାଷୀଙ୍କ ଏହି ଗୁରୁତ୍ୱ ପୂର୍ଣ୍ଣ ସମସ୍ୟାର ଆସୁ ସମାଧାନ ଲାଗି କୌଣସି ବିଭାଗୀୟ ଅଧିକାରୀଙ୍କ ଦେଖା ଦର୍ଶନ ମିଳିନଥିବା ବେଳେ ସମବାୟ ସମିତିର ସଭାପତି ଜୀବର୍ଦ୍ଧନ ଭୋଇ ଏବଂ ସମ୍ପାଦକ ମିଳନ ସାହୁଙ୍କୁ ଚାଷୀଙ୍କ ସମ୍ମୁଖୀନ ହେବାକୁ ପଡ଼ିଥିଲା।ଆନ୍ଦୋଳନରେ ପଞ୍ଚଗାଁ ସରପଞ୍ଚ ମୁକେଶ ବାରିକ, ଅତାବିରା ସରପଞ୍ଚ ସଞ୍ଜିତ ପଧାନଙ୍କ ସହ ସୁଧୀର ନାଏକ, ସୁରେନ୍ଦ୍ର ଭୋଇ, ଜଗନ୍ନାଥ ସତନାମୀ, ସଞ୍ଜୀବ ଗୁପ୍ତା, ପ୍ରେମାନନ୍ଦ ବାରିକ, ବିଷ୍ଣୁ ବାରିକ, ଗୋଲେଖ ପଧାନ, ନିର୍ମଳ ସିଦାର, ଭାସ୍କର ଭୋଇ, ହୀରାଲାଲ ସା, ରୂପ ସାଗର କଅଁର, ନେପାଳ କଅଁର, ଲକ୍ଷ୍ମଣ କାଲୋ, ରଞ୍ଜିଜିତ ଖମାରୀ, ଲଳିତ ନାଏକ, ସୁବାଷ ବାରିକ, ଈଶ୍ୱର ଭୋଇ, ରାଧେଶ୍ୟାମ ମେହେର, ରମେଶ ମେହେର, ବ୍ରହ୍ମା କଅଁର, ଅରୁଣ କୁମାର ବାରିକ ପ୍ରମୁଖ ଚାଷୀ ସାମିଲ ରହିଛନ୍ତି। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା।

# ଗୋପବନ୍ଧୁ ପ୍ରତ୍ୟେକ ଓଡ଼ିଆଙ୍କ ଚିରସ୍ମରଣୀୟ



ଝାରସୁଗୁଡା, ୨୯ ।୬(ସମିସ): ଝାରସୁଗୁଡା ଜିଲ୍ଲାର ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ, ଗୁମାଡେରାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ପାଳନ କରାଯାଇଛି। ସକାଳେ ବୁଦ୍ଧଜୀବୀ, ସମାଜସେବୀ, ଶିକ୍ଷକ, ସାମ୍ବାଦିକ ଏବଂ ଜନସାଧାରଣ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ଓଡ଼ିଶା ତଥା ଓଡ଼ିଆଙ୍କ ପାଇଁ ଉତ୍କଳମଣିଙ୍କ ଯୋଗଦାନ ବିଷୟରେ ଆଲୋକପାତ କରାଯାଇଛି। ସମାଜସେବା, ପରୋପକାର କ୍ଷେତ୍ରରେ ଗୋପବନ୍ଧୁଙ୍କ କାର୍ଯ୍ୟ ଉଲ୍ଲେଖନୀୟ। ଓଡ଼ିଆ ଭାଷା ସାହିତ୍ୟ ଏବଂ ଓଡ଼ିଆଜାତିଙ୍କ ଟେକ ପାଇଁ ସେ ଆଜୀବନ କାର୍ଯ୍ୟ କରିଛନ୍ତି।ନିଜ ପରିବାରକୁ ପଛରେ ପକାଇ ଦିନ ଦରିଦ୍ରଙ୍କ ସେବା କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ଚିରଦିନ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଉପସ୍ଥିତ ଲୋକେ ପ୍ରକାଶ କରିଛନ୍ତି।

## ସମଲେଶ୍ୱରୀ ସାହିତ୍ୟ ସଂସଦ

କୋଲାବିରା, ୨୯ ।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସମଲେଶ୍ୱରୀ ସାହିତ୍ୟ କୋଲାବିରା ପକ୍ଷର ସଂସଦର ଅସ୍ଥାୟୀ ପାଠାଗାର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସ୍ମୃତିସଭା ସଂସଦର ସଭାପତି ଶୋଭା ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିବଂଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶର ଜଣେ ବିରଳ ବ୍ୟକ୍ତିତ୍ୱ। ତାଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେଲେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ସଂସଦର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, କୃଷକ ନେତା ତୁଳାରାମ ସେନାପତି, ପ୍ରଶିକ୍ଷକ ସଚିନ୍ଦ୍ର ପଟେଲ, ବିରଞ୍ଚି କୁମାର ପଟେଲ, ଆଲୋକ ମହାପାତ୍ର, ସ୍ମୃତିରଞ୍ଜନ ରାଏ, ପ୍ରବୀଣ ସାହୁ ସମ୍ପାଦକ କିର୍ତ୍ତିର୍ ଚନ୍ଦ୍ର ବହିଦାର, ଶିକ୍ଷକ ଲଳିନ୍ଦ୍ର ଗୋଖରା, ଆଦିତ୍ୟ କୁମାର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିପ୍ରତି ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଝାରସୁଗୁଡ଼ା, ୨୯ ।୬(ସମିସ): ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଝାରସୁଗୁଡା ଟାଉନହଲ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କମିଟି ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପାର୍କ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ନେଇ ନିଷ୍ପତ୍ତି ହୋଇଛି। ମଙ୍ଗଳବଜାରସ୍ଥିତ ପୁରୁଣା ଟାଉନହଲରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ନିକଟରେ ଝାରସୁଗୁଡ଼ାର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସାହିତ୍ୟିକ ଏବଂ ସମାଜସେବୀ ଉପସ୍ଥିତ ହୋଇ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରିଥିଲେ। ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସରୋଜ କୁଅଁର ଗୋପବନ୍ଧୁ ସାମାଜିକ ସେବା କରିବା ପାଇଁ କିଛି ପଇସା ସଞ୍ଚୟ କରି ରଖୁଥିଲେ। ସେହି ପଇସାକୁ ଲୋକଙ୍କ କାମରେ ବ୍ୟବହାର କରୁଥିଲେ। ତେଣୁ ସମସ୍ତେ ସମାଜସେବା ପାଇଁ କିଛି ନା କିଛି ଦାନ କରିବା ଉଚିତ୍ ବୋଲି କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଟହଲୁ ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ବାଲଗୋବିନ୍ଦ ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଣତି ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଝାରସୁଗୁଡ଼ାରେ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କବି ମାଧବୀ ପଟେଲ ଗୋପବନ୍ଧୁଙ୍କ ଉପରେ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକିରମୋହନ ବାରିକ, ରବୀନ୍ଦ୍ର ଦିକ୍ଷୀତ, ସୁଧାଂଶୁ ଚନ୍ଦ୍ର ନାଏକ, ଜୟ ପ୍ରକାଶ ଅଗ୍ରୱାଲ, କେଶାରାମ ଚୌଧୁରୀ, ରମେଶ କୁମାର ଭରତ, ଦେବାରଚନ୍ଦ ଠାକୁର, ପ୍ରଦୀପ କୁମାର ପଟେଲ, ଅତୁଲ ଶୁକ୍ଲା, ଅଶୋକ କୁମାର ମହାପାତ୍ର, ଅକ୍ଷୟ ପତି, ସୁବ୍ରତ ତ୍ରିପାଠୀ, ତପନ ବାରିକ, ରୂପାନନ୍ଦ ଚୌଧୁରୀ, କାଜଲ ଗୁହା, ନିଖିଲେଶ ଝା, ମୀନକେତନ ପୁରୋହିତ, ସରୋଜ ପଣ୍ଡା, କବିତା ପଣ୍ଡା, ରାଜଶ୍ରୀ ମେହେର, ନିବେଦିତା ମିଶ୍ର, ଜ୍ୟୋର୍ତିମୟୀ ବେହେରା, ମାନସୀ ପଣ୍ଡା, ପ୍ରିୟା ରାୟ ଓ ଦିପ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।ସାମ୍ବାଦିକ ରତ୍ନାକର ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ଧବାହାଲ ଫାଣ୍ଡିବାବୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଇବଥର୍ମାଲ, ୨୯ ।୬(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଦ୍ୱିବଦୀ ଚାକିରି କାର୍ଯ୍ୟକାଳ ଜୁନ ୩୦ରେ ସମାପ୍ତ ହେବା। ରବିବାର ବନହରପାଲି ଥାନାରେ ଆୟୋଜିତ ବିଦାୟକାଳିନ ସଭାରେ ଏଏସ୍‌ପି ଝାରସୁଗୁଡ଼ା ସାମତ ପଟେଲ, ଡିଏସ୍ ପି ଜ୍ୟୋତ୍ସ୍ନା ରାଣୀ ପଧାନ, ଏସ୍‌ଡିପିଓ ବ୍ରଜରାଜନଗର ଚିନ୍ତାମଣି ପଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ବେଲପାହାଡ ଆଇଆଇସି କେ ସି ମେହେର ପ ।ରମୁଖ ଯୋଗ ଦେଇଥିଲେ ।ବନହରପାଲି ଆଇଆଇସି ରଞ୍ଜିତ ନାଏକଙ୍କ ସଞ୍ଚାଳନରେ୍ ଅନୁଷ୍ଠିତ ସଭାରେ ଶ୍ରୀ ଦ୍ୱିବେଦୀ ବନ୍ଧବାହାଲରେ କାଟିଥିବା ଦୁଇବର୍ଷ ସମୟରେ ତାଙ୍କ ଜନସମ୍ପର୍କ ଓ ଅମିୟ ସ୍ୱଭାବର ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଅଞ୍ଚଳବାସୀଙ୍କ ପକ୍ଷରୁ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, କଂଗ୍ରେସ ଜିଲ୍ଲା ସଭାପତି ସୁବ୍ରତ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସାମଲ ନାଏକ, ସାମ୍ବାଦିକ ଉମାକାନ୍ତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରୀ ଦ୍ୱିବେଦୀଙ୍କୁ ତାଙ୍କ ବିଭାଗ ପକ୍ଷରୁ ତଥା ଜନସାଧାରଣଙ୍କ ପକ୍ଷରୁ ଉପହାର ଉପଢ଼ୌକନ ପ୍ରଦାନ କରିବା ସହ ଅବସର କାଳିନ ଜୀବନ ସୁଖମୟ ହେବାକୁ କାମନା କରିଥିଲେ।

## ସ୍ୱଚ୍ଛତା ପକ୍ଷ ପାଳିତ

ଝାରସୁଗୁଡା, ୨୯ ।୬(ସମିସ): ଏମ୍‌ସିଏଲ ଲଖନପୁର ଖଣି କ୍ଷେତ୍ର ପକ୍ଷରୁ ଝାରସୁଗୁଡା ଜିଲ୍ଲାରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ସ୍ୱଚ୍ଛତାପକ୍ଷ ଜୁନ ୧୬ ତାରିଖରୁ ଆରମ୍ଭ କରାଯାଇଥିବା ବେଳେ ଜୁନ ୩୦ ତାରିଖ ଉଦ୍‌ଯାପିତ ହେବ। ଲଖନପୁର ଖଣିକ୍ଷେତ୍ର ପକ୍ଷରୁ ଝାରସୁଗୁଡା ଜିଲ୍ଲାରେ ଦାର୍ଶନୀୟ ସ୍ଥାନ ଉଲାପଗଡ଼ ଏବଂ ରମ୍ପାଲୁଗାରେ ପରିଷ୍କାର ପରିଚ୍ଛନ୍ନତା କରାଯାଇ ସ୍ୱଚ୍ଛତା ହିଁ ସୁସ୍ଥତାର ବାର୍ତା ଦିଆଯାଇଛି। ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ସହ ଏକ ସୁନ୍ଦର ଏବଂ ସବୁଜ ପରିବେଶ ଗଠନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଇଛି। ଆଗାମୀ ଦିନରେ ପ୍ଲାଷ୍ଟିକର ହାନିକାରତା ବିଷୟରେ ଅବଗତ କରାଯାଇ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ବର୍ଜନ ପାଇଁ ଲୋକଙ୍କୁ ସଚେତନତା କରାଯାଇଛି।



## ବିଧାୟକଙ୍କ ସାଟେଲାଇଟ ହସ୍ପିଟାଲ ପରିଦର୍ଶନ



ଝାରସୁଗୁଡା,୨୯ ।୬(ସମିସ): ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ରବିବାର ପୂର୍ବାହ୍ନରେ ସହରର ମଙ୍ଗଳବଜାର ସ୍ଥିତ ସାଟେଲାଇଟ ହସ୍ପିଟାଲ ପରିଦର୍ଶନ କରିଥିଲେ।ହସ୍ପିଟାଲରେ ରୋଗୀଙ୍କୁ ଠିକ ଭାବରେ ସ୍ୱାସ୍ଥ୍ୟ ସେବା ମିଳୁଛି କି ନାହିଁ ତଦାରଖ କରିଥିଲେ। ହସ୍ପିଟାଲରେ ୨ ଜଣ ପ୍ରସୂତିଙ୍କ ସ୍ୱାସ୍ଥବସ୍ଥା ପଚାରି ବୁଝିଥିଲେ।ବିଧାୟକଙ୍କ ପରିଦର୍ଶନ ସମୟରେ ରୋଟାରି କ୍ଲବ୍ ଅଫ ଝାରସୁଗୁଡା ସିଟି ପକ୍ଷରୁ ହସ୍ପିଟାଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗ ଦେଇଥିଲେ। କ୍ଲବ୍ ପକ୍ଷରୁ ରୋଗୀଙ୍କ ପାଇଁ ବିଶୁଦ୍ଧ ଓ ଥଣ୍ଡା ପିଇବା ପାଣି ପାଇଁ ଆକୁଆଗାର୍ଡ, ଫିଲଟର ଏବଂ ଗରମ ପାଣି ପାଇଁ ଗୋଟିଏ ଗିଜର୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ବିଧାୟକଙ୍କ ସହିତ ରୋଟାରି କ୍ଲବ୍‌ର ଝାରସୁଗୁଡା ସିଟି ସଭାପତି ସିଏ ମନୀଷ ଶାହ, ବିକାଶ ବଧାନ, କୈଳାଶ ରେଖାନି, ସୁନୀଲ କେଡ଼ିଆଙ୍କ ସହିତ ବିଜେପିର ସୁନୀଲ ପଣ୍ଡା, ନେତାଜୀ ପଟ୍ଟନାୟକ, ବନ୍ଦନା ମୁଣ୍ଡରା, ବିମଳେନ୍ଦୁ ଭୋଲ, ଅରବିନ୍ଦ ପାଠକ, ବିବେକ ଶ୍ରୀବାସ୍ତବଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### କାଉନସିଲ ବୈଠକରେ ହୋଇନି ପ୍ରସ୍ତାବ ଗୃହୀତ

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଫାଉଣ୍ଟେନ୍ ନିର୍ମାଣ







ଝାରସୁଗୁଡା, ୨୯ ।୬(ସମିସ)

ଝାରସୁଗୁଡଡ଼ ଜିଲ୍ଲା ବେଲପାହାଡ଼ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ନିର୍ମାଣ ହୋଇଥିବା ଫାଉଣ୍ଟେନ୍ ଏବେ ବିବାଦ ଘେରକୁ ଟାଣି ହୋଇଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏହି ପ୍ରକଳ୍ପ ଗୁଡ଼ିକୁ ସର୍ବସାଧାରଣ ସ୍ଥାନରେ ନିର୍ମାଣ କରିବାକୁ ଥିବାବେଳେ କାହା ଉଦ୍ଦେଶ୍ୟରେ, ଏବଂ କାହା ଅନୁମତିରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଲକ୍ଷାଧିକ ଟଙ୍କାର ଏକ ଫାଉଣ୍ଟେନ୍ ନିର୍ମାଣ କରାଯାଇଛି ବୋଲି ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ନଗରପାଳ ଏନେଇ ଅବଗତ ହୋଇଥିବା କହିଛନ୍ତି। ଏହାସହ ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ କାଉନସିଲ ବୈଠକରେ କୌଣସି ପ୍ରସ୍ତାବ ଗୃହୀତ ହୋଇନଥିଲା। ଏନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା ଦାବି କରିଛନ୍ତି।ସୂଚନା ଅନୁଯାୟୀ ବେଲପାହାଡ଼ ପୌରାଞ୍ଚଳର ଅଟଳ ଛକ ଓ ବୀର ଭୂମିଠାରେ ସୌନ୍ଦର୍ଯ୍ୟକରଣ ପାଇଁ ତିନୋଟି ଫାଉଣ୍ଟେନ୍ ନିର୍ମାଣ ପାଇଁ ପୌରପରିଷଦ କାଉନସିଲ ବୈଠକରେ ପ୍ରସ୍ତାବ ଆଗତ ହେବା ସହ ଗୃହୀତ ହୋଇଥିଲା। ହେଲେ ବୀର ଭୂମିଠାରେ ପ୍ରସ୍ତାବିତ ଏହି ପ୍ରକଳ୍ପଟି ସ୍ଥାନ ଅଭାବରୁ ହୋଇପାରିନଥିବା ବେଳେ ଅଟଳ ଛକ ନିକଟରେ ଦୁଇଟି ଫାଉଣ୍ଟେନ୍ ନିର୍ମାଣ ପାଇଁ ପୌରପରିଷଦ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି।


# ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପାଇଁ ଦାବି



ଦେବଗଡ଼, ୨୯ ।୬(ସମିସ): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଲୋକାର୍ପିତ ହେବାପରେ ପୁରୁଣା ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୋଠାରୁ ବିଭିନ୍ନ ଉପକରଣ ସେଠାକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରୀ ରହିଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାରଙ୍କ ଏହି ପଦକ୍ଷେପକୁ ଜିଲ୍ଲାର ସମସ୍ତ ମହଲରେ ସ୍ୱାଗତ କରାଯାଇଛି। ତେବେ ସହର ମଧ ସ୍ଥଳୀରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ମାନ୍ୟତା ଦେଇ ଜନସାଧାରଣଙ୍କୁ ୨୪ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦେବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ଫୋରମ କାର୍ଯ୍ୟାଳୟରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିଙ୍କୁ ନେଇ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଫୋରମର ବହୁ ସଦସ୍ୟ ଏବଂ କର୍ମକର୍ତ୍ତାଙ୍କ ସମେତ ଦେବଗଡ଼ ପୌରପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ଓକିଲ ସଂଘର ସଭାପତି ସଚ୍ଚିକାନ୍ତ ଦାଶ, ଜିଲ୍ଲା ଘରୋଇ ବସ ମାଲିକ ସଂଘର ସଭାପତି ରାଜକିଶୋର ଦାଶ, ବଣିକ ସଂଘ ଏବଂ ସାର୍ବଜନୀନ ଗଣେଶ ମେଳା କମିଟୀର ସଭାପତି ଉମାଶଙ୍କର ସାହୁ, ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ଓ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠା ନିର୍ମାଣକୁ ସର୍ବସମ୍ମତି କ୍ରମେ ସ୍ୱାଗତ କରାଯିବା ସହ ପୁରୁଣା କୋଠାକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ମାନ୍ୟତା ଦେଇ ଜନସାଧାରଣଙ୍କୁ ୨୪ ଘଣ୍ଟିଆ ଚିକିତ୍ସା ସେବା ପ୍ରଦାନ ଲାଗି ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ଉପରୋକ୍ତ ଦାବି ଦେବଗଡ଼ ଜିଲ୍ଲାପାଳ, ସମ୍ବଲପୁର ଲୋକସଭା ସଦସ୍ୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶେଷରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ଗୌରହରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଦସ୍ୟ ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଶୋକ କୁମାର ମିଶ୍ର, ଇଂ. ଅଜୟ କୁମାର ବେହେରା, ଇଂ. ଭୁବନେଶ୍ୱର ପ୍ରଧାନ ଓ ଇଂ.ଘନଶ୍ୟାମ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

**ମିଳିତ ବୈଠକରେ ନିଷ୍ପତ୍ତି**

# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।
-ମାରଶାଲ୍ ମାକଲୁହାନ୍

ସକାଳ THE SAKALA

## କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ। ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି। ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ତେବେ ଦେଶର ଏକଶହ ବିତ୍ତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତ୍ତି ଠୁଳ ହୋଇ ରହିଛି। ତେଲିଆ ମୁଣ୍ଡରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢ଼ୁଛି। ସେମାନେ ଜାତୀୟ ସମ୍ବଳକୁ ନିଜ କରାୟତ୍ତରେ ରଖିବାକୁ ସମର୍ଥ ହୋଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି। ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି। ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିସିଜିର ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ। ଏହା ବିଶ୍ୱହାରଠାରୁ ୨୧ ପ୍ରତିଶତ ଅଧିକ। ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ। ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି। ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା।

କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ବିତ୍ତଶାଳୀ କରିଛି। ଦ୍ରୁତ ଅର୍ଥନୀତିର ସେମାନେ ହିଁ ହୋଇଛନ୍ତି ବାହକ। ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଉଲ୍ଲଙ୍ଘନ କରି ନିର୍ବାଧାରେ ସେମାନେ ଶୋଷଣ ଜାରି ରଖିଛନ୍ତି। ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି। ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉପୁଜୁଥିବା ନାନା ସମସ୍ୟାର କାରଣ ପାଲଟିଛି। ଅଭାବରୁ ଅପରାଧ ପ୍ରବଣତା ବଢ଼ୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି। ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି। ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ। ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି।

ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି। ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମୁଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି। ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ। ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ। ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ। କିନ୍ତୁ ଜୀବନଧାରଣ ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ। ଫଳରେ ଏକଚାଟିଆ କାରବାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ। ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ।

ଦେଶର ବିତ୍ତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି। ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି। ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ। ସେ ୫୩.୫ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ଅର୍ଥ ବା ସମ୍ପତ୍ତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚୟ ରହିବ। ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି। ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଥିବାର ପରିଲକ୍ଷିତ ହୋଇଛି। ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଞ୍ଚିଛି। ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୬ ହଜାରରେ ପହଞ୍ଚିଛି। ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ।

ଦେଶର ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଞ୍ଚାଇଛି। ଅଭିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ। ଅବଶ୍ୟ ଗତ ତ୍ରୈମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା। ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି। ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି। ତେଣୁ ସରକାର ବିପୁଳ ବ୍ୟାଙ୍କଋଣ ଛାଡ଼ କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି। କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗ ହିଁ ଅଧିକ ଟିକସ ଦେଇଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି।

## ବିଶ୍ୱାସର ବୈଜ୍ଞାନିକ ବିଶ୍ଳେଷଣ

ସୁଧାଂଶୁ ଶେଖର ଧଡ଼ା

ଆମ ସମାଜରେ ଧର୍ମ ବିଶ୍ୱାସ ସହିତ ତନ୍ତ୍ରମନ୍ତ୍ର ଆଦିର ଉପସ୍ଥିତି ଓ ପ୍ରଭାବ ବହୁକାଳରୁ ରହିଆସିଛି। ଏଥିସହିତ ଯୋଡ଼ି ହୋଇରହିଥିବା ଅଲୌକିକତା ଯୋଗୁଁ ତନ୍ତ୍ରମନ୍ତ୍ରର ଉପରେ ଜନବିଶ୍ୱାସ ଦୃଢ଼ ହୋଇ ଆସିଛି। ଅପରପକ୍ଷରେ ବିଜ୍ଞାନର ଆହ୍ୱାନରେ ତନ୍ତ୍ରମନ୍ତ୍ରର କରାମତି ବଳହୀନ ସାବ୍ୟସ୍ତ ହୋଇଛି। ତଥାପି ଅନ୍ଧବିଶ୍ୱାସକୁ ପାଥେୟ କରି ତନ୍ତ୍ର ଓ ତାନ୍ତ୍ରିକମାନେ ଆଜି ମଧ୍ୟ ସମାଜର ବିଭିନ୍ନ ସ୍ତରରେ ଆଧିପତ୍ୟ ବିସ୍ତାର କରିଛନ୍ତି।

ତନ୍ତ୍ରମନ୍ତ୍ର ଆଦିର ବିଶ୍ଳେଷଣରୁ ଜଣାଯାଏ ଯେ ପାଶ୍ଚାତ୍ୟ ଜଗତରେ ଏହାର ଦୁଇ ପ୍ରକାରର ଉତ୍ସ ରହିଛି। ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟରେ ଯୋରାଷ୍ଟର ଧର୍ମାବଲମ୍ବୀମାନଙ୍କ ମଧ୍ୟରୁ ଏକ କ୍ଷୁଦ୍ର ଗୋଷ୍ଠୀ ଦୁର୍ବୋଧ ଶବ୍ଦ ଉଚାରଣ, ମନ୍ତ୍ର ଆଦି ମାଧ୍ୟମରେ ପ୍ରକୃତି ଉପରେ କିଛିଅଂଶରେ ଏବଂ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଉପରେ ନିୟନ୍ତ୍ରଣ, ସେମାନଙ୍କୁ ବଶୀଭୂତ କରିବା, ରୋଗୀ ଚିକିତ୍ସା ଭଳି କାର୍ଯ୍ୟରେ ସଂପୃକ୍ତ ଥିଲେ। ଏହି ବ୍ୟକ୍ତିମାନେ 'ମାଗି' ଭାବରେ ଏବଂ ସେମାନଙ୍କ ବୃତ୍ତି 'ମାଗସ୍' ନାମରେ ପରିଚିତ ଥିଲା। 'ମାଗସ୍' ଶବ୍ଦରୁ ଆଧୁନିକ 'ମ୍ୟାଜିକ' ଶବ୍ଦର ସୃଷ୍ଟି। ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ 'ମେଜିକସିୟାନ' ବା 'ଯାଦୁକର' ନାମ ଦିଆଯାଇଥିଲା। ଏମାନେ ତନ୍ତ୍ରମନ୍ତ୍ର, ଅଲୌକିକ ଶକ୍ତି ଆଦିର ପ୍ରୟୋଗ କରି ଅସାଧ୍ୟ ସାଧନ କରୁଥିବା ଦାବି କରୁଥିଲେ। ଏମାନଙ୍କ ବିଦ୍ୟା ଅତ୍ୟନ୍ତ ରହସ୍ୟମୟ ଏବଂ ମାରଣ, ତାରଣ, ବଶୀକରଣ, ଉଚ୍ଚାଟନ, ସ୍ତମ୍ଭନ, ସମ୍ମୋହନ, ପ୍ରକୃତି ନିୟନ୍ତ୍ରଣ ଓ କୃଷି ଯାଦୁ ଭାବରେ ଆଠଟିରୁ ଅଧିକ ଭାଗରେ ବିଭକ୍ତ ଥିଲା।

ଅନ୍ୟପକ୍ଷରେ ଯାଦୁବିଦ୍ୟା ପ୍ରାୟ ୨୦ରୁ ଅଧିକ ବିଭାଗରେ ବିଭାଜିତ। ଅଲୌକିକ କୁହାଯାଉଥିବା ଏକ ରହସ୍ୟମୟ ଶକ୍ତି ଏସବୁର ମୂଳଉତ୍ସ। ଅଲୌକିକ ଶବ୍ଦର ବିଶ୍ଳେଷଣ କଲେ ଏହା ବୈଜ୍ଞାନିକ ତତ୍ତ୍ୱଗୁଡ଼ିକର ଧୋକାବାଜୀପୂର୍ଣ୍ଣ ପ୍ରୟୋଗକୁ ବୁଝାଏ। ପାଶ୍ଚାତ୍ୟ ସଭ୍ୟତାରେ ତନ୍ତ୍ରମନ୍ତ୍ର, ଅଲୌକିକତା ଆଦିର ଦ୍ୱିତୀୟ ଉତ୍ସଟି ହେଉଛି ଖ୍ରୀଷ୍ଟିୟ ୩ୟ ଶତାବ୍ଦୀ ପୂର୍ବରୁ ଇଜିପ୍ଟରେ 'ଚେମି' ନାମରେ ପରିଚିତ ଥିବା ଏକ ଚିକିତ୍ସକ ଗୋଷ୍ଠୀ। ତୃତୀୟ ଶତାବ୍ଦୀ ବେଳକୁ ରୋଗର ସଫଳ ଉପଶମର ସଫଳତା ଯୋଗୁଁ ସମାଜରେ ସେମାନଙ୍କ ସମ୍ମାନ ଶାସକବର୍ଗ ଅପେକ୍ଷା ଅଧିକ ବଢ଼ିଲା। ଏଥିରେ ଶାସକମାନେ କ୍ଷମତା ହରାଇବା ଆଶଙ୍କାରେ 'ଚେମି'ମାନଙ୍କୁ ଗୁପ୍ତରେ ହତ୍ୟା କଲେ। ତେଣୁ 'ଚେମି'ମାନେ ଇଜିପ୍ଟରୁ ଆରବକୁ ଚାଲିଆସି ଆରବୀୟ ଭାଷାଶୈଳୀରେ 'ଚେମି' ପୂର୍ବରୁ 'ଏଆଇ' ଯୋଗକରି 'ଏଆଇଚେମିଷ୍ଟ' ନାମରେ ପରିଚିତ ହେଲେ।

'ଏଆଇଚେମିଷ୍ଟ'ମାନଙ୍କର ବୃତ୍ତିଗତ ଅବଧାରଣା ଦୁଇପ୍ରକାରର ଥିଲା। ପ୍ରଥମତଃ, 'ଫିଲୋସଫିକାଲ୍ ଷ୍ଟୋନ୍' ନାମକ ଏକ ରହସ୍ୟମୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ନିକୃଷ୍ଟ ଧାତୁ ସୁନା ହେବା ସହ ସମସ୍ତ ରୋଗରୁ ଆରୋଗ୍ୟଲାଭ, କାମନା ପୂରଣ ଆଦି ହୋଇପାରେ। ଏହା ପୃଥିବୀ ପୃଷ୍ଠରେ କେଉଁଠି ଅଛି ଓ ଶୁଭ ମୁହୂର୍ତ୍ତରେ ଖୋଜିଲେ ମିଳିବ। ଦ୍ୱିତୀୟ ଧାରଣାଟି ହେଲା ଏହା କେଉଁଠି ନାହିଁ, ଏହାକୁ ବିଭିନ୍ନ ଧାତୁ ଇତ୍ୟାଦିର ମିଶ୍ରଣରୁ ତିଆରି କରାଯାଇ ପାରିବ। ପ୍ରଥମ ଅବଧାରଣାକୁ ନେଇ ଶୁଭ ମୁହୂର୍ତ୍ତରେ ବିଭିନ୍ନ ସ୍ଥାନ ଖୋଜି ପାଇବାକୁ ଚେଷ୍ଟା କରୁଥିବା ଗୋଷ୍ଠୀ ଏହା ପାଇଲେ ନାହିଁ ସତ, କିନ୍ତୁ ଫଳିତ ଜ୍ୟୋତିଷ ଆଧାରରେ ଜ୍ୟୋତିର୍ବିଜ୍ଞାନ ଓ ଭୂ-ବିଜ୍ଞାନକୁ ବିଭିନ୍ନ ନୂଆ ତତ୍ତ୍ୱରେ ସମୃଦ୍ଧ କଲେ। ବିଭିନ୍ନ ଧାତୁର ମିଶ୍ରଣରେ 'ଫିଲୋସଫିକାଲ୍ ଷ୍ଟୋନ୍' ତିଆରୁଥିବା ଗୋଷ୍ଠୀ ମେଟାଲରଜିକାଲ୍ ସାଇନ୍ସ, ଆଲଏ, ଆର୍ସେନିକ୍ ପଏଜନ୍, ଟକ୍ସିକୋଲଜି, ସାଇନ୍ସ ଅଫ୍ ମେଡିସିନ୍ ଆଦି ବିଜ୍ଞାନର ଅନେକ କ୍ଷେତ୍ରକୁ ନୂଆ ତତ୍ତ୍ୱ ଦେଲେ। ଏହି ଉଭୟ ଅବଧାରଣାରେ ତନ୍ତ୍ରମନ୍ତ୍ରର ପ୍ରୟୋଗ ଅପବିଜ୍ଞାନ ହୋଇ ରହିଗଲା।

ପ୍ରାଚ୍ୟ ଭୂଭାଗରେ ତନ୍ତ୍ରମନ୍ତ୍ର ଆଦିର ଅନେକ ଉତ୍ସ ରହିଛି। ବୌଦ୍ଧ ଧର୍ମ ମହାଯାନ ଓ ହୀନଯାନ ଭାବରେ ବିଭାଜିତ ହୋଇ ସେଥିରୁ ଆହୁରି ଅନେକ ବିଭାଜନ ପରେ ତନ୍ତ୍ରଯାନ ଓ ସହଜଯାନର ଉଦ୍ଭବ ହେଲା। ସହଜଯାନପନ୍ଥୀମାନେ ରହସ୍ୟମୟ ତାନ୍ତ୍ରିକ ଅବଧାରଣାର ସ୍ରଷ୍ଟା ବୋଲି ସେମାନଙ୍କ ଦ୍ୱାରା ରଚିତ ଚର୍ଯ୍ୟାପଦଗୁଡ଼ିକରୁ ଜଣାପଡ଼େ। ବେଦ ଏବଂ ବିଭିନ୍ନ ସଂହିତାଗୁଡ଼ିକର ରଚନାକାଳ ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୬୦୦ ବୋଲି ଏକ ମତ ରହିଛି। ବୈଦିକ ଯୁଗରୁ ଫଳିତ ଜ୍ୟୋତିଷର ପ୍ରୟୋଗ ପ୍ରାଚ୍ୟ ଜଗତରେ ଥିଲା। ବେଦ ଓ ଜ୍ୟୋତିଷ ଶାସ୍ତ୍ରରେ ବିଭିନ୍ନ ପ୍ରକାରର ତନ୍ତ୍ରମନ୍ତ୍ର ଆଦିର ବ୍ୟବହାର ମଧ୍ୟ ହେଉଥିଲା। ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ରଚିତ ଆୟୁର୍ବେଦର ଆଠଟି ବିଭାଗ ମଧ୍ୟରୁ ଶଲ୍ୟତନ୍ତ୍ର, ଶାଲକ୍ୟତନ୍ତ୍ର, ଅଗଦତନ୍ତ୍ର ଓ ଭୂତବିଦ୍ୟା ସିଧାସଳଖ ତନ୍ତ୍ରମନ୍ତ୍ର ସହ ଜଡ଼ିତ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସମ୍ଭବତଃ ୧୩ଶ ଶତାବ୍ଦୀରେ ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କ ରଚିତ 'ରୁଦ୍ରସୁଧାନିଧି' ନାମକ ଅସମ୍ପୂର୍ଣ୍ଣ ଗଦ୍ୟକାବ୍ୟରେ ତନ୍ତ୍ରମନ୍ତ୍ରର ଅନେକ ବିଭାଗର ବର୍ଣ୍ଣନା ରହିଛି। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ' କାବ୍ୟରେ 'ଐନ୍ଦ୍ରଜାଲିକର ରାମଚରିତ ପ୍ରଦର୍ଶନ' ଅଧ୍ୟାୟରେ ଓଡ଼ିଶାରେ ତନ୍ତ୍ରମନ୍ତ୍ର, ଯାଦୁବିଦ୍ୟା ପ୍ରଚଳନର ସୂଚନା ଦେଇଛନ୍ତି। ପ୍ରାଚ୍ୟ-ପାଶ୍ଚାତ୍ୟ ଅବଧାରଣା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବା ଦେଖାଯାଏ।

ଡଚ୍-ଜୀଉ ଦାର୍ଶନିକ ସ୍ପିନୋଜା ଷୋଡ଼ଶ ଶତାବ୍ଦୀରେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣ ଆବଶ୍ୟକ ବୋଲି ମତଦେଲେ। ସେ ଅନୁଭବ କରିଥିଲେ ଯେ ଧର୍ମଗୁଡ଼ିକ ଅଜ୍ଞତାପୂର୍ଣ୍ଣ ଅବଧାରଣା, ବିଚାରହୀନତା ଓ ଅବୈଜ୍ଞାନିକ ଚିନ୍ତାଧାରାରେ ପରିପୂର୍ଣ୍ଣ। ଏହି ମତସହ ସେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣର ଭିତ୍ତି ପକାଇଥିଲେ। ଏହିଠାରୁ ଅଲୌକିକ କୁହାଯାଉଥିବା ଘଟଣାଗୁଡ଼ିକର ସିଧାସଳଖ ଅନୁସନ୍ଧାନ ଓ ଆହ୍ୱାନ ଆରମ୍ଭ ହେଲା ବୋଲି କୁହାଯାଇପାରେ। ଅଲୌକିକତାକୁ ଛାଡ଼ି ଦେଲେ ଧର୍ମ ଆକର୍ଷଣୀୟ ହେବନାହିଁ। ଅନ୍ୟପକ୍ଷରେ ଅଲୌକିକତା ହେଉଛି ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱର ବିରୁଦ୍ଧାଚରଣ କରୁଥିବା ଘଟଣାର ବର୍ଣ୍ଣନା। ପ୍ରତ୍ୟେକ ବ୍ୟକ୍ତି ପାରିବାରିକ ଧର୍ମ ବିଶ୍ୱାସ ଭିତରେ ବଢ଼ନ୍ତି। ତେଣୁ ଯେତେ ଅଧିକ ପାଠ ପଢ଼ିଲେ ମଧ୍ୟ ପାରିବାରିକ ଧର୍ମର ଅବୈଜ୍ଞାନିକ ଅବଧାରଣାକୁ ଛାଡ଼ିବା ସହଜ ହୁଏ ନାହିଁ। ଏହି ଅବଧାରଣାକୁ ନେଇ କିଛି ଧୂର୍ତ୍ତ ଧୋକାବାଜୀକୁ ବ୍ୟବସାୟରେ ପରିଣତ କରିଦିଅନ୍ତି। ସମାଜର ପ୍ରତିଷ୍ଠିତ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏପ୍ରକାରର ବ୍ୟବସାୟିକ ଧୋକାବାଜୀର ଶିକାର ହୁଅନ୍ତି ଏବଂ ଲୋକଲଜ୍ଜା ହେତୁ ପ୍ରତିବାଦ କିମ୍ବା ଅଭିଯୋଗ କରନ୍ତି ନାହିଁ।

ତନ୍ତ୍ରମନ୍ତ୍ର, ଅଲୌକିକତା, ଅପବିଜ୍ଞାନ, ଚିକିତ୍ସକ ନହୋଇ ରୋଗୀ ଚିକିତ୍ସା ଆଦି ଉପରେ ଅନୁସନ୍ଧାନ ତଥା ଏସବୁକୁ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଭାବରେ ଆହ୍ୱାନ ଦେବା ଜନଆନ୍ଦୋଳନ ଭାବରେ ଆରମ୍ଭ ହେଲା ଊନବିଂଶ ଶତାବ୍ଦୀରେ। ୧୮୮୫ ମସିହାରେ 'ବ୍ରିଟିଶ ରେସନାଲିଷ୍ଟ ପ୍ରେସ ଆସୋସିଏସନ' ଗଠିତ ହୋଇ ଅନେକ ତଥାକଥିତ ଅଲୌକିକ ଶକ୍ତିଧାରୀଙ୍କୁ ଶକ୍ତି ପ୍ରଦର୍ଶନର ଆହ୍ୱାନ ଦେଲା। ଏହାପରେ ଅଲୌକିକତା ନାମରେ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅନେକ ସଙ୍ଗଠନ ସୃଷ୍ଟି ହେଲା। ୧୯୭୬ ମସିହାରେ ନ୍ୟୁୟର୍କଠାରେ ପଲ କର୍ଜଙ୍କ ସଭାପତିତ୍ୱରେ 'କମିଟି ଫର ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ୍ ଅଫ୍ କ୍ଲେମ୍‌ସ ଅଫ୍ ପାରାନର୍ମାଲ' ନାମକ ଅନ୍ତର୍ଜାତୀୟ ସଂଗଠନ ସୃଷ୍ଟି ହେଲା। ଆମେରିକାରେ ଜେମ୍ସ ରାଣ୍ଡି, ହାରି ଏଡୱାଡସ୍‌ଙ୍କ ଭଳି କେତେକ ବ୍ୟକ୍ତି ଜନସାଧାରଣଙ୍କୁ ଅଲୌକିକତା ନାମରେ ଶୋଷଣରୁ ରକ୍ଷା କରିବାକୁ ସଂସ୍ଥାମାନ ଗଢ଼ିଲେ। ୧୯୮୦ ମସିହାରେ ଅଷ୍ଟ୍ରେଲିଆର ସିଡନୀଠାରେ 'ଅଷ୍ଟ୍ରେଲିଆନ ସ୍କେପଟିକସ' ନାମକ ଆନ୍ତର୍ଜାତିକ ସଙ୍ଗଠନ ଗଠନ ହେଲା। ଏହା ପୂର୍ବରୁ ୧୯୪୮ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘ ପକ୍ଷରୁ 'ୟୁନିଭର୍ସାଲ ଡିକ୍ଲାରେସନ ଅଫ ହ୍ୟୁମାନ ରାଇଟସ୍' ଘୋଷଣାପତ୍ର ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରି ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ସହ ବିଭିନ୍ନ ପ୍ରକାର ଶୋଷଣରୁ ସୁରକ୍ଷା ନିମିତ୍ତ ଆଇନ ପ୍ରଣୟନ କରିଛନ୍ତି। ଆମ ଦେଶରେ 'ଦ ମ୍ୟାଜିକାଲ୍ ରିମେଡିସ୍ ଆଣ୍ଡ(ଅବଜେକସନାଲ୍ ଆଡଭରଟାଇଜମେଣ୍ଟ) ଆକ୍ଟ ୧୯୫୪' ମାଧ୍ୟମରେ ଚିକିତ୍ସାଗତ ଆଇନସିଦ୍ଧ ପ୍ରମାଣପତ୍ର ନଥିଲେ ରୋଗୀ ଚିକିତ୍ସା, ତନ୍ତ୍ରମନ୍ତ୍ର ଚିକିତ୍ସା, ଉପଚାର ଆଦି କରିବା ଦଣ୍ଡନୀୟ ଅପରାଧ ଭାବରେ ପରିଗଣିତ ହୋଇସାରିଛି। ଆମ ଦେଶର ସମ୍ବିଧାନର ଧାରା ୫୧(କ)(ଜ) ବୈଜ୍ଞାନିକ ଦୃଷ୍ଟିକୋଣ, ମାନବବାଦର ପ୍ରସାର ଓ ଅନୁସନ୍ଧାନର ମନୋବୃତ୍ତି ପ୍ରତ୍ୟେକ ନାଗରିକ ରଖିବାକୁ ନିର୍ଦ୍ଦେଶ କରିଛି। ଭାରତରେ ପ୍ରଫେସର ଆବ୍ରାହମ ଥମାସ କଭୁର, ସାନାଲ ଏଡାମାରୁକୁ, ବାସବ ପ୍ରେମାନନ୍ଦଙ୍କ ଭଳି ଅନେକ ବ୍ୟକ୍ତି ଅଲୌକିକତା ଓ ତନ୍ତ୍ରମନ୍ତ୍ର ନାମରେ ଶୋଷଣକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ଲୋକଙ୍କୁ ଖୋଲା ଆହ୍ୱାନ ଦେଇ ଅଲୌକିକତା ନାମରେ କରାଯାଉଥିବା ଧୋକାବାଜୀର ରହସ୍ୟ ପ୍ରଘଟକାରୀ ଜନସଭା ଆୟୋଜନ କରିଛନ୍ତି। ଏସବୁ ସତ୍ତ୍ୱେ ଶିକ୍ଷିତ ଲୋକଙ୍କ ସହିତ ସାଧାରଣ ଲୋକେ ଅବୈଜ୍ଞାନିକ ଅବଧାରଣାକୁ ନେଇ ବିଜ୍ଞାପନ ମାଧ୍ୟମରେ ଠକାମି ଓ ଶୋଷଣର ଶିକାର ହୋଇଚାଲିଛନ୍ତି।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

## ପାରମ୍ପରିକ ଘରର ପ୍ରାସଙ୍ଗିକତା

ସତ୍ୟଶୋଭନ ଦାସ

'ଏଇ ଘରଟିରେ ଜନମ ମୋର, ଝାଟିମାଟିର ଏ ନଡ଼ା ଛପର / ଏଇ ଘରେ ଆମେ ଏକାଠି ଥାଉ, ଏକାଠି ଖାଉ, ଏକାଠି ବସୁ, ଏକାଠି ହସୁ / ବୁଢ଼ୀମା' ପାଶେ, ଗପ ଶୁଣୁ ଶୁଣୁ ନିଦଟି ଆସେ।' ପିଲା ଦିନର ଏହି କବିତା, ଗ୍ରାମ୍ୟ ଜୀବନର ଜୀବନ ଶୈଳୀକୁ ନିଖୁଣ ଭାବରେ ଦର୍ଶାଇ ଥାଏ। ଆଜି ବି ଗ୍ରାମ୍ୟ ଜୀବନର ଏହା ବହୁମାତ୍ରରେ ଜୀବନ୍ତ।

ବର୍ଦ୍ଧିଷ୍ଣୁ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ସଙ୍କଟ ପରିପ୍ରେକ୍ଷୀରେ ଗ୍ରାମୀଣ ଘରର ଅନେକ ପ୍ରାସଙ୍ଗିକତା ଓ ଆବଶ୍ୟକତା ରହିଛି। ଗ୍ରାମୀଣ ଘର ଚତୁଃପାର୍ଶ୍ୱରେ ବାରଣ୍ଡା ଫଳରେ ସୂର୍ଯ୍ୟକିରଣ ଘର କାନ୍ଥରେ ସିଧାସଳଖ ପଡୁ ନଥିବାରୁ ଘର ପ୍ରାୟତଃ ଥଣ୍ଡା ରୁହେ। ଘର ପଛ ପଟ ପୋଖରୀ ଭୂତଳ ଜଳ ପୁନଃ ସଂରକ୍ଷଣ ସହିତ ତା' ଉପର ଦେଇ ସୁଲୁସୁଲିଆ ଥଣ୍ଡା ପବନ ଏକ ପରିବେଶ ଅନୁକୂଳିତ ବାତାବରଣ ସୃଷ୍ଟି କରେ।

ପାରମ୍ପରିକ ଗ୍ରାମାଞ୍ଚଳ ଏବଂ ଆଦିବାସୀ ଘରଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଭାବରେ ପ୍ରାପ୍ତ ଜଳବାୟୁ-ଉପଯୁକ୍ତ ସାମଗ୍ରୀ, ଯେପରିକି କାଦୁଅ, ବାଉଁଶ, ପଥର ଓ ନଡ଼ା ବ୍ୟବହାର କରି ନିର୍ମାଣ କରାଯାଇଥାଏ। ଏହି ସାମଗ୍ରୀଗୁଡ଼ିକ ଉତ୍କୃଷ୍ଟ ତାପ ନିରୋଧକତା ପ୍ରଦାନ କରେ, ଗରମ ଦିନରେ ଭିତରକୁ ଥଣ୍ଡା ଏବଂ ଥଣ୍ଡା ରାତିରେ ଉଷ୍ମ ରଖେ, ଏୟାର କଣ୍ଡିସନର କିମ୍ବା ହିଟର ଭଳି ଶକ୍ତି-ସଘନ ଉପକରଣ ଉପରେ ନିର୍ଭର ନକରି। ଉଦାହରଣ ସ୍ୱରୂପ, ଘନ କାନ୍ଥ ବିଶିଷ୍ଟ ମାଟି ଘରଗୁଡ଼ିକ ଆବୃତକ(ଇନ୍‌ସୁଲେଟର) ଭାବରେ କାମ କରେ, ଯାହା ଦିନରେ ବର୍ଦ୍ଧିଷ୍ଣୁ ଉତ୍ତାପ ପ୍ରତିରୋଧ କରିବା ସହିତ ଉତ୍ତାପ ବିକିରଣ କରୁ ନ ଥିବାରୁ ରାତିରେ ଭିତର ତାପମାତ୍ରାକୁ ଆରାମଦାୟକ ରଖିଥାଏ। ସେହିପରି, କୁଟା ଛାତ ବାୟୁଚଳନ ଏବଂ ପ୍ରାକୃତିକ ବାୟୁ ପ୍ରବାହକୁ ସୁଗମ କରେ, ଯାହା ବାସିନ୍ଦାଙ୍କୁ ବର୍ଦ୍ଧିତ ଉତ୍ତାପ ସ୍ତରର ମୁକାବିଲା କରିବାରେ ସାହାଯ୍ୟ କରେ। ଘରର ଚାରିପଟେ ପିଣ୍ଡା ଯୋଗୁଁ ସୂର୍ଯ୍ୟ କିରଣ ଘରର କାନ୍ଥ ଉପରେ କମ ପଡ଼େ, ସେଇଥି ପାଇଁ ଏହି ଘର ଗରମ ଦିନରେ ଥଣ୍ଡା ରହେ। ଏହି ସ୍ଥାପତ୍ୟ ସମାଧାନଗୁଡ଼ିକ କେବଳ ପ୍ରଭାବଶାଳୀ ନୁହେଁ ବରଂ ମୂଲ୍ୟ-ଲାଭକାରୀ ମଧ୍ୟ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଦୁର୍ବଳ ଥିବା ନିମ୍ନ-ଆୟ ସମ୍ପ୍ରଦାୟ ପାଇଁ ଏଗୁଡ଼ିକୁ ଆଦର୍ଶ କରିଥାଏ।

ପାରମ୍ପରିକ ଘରଗୁଡ଼ିକ କେବଳ ଆଶ୍ରୟସ୍ଥଳ ନୁହେଁ, ଏହା ଏକ ସମ୍ପ୍ରଦାୟର ଇତିହାସ, ମୂଲ୍ୟବୋଧ ଏବଂ ଭୂମି ସହିତ ସଂଯୋଗର ପ୍ରକାଶ। ଆଦିବାସୀ ଏବଂ ଗ୍ରାମୀଣ ସମାଜରେ ସ୍ଥାପତ୍ୟ ପ୍ରାୟତଃ ରୀତିନୀତି, ପର୍ବ ଏବଂ ସାମାଜିକ ବ୍ୟବସ୍ଥା ସହିତ ଜଡ଼ିତ। ଏହି ଘରଗୁଡ଼ିକୁ ସଂରକ୍ଷଣ କରିବା ସମ୍ପ୍ରଦାୟ ସଂହତିକୁ ସମର୍ଥନ କରେ ଏବଂ ପରିଚୟକୁ ସୁଦୃଢ଼ କରେ। ଏହା ବ୍ୟତୀତ, ସାଂସ୍କୃତିକ ଐତିହ୍ୟ ସ୍ଥିରତା-ନିର୍ମାଣରେ ଏକ ପ୍ରମୁଖ ସମ୍ପତ୍ତି। ପାରମ୍ପରିକ ସ୍ଥାପତ୍ୟ ବଜାୟ ରଖିବା ପିଢ଼ି ପରେ ପିଢ଼ି ମାନସିକ ସୁସ୍ଥତା ଓ ନିରନ୍ତରତାକୁ ସମର୍ଥନ କରେ। ଆଧୁନିକ ନିର୍ମାଣ ବିଶ୍ୱ କାର୍ବନ ନିର୍ଗମନରେ ଏକ ପ୍ରମୁଖ ଅବଦାନକାରୀ। ଏହା ସାଧାରଣତଃ ରାସ୍ତା ଓ ରେଳ ଦ୍ୱାରା ପରିବହନ କରାଯାଏ। ମାଲବାହୀ ଯାନଗୁଡ଼ିକ, ବିଶେଷକରି ମଧ୍ୟମ ଓ ଭାରୀ ଯାନଗୁଡ଼ିକ, ବିଶ୍ୱ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନରେ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ। ପ୍ରକୃତରେ, ପାରମ୍ପରିକ କୋଠାଗୁଡ଼ିକର ସମଗ୍ର ଜୀବନଚକ୍ରରେ ସାମଗ୍ରୀ ସଂଗ୍ରହଠାରୁ ଆରମ୍ଭ କରି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ କମ୍ କାର୍ବନ ପଦଚିହ୍ନ ଥାଏ। ପାରମ୍ପରିକ ଗୃହଗୁଡ଼ିକରେ ବ୍ୟବହୃତ ସ୍ଥାନୀୟ ସାମଗ୍ରୀଗୁଡ଼ିକ ପ୍ରାୟତଃ ଜୈବବିଘଟନଶୀଳ ହୋଇଥାଏ ଏବଂ ସର୍ବନିମ୍ନ ପ୍ରକ୍ରିୟାକରଣ ଆବଶ୍ୟକ କରେ, ଯାହା ନିର୍ଗମନକୁ ବହୁଳ ଭାବରେ ହ୍ରାସ କରେ।

ସରକାର ପାରମ୍ପରିକ ଗୃହଗୁଡ଼ିକର ସଂରକ୍ଷଣ ପାଇଁ ପ୍ରୋତ୍ସାହନ ଏବଂ ଯୋଜନା ସହିତ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି। ଅଧିକନ୍ତୁ, ଯେହେତୁ ଏହି ଗଠନଗୁଡ଼ିକ ସ୍ଥାୟୀ ଏବଂ ସହଜରେ ମରାମତି କରାଯାଏ, ସେମାନେ କମ୍ ଅପଚୟ ସୃଷ୍ଟି କରନ୍ତି, ବାରମ୍ବାର ପୁନଃନିର୍ମାଣର ଚାହିଦାକୁ ହ୍ରାସ କରନ୍ତି। ଏପରି ଘରଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି, ଆମେ ପରିବେଶଗତ ସନ୍ତୁଳନ ବଜାୟ ରଖିବା ସହିତ ଜଳବାୟୁ ଅନୁକୂଳନ ପ୍ରୟାସରେ ଯୋଗଦାନ ଦେଉଛୁ।

ପାରମ୍ପରିକ ଘରଗୁଡ଼ିକ ଦ୍ରୁତ ସହରୀକରଣ, ଅବହେଳା ଏବଂ ଆଧୁନିକ ନିର୍ମାଣ ସପକ୍ଷରେ ନୀତିଗତ ପକ୍ଷପାତରୁ ବିପଦର ସମ୍ମୁଖୀନ ହୁଅନ୍ତି। ଅନେକ ଯୁବକ ପୈତୃକ ଘର ଏବଂ ସେଗୁଡ଼ିକୁ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଦକ୍ଷତା ଛାଡ଼ି ସହରକୁ ସ୍ଥାନାନ୍ତର କରନ୍ତି। ଏହା ସହିତ, ଆର୍ଥିକ ପ୍ରୋତ୍ସାହନ ପ୍ରାୟତଃ ପାରମ୍ପରିକ ପଦ୍ଧତିଗୁଡ଼ିକୁ ସମାୟୋଜିତ କରେ ନାହିଁ କିମ୍ବା ସମର୍ଥନ କରେ ନାହିଁ। ଏହି ଧାରା ଓଲଟାଇବାକୁ, ସରକାର ଏବଂ ସଂଗଠନଗୁଡ଼ିକୁ ଜଳବାୟୁ ଅନୁକୂଳନ ଏବଂ କାର୍ବନ ହ୍ରାସରେ ପାରମ୍ପରିକ ସ୍ଥାପତ୍ୟର ମୂଲ୍ୟକୁ ଚିହ୍ନିବା ଆବଶ୍ୟକ। ପୁନରୁଦ୍ଧାର ପାଇଁ ପାଣ୍ଠି ଯୋଗାଇବା, କାରିଗରମାନଙ୍କୁ ତାଲିମ ଦେବା ଏବଂ ଆଧୁନିକ ସ୍ଥାୟୀତ୍ୱ ଯୋଜନାରେ ପାରମ୍ପରିକ କୌଶଳକୁ ସଂହତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକ ଏହି ଘରଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ନିଶ୍ଚିତ କରିପାରିବେ।

ପାରମ୍ପରିକ ଗ୍ରାମୀଣ ଏବଂ ଆଦିବାସୀ ଘରଗୁଡ଼ିକୁ ସଂରକ୍ଷଣ କରିବା କେବଳ ସାଂସ୍କୃତିକ ଗର୍ବର ବିଷୟ ନୁହେଁ - ଏହା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବାରେ ଏକ ଚିନ୍ତାଶୀଳ ସ୍ଥାୟୀ ରଣନୀତି। ଏହି ଘରଗୁଡ଼ିକ କମ୍ କାର୍ବନ ଜୀବନଯାପନ, ସମ୍ପ୍ରଦାୟ ସ୍ଥିରତା ଏବଂ ତାପ ଚାପର ବ୍ୟବହାରିକ ସମାଧାନ ପ୍ରଦର୍ଶନ କରନ୍ତି ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏପର୍ଯ୍ୟନ୍ତ ହାସଲ କରିବାକୁ ଚେଷ୍ଟା କରୁଛି। ଜୀବନଯାପନର ଏହି ସମୟ-ପରୀକ୍ଷିତ ଉପାୟଗୁଡ଼ିକୁ ମୂଲ୍ୟାଙ୍କନ ଏବଂ ନିବେଶ କରି ଆମେ ଏକ ଅଧିକ ସ୍ଥିର ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇପାରିବା।

ବାଲିଆପାଳ(ବାଲେଶ୍ୱର), ମୋ: ୭୮୯୪୪୫୬୫୧

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ସୀତାଫଳ

ସୌଭାଗ୍ୟସୁନ୍ଦର

ସୀତାଫଳ ଏକ ସୁସ୍ୱାଦୁ ଫଳ ଉତ୍ପାଦନକାରୀ ଉଦ୍ଭିଦ, ଯାହା ଭାରତରେ ବହୁଳ ଭାବରେ ଚାଷ କରାଯାଏ। ଏହାର ଉତ୍ପତ୍ତିସ୍ଥଳ ନୂତନ ବିଶ୍ୱ ଉଷ୍ଣମଣ୍ଡଳୀୟ କାରିବିଆନ ଅଞ୍ଚଳରେ ବୋଲି ଅନୁମାନ କରାଯାଏ।

ଛୋଟ, ଅର୍ଦ୍ଧ-ପତ୍ରପାତୀ, ବହୁ ଶାଖାବିଶିଷ୍ଟ ୩-୮ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ସୀତାଫଳ ଗଛର ପତ୍ରଗୁଡ଼ିକ ପତଳା, ସରଳ, ୫-୧୭ ସେମି ଲମ୍ବା ଏବଂ ୨-୬ ସେମି ଚଉଡ଼ା। ତିନୋଟି ସବୁଜ ବାହ୍ୟ ପାଖୁଡ଼ା ଏବଂ ତିନୋଟି ଭିତର କ୍ଷୁଦ୍ର ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ବସନ୍ତ-ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଫୁଟିଥାଏ। ଫଳଗୁଡ଼ିକ ସାଧାରଣତଃ ନୀଳ-ସବୁଜରୁ ଫିକା ସବୁଜ ଏବଂ ଧାରଗୁଡ଼ିକ ଧଳା ଗୋଲାପୀ। ଫୁଲ ଫୁଟିବାର ୩ ରୁ ୪ ମାସ ପରେ ଫଳ ପାଚେ। ଫଳ ରସାଳ ସୁଗନ୍ଧିତ, ହାଲୁକା ହଳଦିଆ ରଙ୍ଗରୁ କ୍ରିମି ଧଳା ଏବଂ କଷ୍ଟାର୍ଡ ପରି ସୁସ୍ୱାଦୁ। ବିହନ ବା ମଞ୍ଜି ଟାଣ ଏବଂ କଳା ବର୍ଣ୍ଣର, ଯାହା ପ୍ରତ୍ୟେକ ଧଳା ମାଂସଳ ପରଦା ସହିତ ଆବୃତ ହୋଇଥାଏ। ଫଳର ମଧ୍ୟ ଭାଗରେ ଏକ ଲମ୍ବା ସ୍ତମ୍ଭାକାର ପଦାର୍ଥ ଥାଏ, ଯାହା ଚାରିପାଖରେ ମଞ୍ଜିଗୁଡ଼ିକ ସଜେଇ ହୋଇ ରହିଥାଏ। ପ୍ରତି ଫଳରେ ୨୦ ରୁ ୪୦ କିମ୍ବା ତା'ଠାରୁ ଅଧିକ ମଞ୍ଜି ଥାଇପାରେ। ଏଥିରେ ୫୦ ରୁ ୬୦% ରସାଳ ବା ମାଂସଳ ଖାଦ୍ୟ ପଦାର୍ଥ ଥାଏ, ଯାହା ଶର୍କରା ବା କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏବଂ ପ୍ରୋଟିନର ଉତ୍ସ।

ଫଳ ସାଧାରଣତଃ ତାଜା ଖିଆଯାଏ ଏବଂ ଜୁସ୍, କେକ୍ ଓ ଆଇସ୍କ୍ରିମ୍ ତିଆରି କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ସୁସ୍ୱାଦୁ ଫଳ ରସ ବ୍ୟତୀତ ସୀତାଫଳର ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ପଦ୍ଧତିରେ ପାରମ୍ପରିକ ଔଷଧର ଏକ ପ୍ରମୁଖ ଉପାଦାନ। ସୀତାଫଳର ବିଭିନ୍ନ ଅଂଶ ଆସ୍କର୍ବିକ୍ ଏସିଡ୍, କ୍ୟାଲସିୟମ୍, ଫସଫରସ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ତତ୍ତ୍ୱର ଭଣ୍ଡାର। ସୀତାଫଳରୁ ପ୍ରାପ୍ତ ପାରମ୍ପରିକ ଉପଚାରଗୁଡ଼ିକ ପାକସ୍ଥଳୀ ବିକାର, ଶ୍ୱାସକ୍ରିୟା ସଂକ୍ରମଣ, ପ୍ରଦାହ, ମଧୁମେହ, ହିଷ୍ଟେରିଆ ବା ଉନ୍ମା. ଫୁଲା, ମଳଦ୍ୱାର ପ୍ରଳୟ, ଟ୍ୟୁମର, ରକ୍ତହୀନତା, ଜଳାପୋଡ଼ା, ଶୁଦ୍ଧିକାରକ, କଫ, ରକ୍ତଚାପ, ଆମାଶୟ, ନାଳଝାଡ଼ା, ମେରୁଦଣ୍ଡ ମଜ୍ଜା ଆଦି ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ସୀତାଫଳ ଗଛର ପତ୍ର, କାଣ୍ଡ, ଛାଲି, ମୂଳ ଓ ବିହନ ସମେତ ଉଦ୍ଭିଦର ବିଭିନ୍ନ ଅଂଶକୁ ପାରମ୍ପରିକ ଔଷଧରେ ନିୟୋଜିତ କରାଯାଇଥାଏ। ପାରମ୍ପରିକ ଭାରତୀୟ ଔଷଧରେ ପତ୍ରଗୁଡ଼ିକୁ ପୋଲ୍ଟିସ୍ ବା ପୁଟୁଳି ଭାବରେ ବ୍ୟବହାର ପାଇଁ ମଧ୍ୟ ଚୂର୍ଣ୍ଣ କରାଯାଏ ଏବଂ କ୍ଷତ ଉପରେ ପ୍ରୟୋଗ କରାଯାଏ।

ଉଦ୍ଭିଦରେ ବିଭିନ୍ନ ପ୍ରକାରର ଜୈବ ରାସାୟନିକ ଉପାଦାନ ରହିଛି, ଯେଉଁଥିରେ ଆନୋନାଇନ୍, ସ୍କ୍ୱାମୋସିନ୍, ରେଟିକୁଲାଇନ୍, ଆନୋମୁରିସିନ୍ ଏ ଏବଂ ଆନୋନାମାଇନ୍ ଭଳି ଆଲକାଲଏଡ୍ ଅନ୍ତର୍ଭୁକ୍ତ, ଯାହା ସାଇଟୋଟକ୍ସିକ, ଆଣ୍ଟିମାଇକ୍ରୋବାୟଲ୍ ଓ ଆଣ୍ଟିପାରାସାଇଟିକ୍ ଗୁଣ ପ୍ରଦର୍ଶନ କରେ। ସ୍କ୍ୱାମୋଷ୍ଟାଟିନ୍, ସ୍କ୍ୱାମୋସିନ୍, ଆନୋନାସିନ୍ ଓ ବୁଲାଟାସିନ୍ ଭଳି ଆସେଟୋଜେନିନ୍ କର୍କଟ କୋଷ ଉପରେ ସେମାନଙ୍କର ଶକ୍ତିଶାଳୀ ସାଇଟୋଟକ୍ସିକ ପ୍ରଭାବ ପାଇଁ ଉଲ୍ଲେଖନୀୟ। ଫ୍ଲାଭୋନଏଡ୍ସରେ ଅନ୍ତର୍ଭୁକ୍ତ କ୍ୱେରସେଟିନ୍, କ୍ୟାମ୍ପଫେରୋଲ୍, ରୁଟିନ୍ ଓ ଲ୍ୟୁଟୋଲିନ୍ ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ବିରୋଧୀ ଲାଭ ପ୍ରଦାନ କରନ୍ତି। ଏହାସହିତ ସିଟୋଷ୍ଟେରୋଲ୍, ଲୁପିଓଲ୍, ଷ୍ଟିଗମାଷ୍ଟେରୋଲ୍, ଉର୍ସୋଲିକ୍ ଏସିଡ୍, ଗାଲିକ୍ ଏସିଡ୍, କ୍ଲୋରୋଜେନିକ୍ ଏସିଡ୍, ଏଲାଜିକ୍ ଏସିଡ୍ ଓ କାଫିକ୍ ଏସିଡ୍ ଭଳି ଟେର୍ପେନୋଏଡ୍ସ ଓ ଫେନୋଲିକ୍ସ ଉଦ୍ଭିଦର ବିସ୍ତୃତ ଔଷଧୀୟ କାର୍ଯ୍ୟକଳାପରେ ଅବଦାନ ରଖନ୍ତି।

ସୀତାଫଳର ଯେକୌଣସି ପ୍ରତିକୂଳ ପରିସ୍ଥିତି ସହ୍ୟ କରିବାର କ୍ଷମତା ଅଛି। ଅଧିକ ଯତ୍ନ ବିନା ବଢ଼ିଥାଏ ଏବଂ ପ୍ରାୟତଃ ଗ୍ରାମାଞ୍ଚଳରେ ଏକ ଅନାବନା ଗଛ ଭାବରେ ଦେଖାଯାଏ। ସୀତାଫଳ ଗଛକୁ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱିଡ୍ସରେ 'ଚାଷ ପଳାୟନ, ପ୍ରାକୃତିକୀକରଣ, ୱିଡ୍' ଭାବରେ ତାଲିକାଭୁକ୍ତ କରାଯାଇଛି। ଅର୍ଥାତ ଏହାର ଚାଷ ପାଇଁ କୌଣସି ଉପଯୁକ୍ତ ପଦକ୍ଷେପ ନେବାରୁ ସୀତାଫଳ ଉଦ୍ଭିଦ ବଞ୍ଚିତ ରହିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବନ୍ଦ

ଭୁବନେଶ୍ୱର, ୨୯ ।୬(ସମିସ): ସୋମବାର ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନିର୍ବାଯ୍ୟ କାରଣ ପାଇଁ ସ୍ଥଗିତ ରହିବ । ଶୁଣାଣି ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଆପତ୍ତି, ଅଭିଯୋଗ ପରବର୍ତ୍ତୀ ଜନଶୁଣାଣିରେ ଶୁଣାଯିବ । ପରବର୍ତ୍ତୀ ଜନଶୁଣାଣି ଖୁବ୍‌ଶୀଘ୍ର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

## ଆଜି ମହାପ୍ରଭୁଙ୍କ ବନକଲାଗି
# ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨୯।୬(ସମିସ): ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ସୋମବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ହେରାପଞ୍ଚମୀ ପୂର୍ବଦିନ ମହାପ୍ରଭୁଙ୍କର ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ସୋମବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

# ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

## ମୃତକଙ୍କ ପରିବାରକୁ ୫୦ ଲକ୍ଷ ଏବଂ ଗୁରୁତରଙ୍କୁ ୨୫ ଲକ୍ଷ ଦେବାକୁ ଦାବି

ଭୁବନେଶ୍ୱର/ପୁରୀ,୨୯।୬(ସମିସ): ଶରଧାବାଲି ଦଳଚକଟା ଘଟଣାରେ ପିସିସି ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇଛି । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସଦସ୍ୟ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି ଉପସଭାପତି ସନ୍ତୋଷ ସିଂ



ସାଲୁଜା, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଘଟଣାସ୍ଥଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତମାନଙ୍କ ସହ ଆଲୋଚନା କରିଛନ୍ତି। ଗୁରୁତର ଭାବେ ଆହତ ହୋଇଥିବା ଓ ସମ୍ପୂର୍ଣ୍ଣ ରୂପେ ଗୋଡ଼ ହାଡ଼ ଦିଖଣ୍ଡ ହୋଇଥିବା ଦୁଇଜଣ ରୋଗୀଙ୍କୁ ମଧ୍ୟ ବିନା ଚିକିତ୍ସାରେ ଡିସ୍‌ଚାର୍ଜ ହୋଇଥିବା କଥା ଶୁଣି ଟିମ୍ ବ୍ୟଥିତ ଓ ଚକିତ ହୋଇଛି। ଘଟଣାକୁ ଫାଙ୍କିଦେବା ପାଇଁ ଯେତିକି ସରକାରୀ ଉଦ୍ୟମ ହେଉଛି ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା ପାଇଁ ସେତିକି ଦୃଷ୍ଟି ଦିଆଯାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି ।

କଂଗ୍ରେସ ପକ୍ଷରୁ ଏହି ଘଟଣାରେ ମୃତକମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଏବଂ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ୨୫ ଲକ୍ଷ ଟଙ୍କା ସ୍ୱତନ୍ତ୍ର ସହାୟତା ଦେବାକୁ ଦଳ ଦାବି କରିଛି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ମୁଣ୍ଡରେ ପରିଚାଳନା ଦାୟିତ୍ୱ ନ୍ୟସ୍ତ ଥିବା ଦୃଷ୍ଟିରୁ ନୈତିକତା ଦୃଷ୍ଟିରୁ ସେମାନେ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି । ମାସକ ଭିତରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆଜି ଅପରାହ୍ନରେ ଆଇନ ମନ୍ତ୍ରୀ ଘୋଷଣା କରିଛନ୍ତି । କିଏ ତଦନ୍ତ କରିବେ ଏବଂ କିଭଳି ତଦନ୍ତ କରାଯିବ ସେ ସମ୍ପର୍କରେ କିଛି ନ କହି ସରକାର କି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଟିମ୍ ପ୍ରଶ୍ନ କରିଛି । ନୀଳାଦ୍ରି ବିଜେ ପରେ ୧୦ ଦିନ ମଧ୍ୟରେ ଜଣେ କାର୍ଯ୍ୟରତ ଜିଲ୍ଲା ଜଜ୍‌ଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ତାଙ୍କ ସୁପାରିସ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦଳ ଦାବି କରିଛନ୍ତି ।

## ଅବଶିଷ୍ଟାଂଶ

### ଜନ୍ମବେଦୀରେ ଚତୁର୍ଦ୍ଧାବିଗ୍ରହ...

ହେଲେ ଏବର୍ଷ ରଥ ବେଶି ବାଟ ଗଡ଼ିପାରି ନଥିଲେ । ଶନିବାର ସକାଳେ ପୁନଶ୍ଚ ରଥଟଣା ଯାଇଥିଲା । ଅପରାହ୍ଣ ୧ଟା ୧୦ସୁଦ୍ଧା ତିନିରଥ ଶରଧାବାଲିରେ ପହଞ୍ଚିଥିଲେ । ଦୁଇରାତି ଓ ଦୁଇଦିନ ରଥ ଉପରେ ହିଁ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସକାଳ ୬ଟା ୧୫ରୁ ୬ଟା ୨୫ ମଧ୍ୟରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ରଥ ଉପରେ ଠାକୁର ଥିବା ବେଳେ ଖଇ, କୋରା, ଶଙ୍ଖକୋରା, ଫଳମୂଳ ଭୋଗ ଲାଗି କରାଯାଇଥିଲା । ମଙ୍ଗଳ ଆଳତିଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ଣ ୨ଟା ୪୫ ମଧ୍ୟରେ ଶେଷ ହୋଇଥିଲା । ପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା । ପାଗ ଅନୁକୂଳ ଆଣି ଦେଇଥିଲା ଆଶ୍ୱସ୍ତି । ଆରମ୍ଭ ହୋଇଥିଲା ପହଣ୍ଡି ପାଇଁ ପ୍ରକ୍ରିୟା । ଅପରାହ୍ଣ ୩ଟା ୨୫ରୁ ସନ୍ଧ୍ୟା ସାଢ଼େ ୬ଟା ମଧ୍ୟରେ ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧା ଯାଇଥିଲା । ପରେ ସନ୍ଧ୍ୟା ୬ଟା ୪୦ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳୀ । ୬ଟା ୫୦ରେ ଆରମ୍ଭ ହୋଇଥିଲା ପହଣ୍ଡି । ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପମଣ୍ଡପକୁ ବିଜେ ହୋଇଥିଲେ । ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟିପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା । ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି ।

ସୁଦର୍ଶନଙ୍କ ପହଣ୍ଡି ପରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ସଅଳ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ ଶ୍ରୀବଳଭଦ୍ର । ବଡ଼ଠାକୁରଙ୍କ ପରେ ହଳଦୀମୁଖିଦେବୀ ସୁଭଦ୍ରା ଜନ୍ମବେଦୀକୁ ଗୋଟିପହଣ୍ଡିରେ ବିଜେ କରିଥିଲେ । ଶେଷରେ ବିଶ୍ୱନିୟନ୍ତା ମହପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ହଲିଝୁଲି କାଳିଆ ଠାକୁର ଆଡ଼ପମଣ୍ଡପକୁ ବିଜେ କରିଥିଲେ । ରାତି ୯ଟା ୫୦ରେ ପହଣ୍ଡି ଶେଷ ହୋଇଥିଲା । ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା । ପତିମହାପାତ୍ର ସେବକ ଘଷା ଏବଂ ବିଡ଼ିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ । ଏହାପରେ ଗୋଟିପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପରେ ରୁନ୍ଧାଯିବା ପରେ ନିର୍ଘଣ୍ଟ ଅନୁଯାୟୀ ଅନ୍ୟାନ୍ୟ ନୀତି କରାଯାଇଛି ।

ଅପରପକ୍ଷେ, ସୋମବାରଠାରୁ ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବାହାରିବ ଆଡ଼ପ ଅବଢ଼ା । ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା । ଭକ୍ତମାନେ କିପରି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ, ସେଥିଲାଗି ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

### ମହାଅଘଟଣ...

୧୫ ମଧ୍ୟରେ ତିନିରଥରେ ଠାକୁରଙ୍କର ପହୁଡ଼ କରାଯାଇଥିଲା । ଏପଟେ ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ଅଞ୍ଚଳରେ ଦର୍ଶନ ପାଇଁ ଅପେକ୍ଷା କରିରହିଥିଲେ । ପହୁଡ଼ ପଡ଼ିଯିବାରୁ ଶ୍ରଦ୍ଧାଳୁମାନେ ଜରି ପକାଇ ତଳେ ବସି ରହିଥିଲେ । ଅନ୍ୟପକ୍ଷରେ ରାତି ଯେତେ ଅଧିକ ହେଉଥିଲା, ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେତେ ବଢ଼ିବାରେ ଲାଗିଥିଲା । ଗୁଣ୍ଡିଚା ମନ୍ଦିର ସମ୍ମୁଖ ସୀମିତ ଅଞ୍ଚଳରେ ହଜାରହଜାର ଭକ୍ତ ସମାଗମ ହୋଇଥିଲେ । ପ୍ରତ୍ୟୁଷରେ ପହୁଡ଼ ଖୋଲିବା ପରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିଲା । ଏହି ସମୟରେ ଚାରମାଳ କାଠ ନେଇ ଭିଡ଼ ଭିତରେ ୨ଟି ଟ୍ରକ୍ ଆସିଥିଲା । ଶ୍ରଦ୍ଧାଳୁ ଆଡ଼େଇ ହୋଇଯାଉଥିବା ବେଳେ ଠେଲାପେଲା ହୋଇଥିଲା । ଏହି ଠେଲାପେଲା ଯୋଗୁଁ ମଝି ରଥ ସମ୍ମୁଖରେ ଦଳାଚକଟା ହୋଇଥିଲା । ବହୁ ଭକ୍ତ ତଳେ ପଡ଼ିଯାଇଥିଲେ । ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ି ଚାଲିଯାଉଥିଲେ । ଫଳରେ ଘଟଣାସ୍ଥଳରେ ୨ଜଣ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଜଣେ; ଏହିପରି ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨ ଆହତ ଭର୍ତ୍ତି ହୋଇଛନ୍ତି । ମୃତ ଶ୍ରଦ୍ଧାଳୁମାନେ ହେଲେ, ବୋଲଗଡ଼ର ବାସନ୍ତୀ ସାହୁ, ଭୁବନେଶ୍ୱରର ପ୍ରେମକାନ୍ତ ମହାନ୍ତି ଏବଂ ବାଲିପାଟଣା ଅଠାନ୍ତରର ପ୍ରଭାତୀ ଦାସ । ଏହି ଦୁର୍ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୋକାକୁଳ ପରିସ୍ଥିତି ଉପୁଜିଥିଲା । ପୁଲିସ୍ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଘଟଣାସ୍ଥଳରେ ଉପସ୍ଥିତ ଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପ୍ରଶାସନର ଅବହେଳା ଯୋଗୁଁ ଏପରି ଅଘଟଣ ଘଟିଲା । ସେମାନଙ୍କ ସୂଚନା ମୁତାବକ, ଭକ୍ତଙ୍କ ଭିଡ଼ ଭିତରେ ୨ଟି ଚାରକାଠ ବୋଝେଇ ଟ୍ରକ୍ ପଶିଥିଲା । ଟ୍ରକ୍ ପଶିବା ଯୋଗୁଁ ଠେଲାପେଲାରୁ ଦଳାଚକଟା ହୋଇଥିଲା । ଏହି ସମୟରେ ହାତଗଣତି କିଛି ସୁରକ୍ଷା କର୍ମୀ ଥିଲେ । କୌଣସି ପ୍ରଶାସନିକ ଅଧିକାରୀ ନଥିଲେ । ଭିଡ଼ ନିୟନ୍ତ୍ରଣ ପାଇଁ ବି କିଛି ବ୍ୟବସ୍ଥା ନଥିଲା । ଯିଏ ଯେଉଁପଟେ ଚାହୁଁଥିଲା, ଆସୁଥିଲା । ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ନ ଥିଲା । ଭକ୍ତଙ୍କ ପ୍ରସ୍ଥାନ ରାସ୍ତା ବନ୍ଦ କରାଯାଇ ଭିଆଇପିଙ୍କ ମୁକ୍ତ ଦର୍ଶନ ପାଇଁ ବ୍ୟାରିକେଡ୍ କରାଯାଇଥିଲା । ଫଳରେ ରଥାରୂଢ଼ ଶ୍ରୀଜୀଉଙ୍କ ଦେଖିବା ପାଇଁ ସଙ୍କୁଚିତ ପ୍ରବେଶପଥରେ ଆସି ପୁଣି ସେଇ ବାଟେ ଫେରୁଥିଲେ । ଏଥିସହିତ ଡାକବାଜି ଯନ୍ତ୍ରରେ କେତେବେଳେ ପହୁଡ଼ ଖୋଲାଯିବ, ତାହାର ସୂଚନା ମଧ୍ୟ ଦିଆଯାଉ ନ ଥିଲା । ଫଳରେ ଲୋକଙ୍କ ମଧ୍ୟରେ ଠାକୁରଙ୍କୁ ଦେଖିବା ପାଇଁ ଦଳଚକଟା ପରିସ୍ଥିତି ଉପୁଜିଥିଲା ।

ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭକ୍ତମାନେ ଯେଉଁ ପଲିଥିନ୍‌ରେ ବସିଥିଲେ, ତାହା କାଳ ହୋଇଥିଲା । ଝିପିଝିପି ବର୍ଷା ହେବାରୁ ପଲିଥିନ୍‌ରେ ଗୋଡ଼ ଖସିଥିଲା । ଚାରମାଳ କାଠ ଗାଡ଼ି ଆସିବା ବେଳେ ହଠାତ୍ ଉଠିବା ବେଳେ ଜଣଙ୍କ ପରେ ଜଣେ କଚାଡ଼ି ହୋଇ ପଡ଼ିଥିଲେ ।

ଅନ୍ୟପକ୍ଷରେ ଜଣେ ମୃତକଙ୍କ ସ୍ୱାମୀ ପ୍ରଶାସନିକ ଅବେହଳାକୁ ଦାୟୀ କରିଛନ୍ତି । ସେ କହିଛନ୍ତି, ଯଦି ପ୍ରଶାସନ କିମ୍ବା ଆମ୍ବୁଲାନ୍ସ ସେଠାରେ ଥାଆନ୍ତା, ତା'ହେଲେ ତାଙ୍କ ସ୍ତ୍ରୀ ବଞ୍ଚିଯାଇଥା'ନ୍ତା । ପୁଲିସକୁ ଅବଗତ କରାଇଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ । ପ୍ରଶାସନର ଅବହେଳା ଯୋଗୁଁ ତାଙ୍କ ସ୍ତ୍ରୀ ମରିଗଲା ବୋଲି କୋହଭରା କଣ୍ଠରେ କହିଛନ୍ତି ।

ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର ମଧ୍ୟ ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି । ୭୫ପ୍ରତିଶତ ଜାଗାରେ ବ୍ୟାରିକେଡ୍ ପକାଯାଇଛି । ଫଳରେ ଭକ୍ତଙ୍କ ପାଇଁ ସଂକୀର୍ଣ୍ଣ ଜାଗା ଛଡ଼ାଯିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି କହିଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ପ୍ରାକ୍ତନ ପ୍ରଶାସକ ତଥା ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର କହିଛନ୍ତି, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ହେବା ଏହା ପ୍ରଥମ ଘଟଣା । ଦୀର୍ଘ ୪୦/୫୦ ବର୍ଷ ହେବ ଶରଧାବାଲିରେ କେବେ ଏମିତି ଦୁର୍ଘଟଣା ଘଟି ନ ଥିବା ସେ ମତ ଦେଇଛନ୍ତି ।

### ସରକାର ସମ୍ପୂର୍ଣ୍ଣ...

ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତ । ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଇଛି ।

ନବୀନ ପୁଣି କହିଛନ୍ତି ଯେ ରଥଯାତ୍ରା ଦିନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିବାରେ ଅହେତୁକ ବିଳମ୍ବ ହେଲା, ହେଲେ ସରକାର ଅତି ସହଜରେ ଏହାକୁ 'ମହାପ୍ରଭୁଙ୍କ ଇଚ୍ଛା' ବୋଲି କହି ଦାୟିତ୍ୱରୁ ମୁହଁ ଫେରାଇ ନେଲେ । ଏପରି ଅଭାବନୀୟ ଉକ୍ତି ପ୍ରଶାସନର ଦାୟିତ୍ୱହୀନତାକୁ ଢାଙ୍କିବା ବ୍ୟତୀତ ଆଉ କିଛି ବି ନୁହେଁ । ସରକାରଙ୍କ ବେଖାତିର ମନୋଭାବ ତଥା ସମ୍ବେଦନହୀନ ଆଚରଣ ହିଁ ଏପରି ଅଘଟଣର କାରଣ ବୋଲି ଉଲ୍ଲେଖ କରି ଆଡ଼ପ ବିଜେ, ବାହୁଡ଼ା, ସୁନାବେଶ ତଥା ରଥଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ରୀତିନୀତି ଯେପରି ସୁରୁଖୁରୁରେ ସମାପନ ହେବ ସେଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମ୍ବେଦନଶୀଳ ଭାବେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନବୀନ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଅନ୍ୟପଟେ ଶରଧାବାଲିରେ ଦଳାଚକଟା ଯୋଗୁଁ ପ୍ରାଣ ହରାଇଥିବା ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ମୃତ୍ୟୁ ହୋଇଛି । ଆଜି ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୃତ ପ୍ରଭାତୀ ଦାସଙ୍କ ପୁଅ ଆୟୁଷ ଦାସଙ୍କ ସହିତ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକ ବ୍ୟକ୍ତ କରିବା ସହ ଗଭୀର ସମବେଦନା ଜଣାଇଥିଲେ । ସେହିପରି ବୋଲଗଡ଼ ଗୋବର୍ଦ୍ଧନପୁରର ବାସନ୍ତି ସାହୁଙ୍କ ପରିବାରବର୍ଗଙ୍କ ସହ ମଧ୍ୟ ଫୋନ୍ ଯୋଗେ କଥା ହୋଇଛନ୍ତି । ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମୟରେ ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ରହି ଫୋନ୍ ଯୋଗେ ନବୀନ ପଟ୍ଟନାୟକଙ୍କୁ କଥାବର୍ତ୍ତା କରାଇଛନ୍ତି ।

### ଅବ୍ୟବସ୍ଥା ଐତିହାସିକ...

୨୫୨୭ ଗୃହରକ୍ଷୀ, ୭୫ ଟ୍ରାଫିକ୍ ପୁଲିସ, ୭୦୭ କନଷ୍ଟେବଳ, ୧୯ ଟ୍ରାଫିକ୍ ହାବିଲଦାର, ୯୫ ହାବିଲଦାର ଓ ୮୯୮ ସବ୍‌ଇନ୍ସପେକ୍ଟର ଓ ସହକାରୀ ସବଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିଲା । ମୋଟାମୋଟି ହିସାବ କଲେ ତଳ ପାହ୍ୟାରୁ ଉପର ପାହ୍ୟାର ୧୦ ହଜାରରୁ ଊର୍ଦ୍ଧ୍ୱ ପୁଲିସ ରଥଯାତ୍ରାରେ ମୁତୟନ ହୋଇଥିଲେ । ଏମାନଙ୍କ ବ୍ୟତୀତ ଡ଼ିଜିଙ୍କଠାରୁ ଆରମ୍ଭ କରି ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ରଥଯାତ୍ରାର ତତ୍ତ୍ୱାବଧାନ କରୁଥିଲେ । ମାତ୍ର ଏତେ ସଂଖ୍ୟକ ପୁଲିସ ମୁତୟନ ସତ୍ତ୍ୱେ ଚଳିତ ବର୍ଷର ଅବ୍ୟବସ୍ଥା ପୂର୍ବବର୍ଷକୁ ଅତିକ୍ରମ କରି ଯାଇଛି ।

### ଅରବିନ୍ଦ ଅଗ୍ରୱାଲ...

ଅଗ୍ରୱାଲଙ୍କୁ ରଥ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ରବିବାରଠାରୁ ତାଙ୍କ ତଦାରଖରେ ରଥଯାତ୍ରାର ବଳକା ନୀତି ଏବଂ ଯାତ୍ରା ଅନୁଷ୍ଠିତ ହେବ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସେହିପରି ଭାବେ ଅତିରିକ୍ତ ପୁଲିସ ଡିଜି(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ବଳକା ନୀତି, କାର୍ଯ୍ୟକ୍ରମ ବେଳେ ପୁଲିସ ବ୍ୟବସ୍ଥାବଳୀର ସମସ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ତାଙ୍କ ନେତୃତ୍ୱରେ ହିଁ ପୁରୀରେ ପୁଲିସ କାର୍ଯ୍ୟ କରିବ ବୋଲି ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ।

ରଥଯାତ୍ରା ମହାବିଭ୍ରାଟରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ ଭୂମିକାକୁ ନେଇ ସାଧାରଣରେ ବେଶ୍ ଅସନ୍ତୋଷ ପ୍ରକାଶ ପାଇଛି । ରବିବାର ଦଳାଚକଟାରେ ରାଜ୍ୟ ସରକାର ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହେଁ ମୁଖ୍ୟ ପ୍ରଶାସକଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ମାତ୍ର ରଥଯାତ୍ରାର ଅବଶିଷ୍ଟ ଦିନଗୁଡ଼ିକର ପରିଚାଳନା ଦାୟିତ୍ୱ ତାଙ୍କଠାରୁ କାଢ଼ି ନିଆଯାଇଛି । ପରୋକ୍ଷରେ ଦେଖିଲେ ସରକାର ତାଙ୍କ ଉପରୁ ଭରସା ହରାଇଥିବା କୁହାଯାଉଛି । ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦେବା ଅର୍ଥ ତାଙ୍କୁ ଏକପ୍ରକାର ନିଷ୍କ୍ରିୟ କରାଯାଇଛି । ରଥଯାତ୍ରା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କ୍ଷମତା ଅଳିନ୍ଦରେ ଆଲୋଚନା ଚାଲିଛି ।

### ରାହୁଲ, ଖଡ଼୍‌ଗେଙ୍କ...

କହିଛନ୍ତି । ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଦାୟିତ୍ୱରେ କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି ରାହୁଲ୍ କହିଛନ୍ତି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଦାୟିତ୍ୱରେ ଅବହେଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶ୍ରୀ ଖଡ଼୍‌ଗେ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ରଥଯାତ୍ରା ସମୟରେ ଦଳାଚକଟା ଯୋଗୁଁ ମୁଁ ଗଭୀର ମର୍ମାହତ । ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଏବଂ ଅତି କମରେ ୫୦ ଜଣ ଆହତ ହୋଇଛନ୍ତି । ଏହା ବ୍ୟତୀତ ଶୁକ୍ରବାର ରଥଯାତ୍ରା ସମୟରେ ମଧ୍ୟ ୫୦୦ ଭକ୍ତ ଆହତ ହୋଇଥିଲେ । ସମସ୍ତ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ଏହି ଦୁଃଖଦ ଘଟଣା ପାଇଁ ଯେଉଁ ଅବହେଳା ଏବଂ କୁପରିଚାଳନା କରାଯାଇଛି ତାହା ଅକ୍ଷମଣୀୟ । ରାଜ୍ୟ ସରକାର ଏହି ଗୁରୁତର ତ୍ରୁଟିର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ । ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଦୁଃଖଦ ଘଟଣା ପାଇଁ ଦାୟୀ ଲୋକଙ୍କୁ ଆଇନ ଅନୁଯାୟୀ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି ।

### ମନ୍ତ୍ରୀ, ପ୍ରଶାସକଙ୍କୁ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ମାତ୍ର ମୁଖ୍ୟମନ୍ତ୍ରୀ ନିଜର ସହଯୋଗୀ ତଥା ରଥଯାତ୍ରା ପରିଚାଳନା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବଦଳି କରିଥିବା କୁହାଯାଉଛି ।

ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବିନ୍ଦ୍ର ନାଥ ବେହେରା କହିଛନ୍ତି ଯେ ଏପରି ଅଭାବନୀୟ ପରିସ୍ଥିତି ପାଇଁ କେବଳ ଜିଲ୍ଲାପାଳ, ଏସପିଙ୍କୁ ଦୋଷ ଦେଇ ସରକାର ଖସିଯିବାକୁ ଉଦ୍ୟମ କରିବା ଉଚିତ୍ ନୁହେଁ । ସରକାର ହିଁ ରଥଯାତ୍ରା ପରିଚାଳନା କରୁଥିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଗତ ୨୨ ତାରିଖରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କରିବା ସହ ଚଳିତ ଥର ଭକ୍ତ ଦିବ୍ୟ ଓ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଗତବର୍ଷ ମହାପ୍ରଭୁ ବଳଭଦ୍ର ନିଜେ ଚାରମାଳ ଉପରେ ପଡ଼ିଯିବାର ଅଘଟଣ ମନରୁ ନ ଲିଭୁଣୁ ଚଳିତ ବର୍ଷ ବାରମ୍ବାର ଅଘଟଣ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

# ଜୁଲାଇ ୧ରୁ ଶିମିଳିପାଳ ବନ୍ଦ

ବାରିପଦା, ୨୯।୬ (ସମିସ): ଭାରୀବର୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଅଭୟାରଣ୍ୟ ଜୁଲାଇ ୧ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଏକ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଗତ ଅକ୍ଟୋବରରେ ପର୍ଯ୍ୟଟକଙ୍କ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ଖୋଲିଥିଲା । ମୌସୁମୀ ଆଗମନ ସହିତ ଲଗାଣ ବର୍ଷା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଅଭୟାରଣ୍ୟକୁ ବନ୍ଦ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ୪ମାସ ପର୍ଯ୍ୟନ୍ତ ପିଠାବଟା ଓ କାଳିଆଣି ଫାଟକ ବନ୍ଦ ରହିବ। ପ୍ରତିବର୍ଷ ବର୍ଷାଋତୁ ପାଇଁ ଜୁନ୍‌୧୫ରୁ ଶିମିଳିପାଳ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥାଏ । ଚଳିତଥର ଆଉ ୧୫ଦିନ ଅଧିକ ଖୋଲା ରଖାଯାଇଛି। ଆଗକୁ ମୌସୁମୀ ବର୍ଷା ପରେ ସ୍ଥିତିକୁ ଦେଖି ଅକ୍ଟୋବର ବା ଦୁର୍ଗାପୂଜା ଛୁଟି ସମୟରେ ଖୋଲିବା ନେଇ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଛି । ସାଧାରଣତଃ ବର୍ଷା ଋତୁରେ ଅଭୟାରଣ୍ୟର ରାସ୍ତାଘାଟ ଧୋଇଯାଇ ବିପଦସଂକୁଳ ଅବସ୍ଥାରେ ରହିଥାଏ । ତେଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସାମୟିକ ବନ୍ଦ କରାଯାଇଥାଏ।


**AFFIDAVIT**

By virtue of an affidavit before the Executive Magistrate, Sambalpur no.1989 dtd.26.06.2025, I, JITU BHOI, S/o- Kandarpa Bhoi, residence of at- Tabloi, Po.- Keshapali, Ps.- Dhama, Dist.- Sambalpur, Odisha state that, my actual and correct name is **JITU BHOI** but in my Aadhar Card my name has been wrongly mentioned as Jitendra Bhui. Both the names **JITU BHOI & JITENDRA BHUI** is of one and same person. Henceforth I shall be known as **JITU BHOI** for all purposes.

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

6370964966

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of an affidavit dtd. 13.06.2025 before the Executive Magistrate Berhampur, Ganjam, I, Bijaylaxmi Gouda, At- Alakapuri 13th Lane, Bhabinipur, Po- Engineering School, Dist.- Ganjam - 760002 have changed my name from Bijay Laxmi Dash to Bijaylaxmi Gouda. Henceforth I shall be known as **Bijaylaxmi Gouda** for all purposes.

Sd/- Bijaylaxmi Gouda

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit before The Notary Public, Titilagarh, on dated- 25/06/2025. I, Kumpatia Bag (Applicant name), Son of Babi Bag, Permanent resident of At- Antarla, P.O. Naren, P.S. Titilagarh, Dist. Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Doleswari Bag** (old name) To **Doli Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Doli Bag** (new name).

Kumpatia Bag

**M/s. R.R. ENTERPRISES**

Administration Office: Plot No. SCR-46, Kharvel Nagar, Bhubaneswar-1. Tel: 0674-2392457, 9861032457, 8280327531
E-mail: rrenterprises155@gmail.com

**REQUIREMENT**

**Required for Engagement of Human Resources for setting up FRA Cells (Dharti Aaba Units) at Sub-Divisional level under DA-JGUA in respect of Sambalpur District on outsourcing basis.**

**1. COORDINATOR (03 Nos) :**
Salary ₹ 35,000/-, (inclusive of all Taxes). i.) Candidate should have completed Graduation individual with Master Degree will be preferred. ii) Minimum 2-3 years year of experience in NGO / Social Sector Project. iii) Candidates from concerned District should be preferred for all the positions under the scheme. iv) Experience of working with Govt. Project training & capacity building Programmee / Initiatives Computer be an added advantage. v) Proficiency in understanding of Central / State Govt. schemes & Community mobilization skills use of MS Office & Conversant with internet/email and fluency oral & written communication in Eng., Odia & Local Language are preference age limit as per State Govt. of Odisha.

**2. MIS ASSISTANT (03 Nos)**
Salary ₹ 25,000/-, (inclusive of all Taxes). I) Candidates should have completed Graduation and PGDCA course Individuals with master degree will be preference age limit as per Govt. of Odisha norms. ii.) 02 year experience in DEO-Cum-Office Assistant for database office management in any reputed Govt./NGO Sector. iii) Proficiency in the use of MS Office Specially, Word, Excel & Conversant with internet/ use of online platforms is a mandatory requirement and preferred for local language.

The above post candidates are advised to send their attested photocopy of all relevant educational certificate, CVs, Pass size Photo and post wise experience through speed post regd. Post & Courier with mention for post applied and submission last date **08/07/2025** in the above mention address only.


## The Khordha Central Co-operative Bank Ltd,Khordha
### Report on the Audit of the standalone Financial Statement

**Opinion**

We have audited the accompanying Finacial Statements of **Khordha Central Co-operative Bank Limited("The Bank" or "KCCB")**,which comprises of teh Balance Sheet as at March-31,2025.Profit and Loss Account for the year ended on March -31,2025 and a summary of significant accounting policies and other explanatory information.

In our opinion, and the best of our information and according to the explanations given to us, the aforesaid financial statements read together with the Notes of Accounts forming part of the said Financial Statements,give the information required by the Banking Regulation Act,1949, the Odisha Co-operative Societies Act,1962 and the Rules made there under (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Developement (NABARD),in the manner so required and give a true and fair view in conformity with the accounting principles generally accepted in india of the state of affairs of the Bank as at March-31,2025 and its profit for the financial year ended.

The Balance sheet and profit and Loss Accouunt dealt with by this report , agree with the trail balance generated from Computer System and prepared manually by consolidating the trail balances. Then Balance in Various Ledger Heads in General Ledger reconciles with balance in Schedules for relevant head.

We have furnished our opinion and findings on the Long form Audit Report (LFAR) questionnaire,which forms integral part of this Audit Report.

The Accounting standards adopted by the Bank are consistent with those laid down by accounting principles generally accepted in India so far as applicable to Bank.

Sd/- JBMT & ASSOCIATES
Chartered Accountants (FRN:320232E)

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure Form A**
**Form of Balance Sheet for the year ended on 31st March 2025**

| | Capital and Liabilities | Schedule | GL | As on 31.03.2025 (Current Year ) | As on 31.03.2024 (Previous Year ) |
|---|---|---|---|---|---|
| 1 | Capital | 1 | | 1,30,81,04,456.06 | 1,17,36,74,882.01 |
| 2 | Reserves and Surplus | 2 | | 21,11,77,541.81 | 12,67,89,618.61 |
| 3 | Deposits | 3 | | 7,40,00,39,816.57 | 6,33,03,05,368.35 |
| 4 | Borrowings | 4 | | 5,39,49,22,313.00 | 5,96,71,98,159.00 |
| 5 | Other liabilities and provisions | 5 | | 2,73,84,74,849.86 | 2,59,27,48,553.00 |
| | Total | | | 17,05,27,18,977.30 | 16,19,07,16,580.97 |
| | | | | | |
| | Aseet | | | | |
| 1 | Cash and balance with Reserve Bank of India | 6 | | 49,59,28,420.85 | 83,18,54,767.61 |
| 2 | Balance with banks and money at call and shots notice | 7 | | 30,00,00,000.00 | |
| 3 | Investments | 8 | | 5,72,06,40,624.14 | 5,71,41,42,267.14 |
| 4 | Advances | 9 | | 9,76,44,74,536.95 | 8,93,13,25,051.84 |
| 5 | Fixed Aseets | 10 | | 9,70,21,608.58 | 9,11,35,435.73 |
| 6 | Other Assets | 11 | | 67,46,53,786.78 | 62,22,59,058.65 |
| | Total | | | 17,05,27,18,977.30 | 16,19,07,16,580.97 |
| | Contingent liabilities Bills for collectic | 12 | | | |

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure I Form B**
**Form of Profit and Loss Account for the year ended on 31st March 2025**

| | | Schedule | GL | As on 31.03.2025 (Current Year) | As on 31.03.2024 (Previous Year ) |
|---|---|---|---|---|---|
| I | Income | | | | |
| | Interest Earned | 13 | | 1,15,14,12,104.56 | 1,11,01,96,230.40 |
| | Other Income | 14 | | 79,79,526.02 | 3,27,53,860.15 |
| | Total | | | 1,15,93,91,630.58 | 1,14,29,50,090.55 |
| II | Expenditure | | | | |
| | Interest expended | | | 70,19,99,203.69 | 62,34,07,099.96 |
| | Operating expenses | | | 18,44,61,251.69 | 16,25,56,977.59 |
| | Provisions and contigencies | | | 25,29,09,859.15 | 33,82,19,213.00 |
| | Total | | | 1,13,93,70,314.53 | 1,12,41,83,290.55 |
| III | Profit /Loss | | | | |
| | Net Profit/loss(-) for the year | | | 2,00,21,316.05 | 1,87,66,800.00 |
| | Profit/loss(-) brought forward | | | | |
| | Total | | | 2,00,21,316.05 | 1,87,66,800.00 |
| IV | Appropriations | | | | |
| | Transfer to statutory reserves | | | | |
| | Transfer to other reserves | | | | |
| | Transfer to Government/ Proposed divided | | | | |
| | Balance carried over to balance sheet | | | | |
| | Total | | | | |
| | Grand Total | | | 1,15,93,91,630.58 | 1,14,29,50,090.55 |

sd/- Chief Executive Officer | sd/- Director | sd/- Director | sd/- President | sd/- Final Auditor

# ଧର୍ମେନ୍ଦ୍ରଙ୍କ ହସ୍ତତନ୍ତ ପ୍ରଯୁକ୍ତି ପ୍ରତିଷ୍ଠାନ ପରିଦର୍ଶନ

ବରଗଡ଼, ୨୯।୬(ସମିସ)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରତିଷ୍ଠାନକୁ ଶନିବାର ପରିଦର୍ଶନରେ ଆସିଛନ୍ତି। ତାଙ୍କ ସହିତ ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂରଜ୍ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍, ଗୌହାଟୀ ସ୍ଥିତ ହସ୍ତତନ୍ତ ବିକାଶ ଆୟୁକ୍ତ, ଜୋନାଲ ନିର୍ଦ୍ଦେଶକ ସ୍ୱପ୍ନମୟ ବନ୍ଦୋପାଧ୍ୟାୟ, ଆଇଆଇଏଚଟି ନିର୍ଦ୍ଦେଶକ ବ୍ରିଜେଶ ଅବସ୍ତି ଓ ଡବ୍ଲୁଏସ୍‌ସି ଭୁବନେଶ୍ୱର ଉପନିର୍ଦ୍ଦେଶକ ବିକାଶ, ବୟନିକା ଡାଇରେକ୍ଟର ସଞ୍ଜୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ସଂସ୍ଥା ସାରା ଭାରତରେ ଅଦ୍ୱିତୀୟ ଏବଂ ବରଗଡ଼ର ଗର୍ବ ବୋଲି ଶ୍ରୀ ପ୍ରଧାନ ପରିଦର୍ଶନ ସମୟରେ କହିଥିଲେ। ଏହି ଅନୁଷ୍ଠାନରେ ଖୁବ୍‌ଶୀଘ୍ର ବିଟେକ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ସେ ପ୍ରଚେଷ୍ଟା କରିବେ ବୋଲି ମତ ଦେଇଥିଲେ।

# ବଜ୍ରପାତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଅମ୍ବାଭୋନା, ୨୯।୬(ସମିସ): ବଜ୍ରପାତ ଏକ ଭୟଙ୍କର ବିପତ୍ତି ହୋଇଥିଲେ ମଧ୍ୟ ଏଥିରୁ ରକ୍ଷା ପାଇବା ନିମିତ୍ତ ପୂର୍ବ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ। ବଜ୍ରପାତ ଜନିତ ବିପଦ ଗୁଡ଼ିକ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷିତ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁକ୍ତାରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଜ୍ୟୋତିଷ୍ମନ୍ଦ୍ର ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବଜ୍ରପାତର କାରଣ, ପ୍ରଭାବ ଓ ବଜ୍ରପାତ ଜନିତ ବିପଦକୁ ଏଡ଼ାଇବା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ପ୍ରଦାନ କରିଥିଲେ। କି କି ପଦକ୍ଷେପ ଗ୍ରହଣ କଲେ ବଜ୍ରପାତ ଯୋଗୁଁ ଘଟୁଥିବା କ୍ଷୟକ୍ଷତି ତଥା ଜୀବନହାନୀକୁ ରୋକା ଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବଜ୍ରପାତ ପ୍ରଭାବରୁ ସୁରକ୍ଷା ପାଇଁ ବିଭିନ୍ନ ଉପାୟ ଯଥା କୋଠାଘର ଗୁଡିକରେ ବିଜୁଳି ପରିବାହକର ବ୍ୟବହାର, ବଜ୍ରପାତ ସମୟରେ ଗଛମୂଳରେ ଆଶ୍ରୟ ନ ନେଇ ନିରାପଦ ଆଶ୍ରୟସ୍ଥଳୀରେ ଆଶ୍ରୟ ନେବା ଇତ୍ୟାଦି ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍, ଶକ୍ତି କ୍ଲବ୍ ଓ ଜୁନିଅର ରେଡକ୍ରସର ସଦସ୍ୟ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ଶିକ୍ଷକ ରଞ୍ଜିତ ସାହୁ, ଶାନ୍ତନୁ ମିଶ୍ର, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାଧେଶ୍ୟାମ ବାରିକ, ତେଜରାମ ସା, ବୋଧରାମ ବିଶ୍ୱାଳ, ଈଶ୍ୱର ପଧାନ, ଶ୍ରୀପତି ସାହୁ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରକାଶ ପଧାନ, ପଦ୍ମଲୋଚନ ବିଶି, ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ସତ୍ୟସାଇ ବାବାଙ୍କ ଧ୍ୟାନ କାର୍ଯ୍ୟକ୍ରମ

ପାଇକମାଳ, ୨୯।୬(ସମିସ): ପାଇକମାଳ ବ୍ଲକ ଛିନ୍ଦେଇକେଲାରେ ଶ୍ରୀଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ଦ୍ୱାରା ବଜାର ପ୍ରାଙ୍ଗଣରେ ଥିବା ଭଗବାନ ସତ୍ୟସାଇ ବାବାଙ୍କ କଳ୍ପବୃକ୍ଷ ମୂଳେ ଭଜନ ତଥା ଧ୍ୟାନ କାର୍ଯ୍ୟକ୍ରମ ହୋଇଯାଇଅଛି। କାର୍ଯ୍ୟକ୍ରମର ଆବାହକ ପତିତପାବନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧ୍ୟାନ ସହିତ ଭଜନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଜନୈକରାମ ସାହୁ, ସୁରଥ ସାହୁ, ନିରୋଜ୍ ସାହୁ ହେମସାଗର ସାହୁ, ସୁଧାଂଶୁ ଶେଖର ସେଠ, ସୁନିଲ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଭଜନ ମଣ୍ଡଳୀର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଭାବକ, ଶିକ୍ଷକ ଓ କମିଟି ବୈଠକ



ପାଇକମାଳ, ୨୯।୬(ସମିସ): ପାଇକମାଳ ବ୍ଲକ ପଲସଦା ହାଇସ୍କୁଲରେ ପ୍ରଧାନଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅଭିଭାବକ, ଶିକ୍ଷକ ଓ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। ନୂତନ ଚେୟାରମ୍ୟାନ ଭାବେ ମହେନ୍ଦ୍ର ସିଂ ବରିହା ଓ ଭାଇସ ଚେରାୟମ୍ୟାନ ଭାବେ ପୁଷ୍ପକାନ୍ତ ପଟେଲଙ୍କୁ ଚୟନ କରାଯାଇଥିଲା। ଉଭୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ପଦ୍ମଲୋଚନ ପୋଡ଼ ଧନ୍ୟବାଦ ଦେଇଥିଲେ।

## ମେହେରପଡ଼ାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ପଦ୍ମପୁର, ୨୯।୬(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ସହରର ମେହେର ପଡ଼ାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ ବିଜେପି ଯୁବ ମୋର୍ଚ୍ଚା ସଭାପତି ପ୍ରମୋଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ସମ୍ମାନିତ ଅତିଥି ଭାବେ ବିଜେପିର ଗୋବର୍ଦ୍ଧନ ଭୁଏ, ବିଜେପି ନେତା ପ୍ରୀତମ ମେହେର, ରମେଶ ଅଗ୍ରୱାଲ, ପ୍ରମିଳା ମେହେର, ସୁନିଲ ଅଗ୍ରୱାଲ ଓ ବିକାଶ ବହିଦାର ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ମିଶ୍ର, ସୁବାସ ପାତ୍ର, ସରୋଜ ମିଶ୍ର, ନରୋତ୍ତମ ପ୍ରଧାନ, ହୀରାରଣା, ହୀରା ସରାଫ, ପୂର୍ଣ୍ଣ ମେହେର, ରଞ୍ଜୁ ସେଠ, ଆର୍‌ୟା ସାହୁ, ସୌମ୍ୟଜିତ ପାଢ଼ୀ, ସେବକ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ୱାର୍ଡ ନମ୍ବର ୮ ଓ ୯ ର ଶତାଧିକ ମହିଳା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ। ଶେଷରେ କାଉନସିଲର ଚିନ୍ମୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଡାକ୍ତରୀ ଛାତ୍ରଙ୍କ ପାଇଁ ଶରୀର ଦାନ କରିବେ ରମେଶ



ବରଗଡ଼, ୨୯।୬(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସମ୍ପାଦକ ଜି.ରମେଶ ମରଣୋପ୍ରାନ୍ତ ନିଜର ଶରୀର ଦାନ କରିବା ନେଇ ନିଜ ଜନ୍ମଦିନ ଅବସରରେ ଘୋଷଣା କରିଛନ୍ତି। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ତଥା ଗବେଷଣା କରିବାର ମହତ ଉଦ୍ଦେଶ୍ୟରେ ସେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜି.ରମେଶ ସଂକଳ୍ପ ପରିବାରେ ସାମିଲ ହୋଇ କରୋନା ମହାମାରୀ ସମୟରେ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ କରୋନା କାଳରୁ ଅସହାୟ ଶବ ସତ୍କାର କରିବା କାର୍ଯ୍ୟକୁ ତୁଲାଇ ଆସୁଛନ୍ତି। ମାତ୍ର ୩୪ ବର୍ଷ ବୟସରେ ସେ ୫୬୪ରୁ ଅଧିକ ଅଚିହ୍ନା ଶବ ସତ୍କାର କରିଛନ୍ତି। ମୃତ୍ୟୁ ପରେ ଅଗ୍ନି ସଂଯୋଗର କ୍ଷଣିକ ବାଦ ଶରୀର ଜଳି ପାଉଁଶ ହୋଇଯାଏ। ଏଣୁ ଶରୀରକୁ କେବଳ ପାଉଁଶ ହେବାକୁ ନଦେଇ ସମାଜର ମହତ କାର୍ଯ୍ୟରେ ନିୟୋଜିତ କରିବାକୁ ମୃତ୍ୟୁ ପରେ ଆଖି, ଅଙ୍ଗ ସହିତ ନିଜର ସମ୍ପୂର୍ଣ୍ଣ ଶରୀର ଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଆଜି ସେ ଭୀମସାର ମେଡିକାଲ କଲେଜକୁ ଯାଇନିଜର ସର୍ବାଙ୍ଗ ଶରୀର ଚିକିତ୍ସା ବିଜ୍ଞାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦାନ କରିବା ପାଇଁ ଘୋଷଣା କରି ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଜି.ରମେଶଙ୍କ ଏତାଦୃଶ ନିଷ୍ପତ୍ତିକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂଶା କରାଯାଇଛି।

# ଭୋଜରାଜ ବୁଡ଼େକଙ୍କୁ ଗଙ୍ଗାଧର ମେହେର ସାହିତ୍ୟ ସେବା ସମ୍ମାନ



ପାଇକମାଳ, ୨୯।୬(ସମିସ): ସମ୍ବଲପୁରରେ ଆୟୋଜିତ ହାପି ମୋମେଣ୍ଟସ ଇଣ୍ଡିଆ ସାଂସ୍କୃତିକ ସମାଜ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହରେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର କବି ଭୋଜରାଜ ବୁଡେକଙ୍କୁ 'ଗଙ୍ଗାଧର ମେହେର ସାହିତ୍ୟ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ.ପରେଶ ଦାନୀ, ରାଉରକେଲା ସାମ୍ବାଦିକ ସଂଘ ଉପସଭାପତି କୁଞ୍ଜବିହାରୀ ରାଉତ, ହାପି ମୋମେଣ୍ଟସ ଇଣ୍ଡିଆ ମୁଖ୍ୟ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରାଜଗାଙ୍ଗପୁର ସମାଜସେବୀ କମଳ ଅଗ୍ରୱାଲ, ବୈରାଗୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କବି ବୁଡେକ ନିକଟରେ କଟକରେ 'ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ', ଭୁବନେଶ୍ୱରରେ 'ବୀଣାପାଣି ଗୀତିକବି' ସମ୍ମାନ, ବୌଦ୍ଧ ଜିଲ୍ଲାରେ 'ସାହିତ୍ୟ ସଂସ୍କୃତି ସମନ୍ୱୟ' ସମ୍ମାନରେ ସମ୍ମାନିତ ହୋଇଥିଲେ। କବି ଭୋଜରାଜ ବୁଡେକ ଏକାଧାରରେ ଜଣେ ଅବସରପ୍ରାପ୍ତ ଶିକ୍ଷକ, ଜଣାଶୁଣା କବି, ଗାଳ୍ପିକ, ଲେଖକ ଓ ଗୀତିକାର। ତାଙ୍କ ସାରସ୍ୱତ ସାଧନାରେ କାବ୍ୟ, କବିତା, ଶିଶୁ କବିତା ଗଳ୍ପ, ଶିଶୁ ଗଳ୍ପ, ଉପନ୍ୟାସ ପ୍ରବନ୍ଧ, ନାଟକ ରମ୍ୟରଚନା ଲେଖିଛନ୍ତି। ତାଙ୍କ ସଫଳତାରେ ମାଣ୍ଡୋସିଲ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି।

# ଥୁଆପାଳି-ଖୁଣ୍ଟୁଲିପାଲି ରାସ୍ତା ଶୋଚନୀୟ



ଥୁଆପାଲି, ୨୯।୬(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ଛକରୁ ଖୁଣ୍ଟୁଲିପାଲି ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଉପୁଡ଼ି ଯାଇଛି। ରାସ୍ତା ଉପରେ ବର୍ଷାପାଣି ଜମି ରହିବା ଫଳରେ ଯିବା ଆସିବା କଷ୍ଟକର ହେଉଛି। ବିଭିନ୍ନ ସମୟରେ ପ୍ରତିଦିନ ଛୋଟଛୋଟ ଦୁର୍ଘଟଣା ଘଟୁଛି। ଥୁଆପାଲିରୁ ଖୁଣ୍ଟୁଲିପାଲି ୫୪ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି। ଏହି ରାସ୍ତା ଦେଇ ମୁଖ୍ୟତଃ ବୁର୍ଲା, ସମ୍ବଲପୁର ସହିତ ବିନିକା, ସୋନପୁରର ଲୋକେ ଯିବା ଆସିବା କରିଥାନ୍ତି। ବିଶେଷକରି ଝରାପାଲି ମାର୍କେଟ, ସଂକ୍ରିଡା ଠାରେ ରାସ୍ତା ଉପରେ ବର୍ଷାପାଣି ଜମି ରହୁଛି। ବରଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମତ ପ୍ରକାଶ ପାଇଛି।

## ପୁରୀ ରଥଯାତ୍ରାରେ ନାଗେନପାଲିର କୀର୍ତ୍ତନ ମଣ୍ଡଳୀ



ବରଗଡ଼, ୨୯।୬(ସମିସ): ବରଗଡ଼ ଉପକଣ୍ଠ ନାଗେନପାଲିର ବଜରଙ୍ଗବଲୀ କୀର୍ତ୍ତନ ମଣ୍ଡଳୀର ୪୬ ଜଣ ଭକ୍ତ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ବଡ଼ଦାଣ୍ଡରେ କୀର୍ତ୍ତନ ପରିବେଷଣ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। କୀର୍ତ୍ତନ ପରିବେଷଣ ସମୟରେ ଓଡ଼ିଶୀ ନୃତ୍ୟ ସହ ଶିବ ବେଶରେ ନୃତ୍ୟ ପ୍ରଦର୍ଶିତ କରିଥିଲେ। ଏହାକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ଗାୟକ ତଥା ସଙ୍ଗୀତ ଶିକ୍ଷକ ସୁଶୀଲ ପ୍ରଧାନ, ବାୟକ ହରି ବଢ଼େଇ, କିଷନ ପ୍ରଧାନ, ଆର୍ତ୍ତ ପୋଢ଼, କଲେକ୍ଟର ନାଏକ ଏବଂ ପାଳିଆ ସୁବଳ ପ୍ରଧାନ, ବଳରାମ ବଢ଼େଇ, ପରମେଶ୍ୱର ଖମାରୀ, ରବି ଖମାରୀ, ସନ୍ୟାସୀ ପୋଢ଼ଙ୍କ ସହ ଅନ୍ୟ କୀର୍ତ୍ତନିଆ ଦଳରେ ରହିଥିଲେ। ପୁରୀ ରଥଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ କୀର୍ତ୍ତନ ପରିବେଷଣ କରି ମହାପ୍ରଭୁଙ୍କ ଗୁଣଗାନ କରିଥିଲେ।

# ସାମାଜସେବୀ ସଂଘ ପକ୍ଷରୁ ଖାଦ୍ୟ ବଣ୍ଟନ



ବରଗଡ଼, ୨୯।୬(ସମିସ): ବରଗଡ଼ର ଜିଲ୍ଲା ସମାଜସେବୀ ସଂଘ ଉଦ୍ୟମରେ ରବିବାର ବରଗଡ଼ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସହଯୋଗୀ ମାନଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା ସଂଘର ସଭାପତି ବଲିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ କରାଯାଇଛି। କାର୍ଯ୍ୟକ୍ରମରେ ଭିମସାର ବୁର୍ଲାର ପ୍ରଫେସର ତଥା ୧ ଟଙ୍କିଆ ଡାକ୍ତର ଶଙ୍କର ରାମଚନ୍ଦାନି ଏବଂ ବରଗଡ଼ ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡେଲକର ଖାଦ୍ୟ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ନଦାନ ମହାପୁଣ୍ୟ ବୋଲି ଅତିଥି ଦ୍ୱୟ ପ୍ରଶଂସା କର କହିଥିଲେ। ସମାଜସେବୀ ସଂଘର ସଦସ୍ୟ ସୂରଜ ସିଂ, ପୁନିଟ ଦୋରା, ହରମିତ ସିଂ, ପ୍ରବୀଣ ସାହୁ, ସରୋଜ, ସମୀର ଜାଲ, ସଞ୍ଜୀବ, ରଞ୍ଜନ ସାହୁ, ଦୀପକ ଦାସ, ରାଜେଶ ଶର୍ମା, ରମାକାନ୍ତ ସାହୁ, ମିଠାରାମ ସାହୁ, ବିକ୍ରମ ଦାଶ, ସୁଦୀପ୍ତ ଦାସ, ଅନିଲ ବେହେରା, ପରମେଶ୍ୱର ନାଥ, ଜୟନ୍ତ ଭୋଇ, କୀର୍ତ୍ତି ମହାନନ୍ଦ, ଠାକୁର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂଘ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବତୀ ଗିରି ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ

ବରଗଡ଼, ୨୯।୬(ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେରେ ଜାତୀୟ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପରିପୂର୍ତ୍ତି ଅବସରରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଛି। ରାଜନୀତି ବିଜ୍ଞାନ ଓ ଅନ୍ତରିଣ ଗୁଣବତ୍ତା ନିଶ୍ଚିତ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଞ୍ଜିତା ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରାଧ୍ୟାପକ ଯୋଗେଶ ପ୍ରସାଦ ଦାଶ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଜରୁରୀକାଳୀନ ପରିସ୍ଥିତି ଘୋଷଣା ସମୟରେ ବିଭିନ୍ନ ଘଟଣା ଓ ସମସ୍ୟା ତଥା ଦେଶର ପରିସ୍ଥିତି ଉପରେ ବକ୍ତା ଦାଶ ଓ ବିଭାଗୀୟ ମୁଖ୍ୟ ମଧୁସ୍ମିତା ନନ୍ଦ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ସୁଧାରାଣୀ ତ୍ରିପାଠୀ ଓ ଶର୍ମିଷ୍ଠା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ସଲୋନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରବନ୍ଧ, ତର୍କ ଓ ପୋଷ୍ଟର ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଭାଗୀୟ ଛାତ୍ରୀଙ୍କ ଦ୍ୱାରା ମୌଳିକ ଅଧିକାର ଉପରେ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।



# ଆର୍ଯ୍ୟ ସମାଜର ମାସିକ ସତସଙ୍ଗ



ବରଗଡ଼, ୨୯।୬(ସମିସ): ଟାଉନ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ବରଗଡ଼ରେ ମାସିକ ଯଜ୍ଞ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ରବି ଶଙ୍କର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ଅଶୋକ ମେହେର ଯୋଗ ଦେଇ 'ଯଜ୍ଞ ହିଁ ଶ୍ରେଷ୍ଠତମ କର୍ମ' ବୋଲି ଉଲ୍ଲେଖ କରି ପ୍ରତ୍ୟେକ ଗୃହସ୍ଥ ନିଜ ନିଜ ଘରେ ପ୍ରତ୍ୟହ ଯଜ୍ଞ କରିବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବାଜୀ ବାନପ୍ରସ୍ତି, ଦୁର୍ବାଦଳ ନାଏକ, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କପିଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟ ସନାତନ ବୈଦିକ ଧର୍ମ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଟାଉନ ଆର୍ଯ୍ୟ ସମାଜର ବହୁ ସଦସ୍ୟ ସତସଙ୍ଗରେ ସାମିଲ ହୋଇଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ଟାଉନ ଆର୍ଯ୍ୟ ସମାଜ ପ୍ରତି ମାସର ଶେଷ ରବିବାର ସକାଳ ବୈଦିକ ଯଜ୍ଞ ଓ ସତସଙ୍ଗର ଆୟୋଜିତ ହେଉଛି।

## ଗରିବ ପରିବାର ସର୍ବସ୍ୱାନ୍ତ

# ମହାଜନ ଠାରୁ ବଳିଯାଉଛି ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଋଣ

ପଦ୍ମପୁର, ୨୯।୬(ସମିସ)

ଋଣ ଦେବା ପାଇ ଆଉ ବ୍ୟାଙ୍କର ଏକଚାଟିଆ ଅଧିକାର ନାହିଁ। ଅନେକ ଅର୍ଥ ଲଗାଣକାରୀ ସଂସ୍ଥା ତଥା ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଏବେ ଋଣ ଦେଉଛନ୍ତି। ପଦ୍ମପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଋଣ ନାମରେ ମହାଜନୀ କାରବାର ଚଳାଇଛନ୍ତି। ଏମାନେ ବିଭିନ୍ନ ଗାଁକୁ ଯାଇ ପ୍ରଥମେ ମହିଳା ମାନଙ୍କ ଗୋଷ୍ଠୀ ତିଆରି କରୁଛନ୍ତି। ବିଭିନ୍ନ ଉପାୟରେ ପ୍ରରୋଚିତ କରି ଗୋଷ୍ଠୀ ଋଣ (ଗ୍ରୁପ୍‌ଲୋନ) ପ୍ରଦାନ କରୁଛନ୍ତି। ପରେ ଅସୁଲି ସମୟରେ ସେମାନଙ୍କ ସୁଧହାରରେ ପରିବାର ସର୍ବସ୍ୱାନ୍ତ ହେଇ ଯାଉଛନ୍ତି। କେବଳ ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ଯଥେଷ୍ଟ କହି ଏଜେଣ୍ଟ ମାନେ ଋଣ ଗ୍ରହୀତାଙ୍କୁ ପ୍ରଲୋଭିତ କରୁଛନ୍ତି। ବ୍ୟାଙ୍କକୁ ଯାଇ ହଇରାଣ ହେବା ଅପେକ୍ଷା ଦୁଆରମୁହଁରେ ଟଙ୍କା ମିଳୁଥିବାରୁ ଏହାକୁ ଲୋକେ ସୁବିଧାଜନକ ବୋଲି ଭାବୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଏଜେଣ୍ଟ ମାନେ ସପ୍ତାହ ବା ପାକ୍ଷିକ ହିସାବରେ ସୁଧମୂଳ ଅସୁଲି କରୁଛନ୍ତି। ସାମାନ୍ୟ ସମୟ ଖିଲାପ କଲାମାତ୍ରେ ଲୋକଙ୍କ ଘର ଆଗରେ ଜଗି ବସୁଛନ୍ତି। ବର୍ତ୍ତମାନ ପଦ୍ମପୁର ଅଞ୍ଚଳରେ ଖରିଫ ଚାଷ ସମୟ। ଅନେକ କୃଷି ଶ୍ରମିକ ପରିବାର ଚାଷକାର୍ଯ୍ୟରେ ନିୟୋଜିତ। ହେଲେ ସୁଧ ଲଗାଣକାରୀ ସଂସ୍ଥାର ଏଜେଣ୍ଟ କୌଣସି କଥାକୁ ବିଚାର ନକରି ମହିଳା ମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଆଜିବି ଅନେକ ଅଞ୍ଚଳକୁ ବ୍ୟାଙ୍କ ସେବା ପହଞ୍ଚି ପାରି ନଥିବା ବେଳେ ବେସରକାରୀ ସଂସ୍ଥା ଗୁଡ଼ିକ ତାର ଫାଇଦା ନେଉଛନ୍ତି। ଏଭଳି ସଂସ୍ଥାର କାର୍ଯ୍ୟକଳାପରେ ରୋକ ଲଗାଇ ସ୍ୱତନ୍ତ୍ରେ ଆଇନ ବ୍ୟବସ୍ଥା କରିବା ଆବଶ୍ୟକତା ପାଲଟିଛି।

# ରିଆମାଳ ଧନୁଯାତ୍ରାର କଂସଙ୍କୁ ସ୍ୱାଗତ



**ରିଆମାଳ, ୨୯।୬(ସମିସ):** ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଓ ତାଙ୍କ ସହ କଳାକାରଙ୍କୁ ରିଆମାଳ ଦୂର୍ଗାପୂଜା କମିଟି ପକ୍ଷରୁ ରିଆମାଳରେ ସ୍ୱାଗତ କରାଯାଇଛି। କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ଅତିଥି ବରଣ ଉତ୍ସବରେ ଯୋଗ ଦେଇଥିଲେ। ରିଆମାଳ ଜଗନ୍ନାଥ ମନ୍ଦିର ପରିସରରୁ ଦୂର୍ଗାପୂଜା ପୂଜା ମଣ୍ଡପ ପର୍ଯ୍ୟନ୍ତ ବରଣୀ କରି ମାଉସୀ ମା' ମନ୍ଦିରରେ ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ। ଏହା ପରେ କଲ୍ୟାଣ ମଣ୍ଡପରେ ବରଣୀ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଆଇନଜୀବୀ ପ୍ରମୋଦ କୁମାର ନନ୍ଦଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ କମିଟିର ସଦସ୍ୟ, ଜନସାଧାରଣ ଆଦି ଉପସ୍ଥିତ ଥିଲେ। ସବୁ ବର୍ଷ ରାମ, ରାବଣ ଚରିତ୍ରରେ ଅଞ୍ଚଳର କଳାକାର ଅଭିନୟ କରୁଥିବା ବେଳେ ଚଳିତ ବର୍ଷ ବରଗଡ଼ ଧନୁଯାତ୍ରା କଳାକାରଙ୍କ ଦ୍ୱାରା 'ରାମ ଲୀଳା'ର ସମସ୍ତ ଚରିତ୍ର ପ୍ରଦର୍ଶନ ହେବ। ରାବଣ ରାଜାଭିଷେକ, ସୀତା ଚୋରି, ଇନ୍ଦ୍ରଜିତ ବଦ୍ଧ, ରାମ ରାବଣ ଯୁଦ୍ଧ, ଇନ୍ଦ୍ରଜିତ ବଦ୍ଧ, ରାବଣ ପୋଡ଼ି' ଖୋଲା ରଙ୍ଗମଞ୍ଚ ମଞ୍ଚସ୍ଥ ହେବ ବୋଲି କଂସ ଭୂମିକାରେ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ସମ୍ପାଦକ ନାରାୟଣ ବିଶ୍ୱାଳ, ଉପସଭାପତି ଅମୂଲ୍ୟ କୁମାର ସାହୁ, ଗାନ୍ଧି ଚରଣ ନାୟକ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରସିଦ୍ଧ ଶାରଦୀୟ ଦୂର୍ଗାପୂଜା ୭୫ ବର୍ଷର ପ୍ଲାଟିନମ ଜୁବୁଲି ପାଳନ ଅବସରରେ ପୂଜା ଅଧିକ ଆକର୍ଷଣ ହେବ ବୋଲି ଜଣାପଡ଼ିଛି।

# ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଆରା ଢଙ୍ଗରେ ରଥଯାତ୍ରା

**ଝାରସୁଗୁଡା, ୨୯।୬(ସମିସ)**



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ସାନଯୋବ ଗ୍ରାମରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଗୋଟିଏ ଦିନ ପରେ ରବିବାର ଦିନ ମହାପ୍ରଭୁଙ୍କ ରଥଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। ରଥଯାତ୍ରା ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଆରା ଢଙ୍ଗରେ ରଥଯାତ୍ରା ସାନଯୋବ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିତ ହୋଇଛି। ରିତିନିତ ଅନୁଯାୟୀ ପୂଜକ ସୁଦର୍ଶନ ଶତପଥୀ, ଅଦିତ୍ୟ ମିଶ୍ର ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କ ଛେରାପହଁରା ଅନୁଷ୍ଠିତ ହୋଇଥିଲା। କ୍ଷିରୋଦ ପ୍ରଧାନ ଓ ନରେନ୍ଦ୍ର ପ୍ରଧାନ ଛେରାପହଁରା କରି ତିନି ଠାକୁରଙ୍କୁ ରଥାରୂଢ଼ କରିଥିଲେ। ଅର୍ଜନ ବିଶି, ରିଙ୍କୁ ପ୍ରଧାନ, କୁସାଲ ସା, ରବୀନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ ତିନି ଠାକୁରଙ୍କୁ ରଥାରୂଢ଼ କରାଇବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଅନୁଷ୍ଠିତ ଏହି ରଥଯାତ୍ରାରେ ଅଞ୍ଚଳ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସାନଯୋବ ଗାଁର ମୁଖ୍ୟ ରାସ୍ତା ଦେଇ ମାଉସୀ ମା' ମନ୍ଦିରରେ ରଥ ପହଞ୍ଚିଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଓରିଏଣ୍ଟ ପୋଲିସ ଥାନା ଅଧିକାରୀ କ୍ଷମାସାଗର ନାୟକ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ସହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମନ୍ଦିର କମିଟି ସଦସ୍ୟ ଧରଣୀ ବିଶି, ଦୀପକ ସା, ରିଙ୍କୁ ପ୍ରଧାନ, ସନ୍ତୋଷ ପ୍ରଧାନ, କାଉନସିଲର ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଉପଲକ୍ଷେ ମାଉସୀ ମାଁ କମିଟି ସଦସ୍ୟା ଦୁନିଆ ସା, ସୁକାନ୍ତି ବେହେରା, ମାଳତୀ ପ୍ରଧାନ, ଆରତ ବେନିଆ, ସଞ୍ଜୁ ସା, ଜିତେନ ପଟେଲ, ଲଳିତ ଜୟଦେବ ପ୍ରମୁଖ ସହଯୋଗ କରିଥିଲେ।

# ଶବ୍ଦଗଙ୍ଗାର ପଞ୍ଚମ ବାର୍ଷିକ ବିଶେଷାଙ୍କ ଲୋକାର୍ପିତ

**ସମ୍ବଲପୁର, ୨୯।୬ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ପଞ୍ଚମ ବାର୍ଷିକ ବିଶେଷାଙ୍କ ରବିବାର ଶବ୍ଦଗଙ୍ଗାର ମୁଖ୍ୟ ସମ୍ପାଦକ ତଥା ବିଭାଗମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏହି ବାର୍ଷିକ ବିଶେଷାଙ୍କର ଲୋକାର୍ପଣ ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଉନ୍ମୋଚନ ସଭାରେ ଅତିଥିକବି ଭାବେ କବି କ୍ଷେତ୍ରମଣି ବିଭାର ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା କବିତାର ନିର୍ଝରଣୀ ଆବୃତ୍ତି କରିବା ସହ କବିତା ସହିତ ତାଙ୍କର ସାହିତ୍ୟିକ ଚିନ୍ତାଧାରାକୁ ପ୍ରକାଶ କରିବା ସହ ନିଜର ସାହିତ୍ୟ ସହ ସମ୍ପର୍କ ଓ ଅନୁଭବ ବିଷୟରେ ବର୍ଣ୍ଣନା କରିଥିଲେ ଯାହା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇବ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦକ ଅନନ୍ୟା ବେହେରା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ପ୍ରତିଭା କ୍ରିଷ୍ଣା ଖମାରୀ, ତୃଷ୍ଣା ଦାଶ, ସୁଶ୍ରୀତା ସାହୁ, ଅରୁଣ ନାଏକ ପ୍ରମୁଖ 'ଶବ୍ଦଗଙ୍ଗା' ସମ୍ପର୍କରେ ସେମାନଙ୍କର ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ।ଛାତ୍ର ସମ୍ପାଦକ ଜଗନ୍ନାଥ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ।ଛାତ୍ର ସମ୍ପାଦିକା ଅନନ୍ୟା ବେହେରା କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ।ସଭାଶେଷରେ ସହଯୋଗୀ ଛାତ୍ର ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଜଗନ୍ନାଥ ମେହେର ଯାନ୍ତ୍ରିକ ଦାୟିତ୍ୱ ତୁଲାଇଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମରେ ବିଭାଗ ତଥା ବିଶ୍ୱବିଦ୍ୟାଳୟର ସଂଖ୍ୟାଧିକ ଛାତ୍ରଛାତ୍ରୀ ଯୋଗଦେବା ସହ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

**ଝାରସୁଗୁଡ଼ା, ୨୯।୬(ସମିସ):** ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଯୋଜନା ପ୍ରସ୍ତୁତି ଓ ପ୍ରଣୟନ ଓ ଯୋଜନାସମୂହର ସଫଳ ରୂପାୟନ ଦିଗରେ ଆବଶ୍ୟକ ଗବେଷଣା ଦୃଷ୍ଟିରୁ ପରିସଂଖ୍ୟାନ(ଷ୍ଟାଟିଷ୍ଟିକସ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଜିଲ୍ଲା ସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ଅନୁଷ୍ଠିତ ହେଉଥିବା ଅବସରରେ ଭାରତୀୟ ପରିସଂଖ୍ୟାନର ଜନକ ପ୍ରଶାନ୍ତ ଚନ୍ଦ୍ର ମହାଲାନବିସଙ୍କ ଜନ୍ମତିଥିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ ପାଳନ କରାଯାଉଥିବା ଉଲ୍ଲେଖ କରି ସଠିକ ପରିସଂଖ୍ୟାନ ବିନା ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପିସି ମହାଲାନବିସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ




ପରିଚାଳନାରେ ଅନୁଷ୍ଠିତ ଜାତୀୟ ପରିସଂଖ୍ୟାନ ଦିବସ ଓ କର୍ମଶାଳାରେ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅର୍ଥନୀତି ପ୍ରାଧ୍ୟାପକ ତପନ କୁମାର ବାରିକ ଏବଂ ମହିଳା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧ୍ୟାପିକା ରଜନୀ ଶର୍ମା ବିଶେଷଜ୍ଞ ଭାବେ ଯୋଗ ଦେଇ ପରିସଂଖ୍ୟାନ, ବିକାଶର ମେରୁଦଣ୍ଡ ବୋଲି ଉଲ୍ଲେଖ କରି ଯୋଜନାର ସଫଳ ରୂପାୟନ ପାଇଁ ସଠିକ ତଥ୍ୟ ସଂଗ୍ରହ ଜରୁରୀ ବୋଲି କହିଥିଲେ। ସଠିକ ତଥ୍ୟ ସଂଗ୍ରହ ସକାଶେ ଉପଯୁକ୍ତ ପ୍ରଶିକ୍ଷଣ ସହ ଦକ୍ଷତା ବୃଦ୍ଧି ପାଇଁ ସମସ୍ତେ ଆନ୍ତରିକତାର ସହ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଉଲ୍ଲେଖ କରିବା ସହ ଜିଲ୍ଲାରେ ବିଭାଗଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଓ ସମୟପୋଯୋଗୀ ତଥ୍ୟ ଆଦାନ ପ୍ରଦାନର ଆବଶ୍ୟକ ରହିଛି ବୋଲି କହିଥିଲେ। ପରିସଂଖ୍ୟାନ ଅଧିକାରୀ ଜୟଦେବ ପ୍ରଧାନ ପାୱାର ପଏଣ୍ଟ ମାଧ୍ୟମରେ ପରିସଂଖ୍ୟାନ ୟୁନିଟ୍ ତରଫରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଗୌରାଙ୍ଗ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସୁନୟନ' ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ଶୃଙ୍ଖଳା ଉପରେ କର୍ମଶାଳା



**ବରଗଡ଼, ୨୯।୬(ସମିସ):** 'ସୁନୟନ' ଚକ୍ଷୁ ଚିକିତ୍ସା କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିକ୍ଷା ଶୃଙ୍ଖଳା ଉପରେ ଏକ କର୍ମଶାଳା ବରଗଡ଼ ଗଣପତି ହୋଟେଲରେ ଅନୁଷ୍ଠିତ ହୋଇଛି। ଚେୟାରମ୍ୟାନ ଡ.ସୁବଳ କିଶୋର କର ଏଥିରେ ଅଧ୍ୟକ୍ଷତା କରିଥଲେ। ଏଆଇଓଏସ୍‌ର ଭାଇସ ପ୍ରେସିଡେଣ୍ଟ ଡ.ମୋହନରାଜନ୍ (ଚେନ୍ନାଇ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରରୁ ଡ.ଅଶୋକ ନନ୍ଦ ସମ୍ମାନିତ ଅତିଥି ଭାବେ, ରାୟପୁରରୁ ଡ.ରୋହିତ ରାଓ, ଭୁବନେଶ୍ୱରରୁ ଡ.ଶ୍ରୀକାନ୍ତ ସାହୁ, ଡ.ସୁଜାତା ଦାସ ଓ ଡ.ସ୍ମୃତିରେଖା ପ୍ରିୟଦର୍ଶୀନି, ଜୟପୁରରୁ ଡ.ନମ୍ରତା ମାଝୀ ତଥା ଓଡ଼ିଶାର ବିଖ୍ୟାତ ଚକ୍ଷୁ ବିଶେଷଜ୍ଞ ମାନେ ଏଥିରେ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ବିଭିନ୍ନ ଚକ୍ଷୁରୋଗର ଆଧୁନିକ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶାରେ ଚକ୍ଷୁରୋଗରେ ଉନ୍ନତ ଚିକିତ୍ସା ପଦ୍ଧତିର ବିକାଶ କରିବା 'ସୁନୟନ'ର ସଂକଳ୍ପ ବୋଲି ଡ.ସୁବଳ କର ପ୍ରକାଶ କରିଥିଲେ।

# ରଥଯାତ୍ରା ଉପଲକ୍ଷେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା

**ସମ୍ବଲପୁର, ୨୯।୬ (ସମିସ):** ବୁର୍ଲାସ୍ଥିତ ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସୋଏଲ ଅନୁଷ୍ଠାନର ମିଳିତ ସହଯୋଗରେ ଆଲୋକ କାର୍ଯ୍ୟାଳୟରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଶିକ୍ଷକ ଅଚ୍ୟୁତାନନ୍ଦ ମେହେରଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଶିଶୁମାନେ ରଥଯାତ୍ରା ବିଷୟରେ ମନଲୋଭା ଚିତ୍ର ଅଙ୍କନ କରିବା ସହିତ ଉକ୍ତ ବିଷୟରେ ରଚନା ଲେଖିଥିଲେ। ଅଂଶୁମାନ ଦାସ ଓ ମନୋଜ କୁମାର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୁଷମା ପଣ୍ଡାଙ୍କ ପରଲୋକ

**ବରଗଡ଼, ୨୯।୬(ସମିସ):** ବରଗଡ଼ ୱାର୍ଡ ନମ୍ବର ୧୦ ନିବାସୀ ସୁଷମା ପଣ୍ଡା (୬୮)ଙ୍କ ଦେହାନ୍ତ ହୋଇ ଯାଇଛି। ବିଗତ କିଛି ଦିନ ହେବ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ଦିନ ୧ ଟାରେ ଶେଷ



ନିଃଶ୍ୱାସ ତ୍ୟାଗ କରିଥିଲେ। ଅନ୍ତିମ ସମୟରେ ଆଇନଜୀବୀ ନିଧୁବନ ବିହାରି ପ୍ରସାଦ ପଣ୍ଡା, ରୁଦ୍ର ପ୍ରତାପ ପଣ୍ଡା, ଜଗନ୍ନାଥ ପଣ୍ଡା, ଝିଅ ମୋହିନୀ ପଣ୍ଡା, ଜ୍ୱାଇଁ ମନୋରଞ୍ଜନ ପଣ୍ଡା, ପୁତ୍ର ନରେଶ ଚନ୍ଦ୍ର ପଣ୍ଡା, ଚନ୍ଦ୍ର ଶେଖର ପଣ୍ଡା, ସମସ୍ତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମ ଦେବ ସରାଫ, ଟ୍ରକ୍ ମାଲିକ ସଂଘ ସଭାପତି ନିର୍ମଳ କର, ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦିପ ସିଂ, ଦେବେନ୍ଦ୍ରରଞ୍ଜନ ସାହୁ, ହିମାଂଶୁ ଭୂଷଣ ପାଢ଼ୀ, ପ୍ରସନ୍ନ ଦାଶ, ଲଲାଟେନ୍ଦୁ ଦାଶ, କିଶୋର ଦାଶ, କ୍ରୀଷ୍ଣା ନକୁଲା, ସୁବ୍ରତ ତ୍ରିପାଠୀ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ସମ୍ବଲପୁରୀ ନାଟକ ମହୋତ୍ସବରେ 'ବଳଦ' ଓ 'ଊର୍ଦ୍ଧ୍ୱା' ମଞ୍ଚସ୍ଥ

**ଭଟଲି, ୨୯।୬(ସମିସ):** ଭଟଲିର ଶ୍ରୀଦଧିବାମନଙ୍କ ନବଗୁଞ୍ଜର ଯାତ୍ରା ଅବସରରେ ସମ୍ବଲପୁରୀ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ରଥଯାତ୍ରା ପରିଚାଳନା କମିଟି ଉଦ୍ୟମରେ ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ଆଞ୍ଚଳିକ କଳା ଏବଂ କଳାକାରଙ୍କୁ ପ୍ରଶ୍ରୟ ଦେବାପାଇଁ ପ୍ରଥମ ଥର ଏହି ମହୋତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିନ ସୁବର୍ଣ୍ଣପୁର ଜିଲ୍ଲା ବଡ଼କର୍ଲେ ଗାଁର ବୀଣାପାଣି ସାହିତ୍ୟ କଳା ସଂସଦ ପକ୍ଷରୁ ସମ୍ବଲପୁରୀ ନାଟକ 'ବଳଦ' ମଞ୍ଚସ୍ଥ ହୋଇଥିଲା। ପଶୁ



ହୋଇଥିଲେ ମଧ୍ୟ ସେ କିଭଳି ମଣିଷର ଆତ୍ମୀୟ ହୋଇଥାଏ ଏବଂ କିପରି ମଣିଷର ସୁଖଦୁଃଖର ସାଥୀ ହୋଇପାରେ ତାହା ନିଚ୍ଛକ ଭାବେ ପ୍ରଦର୍ଶିତ ହୋଇଥିଲା। ସୁମନ୍ତ ଭୋଇଙ୍କ ରଚିତ ଏହି ନାଟକକୁ ସମୀର ସାହୁ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ବରପାଲିର ଅତ୍ରି ନାଟ୍ୟ ଅନୁଷ୍ଠାନ ପକ୍ଷରୁ 'ଊର୍ଦ୍ଧ୍ୱା' ନାଟକ ପରିବେଷିତ ହୋଇଥିଲା। କମିଟି ସଭାପତି ମୋତିଲାଲ ବନଛୋର ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାର ମାନଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ହଳଧର ନାଗ ଜାତୀୟ ସେମିନାର ଉଦ୍‌ଯାପିତ

**ବରଗଡ଼, ୨୯।୬(ସମିସ)**




ବରଗଡ଼ ଜିଲ୍ଲା ଘେଁସର ଅଗ୍ରଣୀ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଓ କ୍ରୀଷ୍ଣା ବିକାଶର ମିଳିତ ଆନୁକୂଲ୍ୟରେ ଦୁଇଦିନ ବ୍ୟାପି ଆୟୋଜିତ 'ହଳଧର ସୃଜନ ଓ ଦର୍ସନ' ଶୀର୍ଷକରେ ଜାତୀୟ ସେମିନାର ରବିବାର ଦିନ ଉଦ୍‌ଯାପିତ ହୋଇଛି। ଆୟୋଜକ କମିଟିର ଅଧ୍ୟକ୍ଷ ଡି.ମୁରଲିକ୍ରିଷ୍ଣାଙ୍କ ପୌରୋହିତ୍ୟରେ ଓ ସଂଯୋଜକ ତଥା ଅଭିମନ୍ୟୁ ସାହିତ୍ୟ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ମା' ମାଟି ସଂସ୍କୃତି ପାଇଁ ସମର୍ପିତ ହୋଇ କାମ କରିବେ ଏବଂ ବିକାଶ ଶିକ୍ଷାନୁଷ୍ଠାନ ଠାରେ ଏକ ସମ୍ବଲପୁରୀ କୋଶଳି ଭାଷାର ଗ୍ରନ୍ଥାଗାର ପ୍ରତିଷ୍ଠା କରିବେ ବୋଲି ମୁରଲୀ କ୍ରିଷ୍ଣା ତାଙ୍କ ବକ୍ତବ୍ୟରେ କହିଥିଲେ। ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟକ୍ଷ ନାରାୟଣ ରଥ, ଚିତ୍ତରଞ୍ଜନ ପତି ଓ ଶିଶିର ପ୍ରସାଦ ରାଉଳ ମଞ୍ଚାସୀନ ଥିଲେ। ସେମିନାର କମିଟି ଆବାହକ ତଥା ଅଭିମନ୍ୟୁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଦସ୍ୟ ଅଶୋକ ପୁଜାହାରୀ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ସମରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଦିବସରେ ଦିନବ୍ୟାପି ସେମିନାର ଆୟୋଜିତ ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ କବି, ଲେଖକ, ସାହିତ୍ୟିକ, ଗବେଷକ, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ବହୁଭାଷୀ ଶିକ୍ଷାର ଜାତୀୟ ଉପଦେଷ୍ଟା ମହେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ତୃତୀୟ ଅଧିବେଶନରେ ପ୍ରଫେସର ଜୟଶ୍ରୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ନାଗପୁର ବିଜ୍ଞାନ ଏକାଡେମୀର କେନ୍ଦ୍ର ମୁଖ୍ୟ ପୁନମ ମିଶ୍ର, ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରାଧ୍ୟାପକ ଉମେଶ ମହାପାତ୍ର, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଉତ୍ତରାଖଣ୍ଡର ଗବେଷକ ଦିବାକର ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ଅଶୋକ ବହିଦାର ଓ ସଂଗଠକ ଦୀପ ଦେବତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଭିମନ୍ୟୁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଦସ୍ୟ ଡ.ସୁବାସ ମେହେରଙ୍କ ପୌରୋହିତ୍ୟରେ ଆୟୋଜିତ ଚତୁର୍ଥ ଅଧିବେଶନରେ ହଳଧର ସାହିତ୍ୟର ଅନୁବାଦକ ଦିନେଶ ମାଲି ଅତିଥି ଭାବେ ଯୋଗଦାନ କରିଥିଲେ। ରାୟବରେଲିର ସମ୍ବାଦିକ ତଥା ସ୍ତମ୍ଭକାର ଗୌରବ ଅଗସ୍ତି, ହଳଧର ସାହିତ୍ୟର ଇଂରାଜୀ ଅନୁବାଦକ ସୁରେନ୍ଦ୍ର ନାଥ, ହରିଆନା ବିଶ୍ୱବିଦ୍ୟାଳୟର ପ୍ରଫେସର ବଳରାମ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ସଂଘମିତ୍ରା ମିଶ୍ର ଓ ସାହିତ୍ୟିକ ରାଜମଣି ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ଆଇଆଇଏମ ସମ୍ବଲପୁରର ପ୍ରଫେସର ସୁଜିତ ପୃସେଠଙ୍କ ପୌରୋହିତ୍ୟରେ ଆୟୋଜିତ ପଞ୍ଚମ ଅଧିବେଶନରେ ଭବାନିପାଟଣା ମହାବିଦ୍ୟାଳୟର ପ୍ରଫେସର ପରମେଶ୍ୱର ମୁଣ୍ଡ, ଗବେଷକ ତଥା ନବୋଦୟ ବିଦ୍ୟାଳୟ ନର୍ଲାର ଶିକ୍ଷକ ଗତିକୃଷ୍ଣ ପଟେଲ, ଉତ୍ତରାଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ପି.ଅଞ୍ଜଳୀ ଆଲୋଚକ ଭାବେ ଯୋଗ ଦେଇ 'ହଳଧର ସାହିତ୍ୟ ଲୋକାଲରୁ ଗ୍ଲୋବାଲ' ଶୀର୍ଷକରେ ଆଲୋଚନା କରିଥିଲେ। ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ଦେବତା ଓ କୈବୟିତ୍ରୀ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଟ୍ରାକ୍ଟର ଧକ୍କାରେ ହାଇସ୍କୁଲ ପିଅନଙ୍କ ମୃତ୍ୟୁ

**ଦେବଗଡ଼/ରିଆମାଳ, ୨୯।୬ (ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ମଳେହିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଟ୍ରାକ୍ଟର ଧକ୍କାରେ ହାଇସ୍କୁଲ ପିଅନଙ୍କ ମୃତ୍ୟୁ ଘଟିଛି। ମୃତକ ପରିବାର ପକ୍ଷରୁ ରିଆମାଳ ଥାନାରେ ଅଭିଯୋଗ ହୋଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ତାଳବାହାଲି ଗ୍ରାମର କ୍ଷମାନିଧି ପ୍ରଧାନ। ସେ ମଳେହିପଡ଼ା ହାଇସ୍କୁଲରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ରବିବାର କଖାରୁମାଲ ଗ୍ରାମର ପ୍ରଦୀପ କୁମାର ସାହୁଙ୍କ ଟ୍ରାକ୍ଟର ମଳେହିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କ୍ଷମାନିଧି ବାଇକ୍‌ରେ ଯାଉଥିବା ବେଳେ ସମ୍ମୁଖରୁ ଧକ୍କା ଦେଇ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ କ୍ଷମାନିଧିଙ୍କୁ ପ୍ରଥମେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରିଆମାଳ ପୁଲିସ ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରିବା ପାଇଁ ପୁଲିସ ପ୍ରୟାସ ଆରମ୍ଭ କରିଛି।

# ପରିସଂଖ୍ୟାନ ଦିବସ ପାଳିତ




**ସମ୍ବଲପୁର, ୨୯।୬(ସମିସ):** ଜିଲ୍ଲା ଯୋଜନା ଓ ତଦାରଖ ୟୁନିଟ ସମ୍ବଲପୁର ଆନୁକୂଲ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ବଲପୁର ସ୍ଥିତ ଏନଏସଓ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଆରକେ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉତ୍ତରାଞ୍ଚଳ ପରିସଂଖ୍ୟାନ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ କୁମାର ନନ୍ଦ ସଭାପତିତ୍ୱ କରିଥିବା ସମୟରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀବୃନ୍ଦ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର୍ ମୋନାଲିସା ପଟ୍ଟନାୟକ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନିରୁପମା ସାହୁ ପରିସଂଖ୍ୟାନ ସମ୍ବନ୍ଧୀୟ ଦୁଇଗୋଟି ସେମିନାର ପେପର ଉପସ୍ଥାପନା କରିଥିଲେ। ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦାନ କରି ଆୟୋଜିତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ଉପସ୍ଥିତ ବୁଦ୍ଧିଜୀବୀମାନେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କର ଜାତୀୟ ପରିସଂଖ୍ୟାନ ଏବଂ ସାମାଜିକ ଅର୍ଥନୈତିକ ଯୋଜନା ପ୍ରତି ତାଙ୍କର ମହାନ ଅବଦାନକୁ ସ୍ମରଣ କରି ତାଙ୍କ ବିରାଟ ବ୍ୟକ୍ତିତ୍ୱ ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଯୋଜନା ଓ ପରିସଂଖ୍ୟାନର ଉପ ନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ସମୟରେ ପରିସଂଖ୍ୟାନ ସହ ନିର୍ଦ୍ଦେଶିକା ଇତିଶ୍ରୀ ପ୍ରିୟଦର୍ଶିନୀ ଉପସ୍ଥିତି ଅଥିତିବୃନ୍ଦ ଏବଂ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଏମ୍‌ୟୁରେ ଜାତୀୟ ପରିସଂଖ୍ୟାନ ଦିବସ

**ସମ୍ବଲପୁର, ୨୯।୬(ସମିସ):** ଭାରତରେ ପ୍ରତି ବର୍ଷ ଜୁନ ୨୯କୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରଯାଏ। ପ୍ରଖ୍ୟାତ ପରିସଂଖ୍ୟାନବିତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲାନୋବିଶଙ୍କ ଜନ୍ମ ସତବାର୍ଷିକ ଉପଲକ୍ଷେ ପ୍ରତି ବର୍ଷ ଏହି ଦିବସ ପାଳନ କରଯାଏ। ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗରେ ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ ଏକ ଏକ୍ସଟ୍ରା ମୂରାଲ ସମ୍ପାନ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରକୁ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ମୁଖ୍ୟ ଡ. ନିରୁପମା ସାହୁ ଉଦ୍‌ଘାଟନ କରି ଏହି କାର୍ଯ୍ୟକ୍ରମର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର ଯୁଗରେ ପରିସଂଖ୍ୟାନର ଉପଯୋଗୀତା ଏବଂ ଉପାଦେୟତା ତାହା ଉପରେ ପ୍ରକାଶ ପକାଇଥିଲେ। ମୁଖ୍ୟ ବକ୍ତା ଭାବରେ ରେଭେନସା ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ପ୍ରଫେସର ସୁଧୀର କୁମାର ସାହୁ ଯୋଗ ଦେଇ ଆଜିର ସମୟରେ ଆଦାନପ୍ରଦାନ ସମୟରେ ଉପଭୋକ୍ତା ଦେୟ ବାକି ଉପରେ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପରିସଂଖ୍ୟାନ ବିଭାଗର ସହାୟକ ପ୍ରାଧ୍ୟାପକ ଅହଲ୍ୟା ପୂଜାରୀ, ସୌମ୍ୟରଞ୍ଜନ ପୁଞ୍ଜି, ଗବେଷକ ସାରଦା ପ୍ରସନ୍ନ ଜେନା, ସତ୍ୟ ପ୍ରକାଶ ପ୍ରଧାନ, ବିଭାଗର ପ୍ରୟୋଗଶାଳା ସହାୟକ ପ୍ରମୋଦ କୁମାର ହାଁସଦା ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ପ୍ରାଧ୍ୟାପକ ଡ. ବିରନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ମହିଳା ସମିତି ପକ୍ଷରୁ ଛତା ବଣ୍ଟନ

**ବରଗଡ଼, ୨୯।୬(ସମିସ):** ପବିତ୍ର ରଥଯାତ୍ରା ଅବସରରେ ବରଗଡ଼ ମହିଳା ସମିତି ପକ୍ଷରୁ ରବିବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩୦ ଜଣ ଅଙ୍ଗନବାଡ଼ି ଛାତ୍ରଛାତ୍ରୀଙ୍କୁ ଛତା ବଣ୍ଟନ କରାଯାଇଛି। ଏଥିରେ ତିନୋଟି ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରଛାତ୍ରୀ ଓ ଦିଦି ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଛତା ସାଙ୍ଗକୁ ବିସ୍କୁଟ, ଚକୋଲେଟ୍ ଦେଇ ଆମୋଦିତ କରାଯାଇଥିଲା। ଛାତ୍ରଛାତ୍ରୀ ନାଚଗୀତ ପରିବେଷଣ କରିଥିଲେ। ସମିତି ସଦସ୍ୟା ସମାଜସେବୀ ଗୀତା ମିଶ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସମିତି ପକ୍ଷରୁ ବୃକ୍ଷରୋପଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମିତିର ଉପସଭାପତି ମାମି ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ସମ୍ପାଦିକା ସୁଧାଂଶୁବାଳା ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନାରେ ସୁନିତା କର, ମମତା ମିଶ୍ର, କନକ ପ୍ରଧାନ, ଡ.କମଳିନୀ ଶତପଥୀ, ଇନ୍ଦ୍ରାଣୀ ଶତପଥୀ, ହରଜିନ୍ଦର୍ କୌର, ଡଲି ଗଡ଼ତିଆ, ଜୟଶ୍ରୀ ପଣ୍ଡା, ସ୍ୱାଧିନି ଦାଶ, ଜୟଗୀତା ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସସ୍ମିତା, ପ୍ରଣତି, ସଲୋନି, ତନିମା, ଅନିମା, ରିନୁ, ପଦ୍ମିନୀ, ମୀନା ପ୍ରମୁଖ ସହଯୋଗ କରିଥିଲେ।

# ଆମେରିକାରେ ଭାରତୀୟ ଯୁବତୀ ନିଖୋଜ




ନ୍ୟୁଜର୍ସି, ୨୯।୬ (ଏଜେନ୍ସି): ଆମେରିକାରେ ଜଣେ ଭାରତୀୟ ମହିଳା ନିଖୋଜ ହୋଇଛନ୍ତି। ଜଣେ ୨୪ ବର୍ଷୀୟ ଭାରତୀୟ ମହିଳା ଆମେରିକାର ପହଞ୍ଚିବାର ୫ ଦିନପରେ ନିଖୋଜ ହୋଇଛନ୍ତି ବୋଲି ନ୍ୟୁଜର୍ସି କର୍ତ୍ତୃପକ୍ଷ କହିଛନ୍ତି। ଗତ ୨୦ ତାରିଖରେ ଆମେରିକାର ପହଞ୍ଚିଥିବା ଏହି ମହିଳାଙ୍କ ନାମ ସିମରନ ବୋଲି ଜଣାଯାଇଛି। ସେ ପ୍ରସ୍ତାବ ଅନୁଯାୟୀ ବାହା ହେବାକୁ ଆମେରିକା ଯାଇଥିଲେ। ସେ ଏକ ସ୍ଥାନରେ ଏକୁଟିଆ ଠିଆ ହୋଇଥିବାର ସିସିଟିଭି ଫୁଟେଜରୁ ଜଣା ପଡିଛି ବୋଲି ପୁଲିସ କହିଛି। ସେ ଫୋନ୍‌କୁ ବାରମ୍ବାର ଦେଖୁଥିଲେ ଓ ଜଣକୁ ଅପେକ୍ଷା କରୁଥିବାର ଦେଖାଯାଇଛି। ଆମେରିକାରେ ତାଙ୍କ ସମ୍ପର୍କୀୟ ରହୁଛନ୍ତି। ସେ ଇଂଲିଶରେ କଥା ହୋଇ ପାରନ୍ତି ନାହିଁ ବୋଲି କୁହାଯାଇଛି। ଆମେରିକାର ସରକାରଙ୍କ ନୂଆ ଭିଜା ନୀତି ଅନୁସାରେ ବେଆଇନ୍ ଭାବେ ରହୁଥିବା ଲୋକଙ୍କୁ ଡିପୋର୍ଟ କରାଯାଉଥିବା ବେଳେ ମହିଳା ଜଣକ କିପରି ଆମେରିକାରେ ପହଞ୍ଚିଲେ ସେ ନେଇ ପ୍ରଶ୍ନ ଉଠିଛି। ସିମରନଙ୍କ ଉଚ୍ଚତା ୫ ଫୁଟ ୪ ଇଞ୍ଚ୍ ହୋଇଥିବା ବେଳେ ତାଙ୍କ ଓଜନ ୬୮ କେଜି ବୋଲି କୁହାଯାଇଛି।

# ୟୁକ୍ରେନ୍ ଉପରେ ୪୭୭ ଡ୍ରୋନ୍, ୬୦ ମିସାଇଲ ମାଡ଼



କିଭ୍,୨୯।୬(ଏଜେନ୍ସି): ରୁଷ ରବିବାର ରାତିରେ ୟୁକ୍ରେନ୍ ଉପରେ ଜବରଦସ୍ତ ଆକ୍ରମଣ କରିଛି। ରୁଷିଆ ବାୟୁସେନା ୟୁକେନ ଉପରେ ୪୭୭ଟି ଡ୍ରୋନ୍ ଓ ୬୦ଟି ମିସାଇଲ ମାଡ଼ କରିଛି। ରୁଷିଆର ଏମ୍/କେଏନ୍-୨୩ ବାଲାଷ୍ଟିକ ମିସାଇଲ, ୩୩ କେଏଚ୍- ୧୦୧/ ଇସ୍କେଡର କ୍ରୁଜ୍ ମିସାଇଲ ସହ ୪ଟି କ୍ରୁଜ୍ ମିସାଇଲ ମାଡ କରିଛି। ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଛି। ୟୁକ୍ରେନ ବାୟୁସେନା ୪୭୪ଟି ଆକ୍ରମଣକୁ ପଣ୍ଡ କରିବାରେ ସକ୍ଷମ ହୋଇଛି। ଏହି ଆକ୍ରମଣରେ ୟୁକ୍ରେନ୍‌ର ଏକ ଏଫ୍-୧୬ ଲଢୁଆ ବିମାନ ଧ୍ୱଂସ ହୋଇଛି ଓ ଜଣେ ପାଇଲଟ ମୃତ୍ୟୁ ବରଣ କରିଛନ୍ତି। ଏହାପୂର୍ବରୁ ୨୮ ତାରିଖରେ ୟୁକ୍ରେନ ରୁଷିଆର କ୍ରିମିଆ ଏୟାର ବେସ୍ ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ରୁଷ୍‌ର ଏମ୍ଆଇ-୮, ଏମ୍ଆଇ-୨୬ ଓ ଏମ୍ଆଇ-୨୮ ହେଲିକପ୍ଟର ଅନ୍ୟ ବିମାନ ସବୁ ନଷ୍ଟ ହୋଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ ୟୁକ୍ରେନ ସହ କଥା ହେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

# କ୍ୟାପ୍ଟେନ ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ଅଡୁଆରେ ସରକାର




- ପାକିସ୍ତାନ ସାମରିକ ଠିକଣାରେ ବାୟୁସେନା ଆକ୍ରମଣ ଚାହୁଁ ନ ଥିଲେ ସରକାର
- କ୍ୟାପ୍ଟେନ୍‌ଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି: ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଭାରତର କ୍ଷୟକ୍ଷତିକୁ ନେଇ ବିରୋଧୀ ଦଳ କଂଗ୍ରେସ ସରକାରଙ୍କୁ ଘେରୁଥିବା ବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇଣ୍ଡୋନେସିଆରେ ଭାରତର ଡିଫେନ୍ସ ଆଟାଚେ କ୍ୟାପ୍ଟେନ ଶିବ କୁମାର ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଦେଶ ପକ୍ଷରୁ ଆପଣାଯାଇଥିବା ରଣନୀତି ବିଷୟରେ ସୂଚନା ଦେଇ ଏଭଳି ବିସ୍ଫୋରକ ତଥ୍ୟ ଦେଇଛନ୍ତି ଯାହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଇଣ୍ଡୋନେସିଆର ଏକ ୟୁନିଭର୍ସିଟି ସେମିନାରରେ କ୍ୟାପ୍ଟେନ କୁମାର କହିଛନ୍ତି ଯେ ଅପରେସନ ସିନ୍ଦୂରକୁ ପ୍ରଥମେ ରାଜନୈତିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାକିସ୍ତାନର ସାମରିକ ଘାଟୀ କିମ୍ବା ବାୟୁ ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ଆକ୍ରମଣ ପାଇଁ ଭାରତୀୟ ବାୟୁସେନାକୁ ବାରଣ କରାଯାଇଥିଲା। କେବଳ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ ପାଇଁ କୁହାଯାଇଥିଲା। ସରକାରଙ୍କ ଏଭଳି କଟକଣା ଯୋଗୁଁ ପ୍ରଥମ ଦିନ ଆମକୁ କିଛି ଲଢୁଆ ବିମାନ ହରାଇବାକୁ ପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ ବାୟୁସେନା ପାକିସ୍ତାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଛାରଖାର କରିଦେଇଥିଲେ। ଏହାପରେ ପାକିସ୍ତାନ ଆକାଶରେ ଭାରତୀୟ ବାୟୁସେନା ଆଧିପତ୍ୟ ବିସ୍ତାର କରିଥିଲେ।

ଗତ ୧୦ ତାରିଖରେ କ୍ୟାପ୍ଟେନ କୁମାର ଦେଇଥିବା ଏହି ମନ୍ତବ୍ୟକୁ ନେଇ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛି କଂଗ୍ରେସ। ସରକାର ଦେଶକୁ ବିଭ୍ରାନ୍ତ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଇଣ୍ଡୋନେସିଆ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଗଣମାଧ୍ୟମ ରିପୋର୍ଟରେ କ୍ୟାପ୍ଟେନଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି। ସେମିନାରରେ ବକ୍ତା ଦେଇଥିବା ମନ୍ତବ୍ୟର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତ 'ଅପରେସନ ସିନ୍ଦୂର' ଜରିଆରେ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଥିଲା। ତେବେ ଏହି ସଂଘର୍ଷରେ ଭାରତର ୫ଟି ଲଢୁଆ ବିମାନକୁ ଖସାଇଥିବା ପାକିସ୍ତାନ ଦାବି କରିଥିଲା। ବିରୋଧୀ ଦଳ କଂଗ୍ରେସ ଭାରତର କ୍ଷୟକ୍ଷତି ନେଇ ସରକାରଙ୍କୁ ଜବାବ ମାଗିଥିଲେ। କେତୋଟି ଲଢୁଆ ବିମାନ ହରାଇଛି ବୋଲି ପ୍ରଶ୍ନ କରିଥିଲା। ମାତ୍ର ସିଡିଏସ ଅନୀଲ ଚୌହାନ ଏକ ସାକ୍ଷାତକାରରେ ଭାରତର କିଛି କ୍ଷୟକ୍ଷତି ହୋଇଥିବା କହିବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ୟାପ୍ଟେନ କୁମାରଙ୍କ ଟିପ୍ପଣୀକୁ ନେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ପ୍ରଥମେ ସିଙ୍ଗାପୁରରେ ସିଡିଏସ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ଆଉ ଏବେ ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଇଣ୍ଡୋନେସିଆରେ ଏଭଳି ତଥ୍ୟ ଦେଇଛନ୍ତି।

# 'ମନ୍ କି ବାତ'ରେ ଏମର୍ଜେନ୍ସିକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡିଓ ଶୋ 'ମନ୍ କି ବାତ'ର ୧୨୩ତମ ସଂସ୍କରଣରେ ପୁଣି ଥରେ ଏମର୍ଜେନ୍ସି କଥା ଉଠାଇ କଂଗ୍ରେସ୍‌କୁ ନିନ୍ଦା କରିଛନ୍ତି। ଆରମ୍ଭରେ ସେ ଯୋଗ ଦିବସ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ଜୁନ୍ ୨୧ରେ ସାରା ବିଶ୍ୱରେ ଲୋକେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରିଥିଲେ। ଯୋଗକୁ ସାରା ବିଶ୍ୱରେ ଆଦୃତ ହେଉଛି ଓ ଏହାକୁ ଦୈନନ୍ଦିନ ଜୀବନରେ ଲୋକେ ଆପାଣାଉଛନ୍ତି। ବିଶାଖପାଟଣାରେ ଏକାସଂଗେ ୩ ଲକ୍ଷ ଲୋକ ଯୋଗ କରିବା ସବୁଠାରୁ ବଡ଼ କଥା ବୋଲି ସେ କହିଛନ୍ତି। ଏହା ପରେ ସେ ଏମର୍ଜେନ୍ସି ବିଷୟରେ ପୁଣି ବାର୍ତ୍ତା ଦେଇ କଂଗ୍ରେସକୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ଜୁନ ୨ରୁ ୧୯୭୭ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଭାରତରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉତ୍ପିଡନର ଶିକାର ହେବାକୁ ପଡିଥିଲା। ମିସା ନିୟମ ଅନୁସାରେ ବହୁ ଲୋକଙ୍କୁ ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶେଷରେ ଜନତାଙ୍କ ବିଜୟ ହୋଇଥିଲା ଓ ଏମର୍ଜେନ୍ସିକୁ ହଟାଇ ଦିଆଯାଇଥିଲା। ଭାରତୀୟ ଗଣତନ୍ତ୍ର ଇତିହାସରେ ଏହା କଳା ଅଧ୍ୟାୟ ସୃଷ୍ଟି କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ପରମାଣୁ ଅସ୍ତ୍ର ପାଇଁ ଇରାନ ପାଖରେ ୟୁରାନିୟମ ଅଛି

ତେହେରାନ୍, ୨୯।୬ (ଏଜେନ୍ସି): ପରମାଣୁ ଅସ୍ତ୍ର ତିଆରି କରିବାକୁ ଇରାନ୍ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଧାତୁ ରହିଛି। ଏ ନେଇ ଜାତିସଂଘର ଇଣ୍ଟରନ୍ୟାସାନାଲ ଅଟୋମିକ୍ ଏଜେନ୍ସି (ଆଇଏଇଏ) ରବିବାର ସୂଚନା ଦେଇଛି। ଆଗାମୀ କିଛି ମାସ ମଧ୍ୟରେ ଇରାନ ପୁଣିଥରେ ନିଜର ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିପାରେ ବୋଲି ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରାସୀ ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଏବେ ମଧ୍ୟ ଇରାନ୍‌ର କେତୋଟି ଆଣବିକ କେନ୍ଦ୍ର ରହିଛି। ତେଣୁ ଇରାନ ପୁଣିଥରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ଅସମ୍ଭବ ନୁହଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୩ରେ ଇରାନ ପରମାଣୁ କେନ୍ଦ୍ର ସମେତ ଅନ୍ୟ ସାମରିକ ଘାଟି ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ପରେ ଆମେରିକା ମଧ୍ୟ ବି-୨ ବମ୍ବରରେ ଇରାନର ଫୋର୍ଡୋ, ନତାଂଜ ଓ ଓସ୍ଫହାନ ଆଣବିକ କେନ୍ଦ୍ର ଉପରେ ବିସ୍ଫୋରଣ କରିଥିଲା ଏଗୁଡିକୁ ଧ୍ୱଂସ କରିଥିଲା।

# ଡିସେମ୍ବର ୩୧ ସୁଦ୍ଧା ସୀମା ନିର୍ଦ୍ଧାରଣ ସାରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଜାତିଗତ ଜନଗଣନା ସହିତ ଭାରତର ୧୬ ତମ ଜନଗଣନା ୨୦୨୭ରୁ ଆରମ୍ଭ ହେବ। ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏହା ୨୦୨୬ ଅକ୍ଟୋବରରୁ ଆରମ୍ଭ ହୋଇଯିବ। ଦେଶର ଅନ୍ୟ ଭାଗରେ ୨୦୨୭ରୁ ଜନଗଣନା କରାଯିବ। ଏହା ଦୁଇଟି ପର୍ଯ୍ୟାୟରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟ 'ହାଉସ ଲିଷ୍ଟିଂ ଅପରେସନ'ରେ ପ୍ରତ୍ୟେକ ଘରର ଆବାସିକ ସ୍ଥିତି, ସମ୍ପତ୍ତି ଏବଂ ସୁବିଧାର ତଥ୍ୟ ସଂଗ୍ରହ କରାଯିବ। ଏ ନେଇ କେନ୍ଦ୍ର ସରକାର ସବୁ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ୩୧ ପୂର୍ବରୁ ପୌର ପାଳିକା, ରାଜସ୍ୱ ଗାଁ, ତହସିଲ, ଉପ-ବିଭାଗ କିମ୍ବା ଜିଲ୍ଲା ସୀମା ନିର୍ଦ୍ଧାରଣ କରିବାକୁ କିମ୍ବା ପ୍ରସ୍ତାବିତ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୧୬ ତମ ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ଦିଲ୍ଲୀ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ମୌସୁମୀ ରବିବାର ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି। ଏଥିସହ ମୌସୁମୀ ସାରା ଦେଶରେ ପରିବ୍ୟାପ୍ତ ହୋଇଛି। ୯ ଦିନ ପୂର୍ବରୁ ହିଁ ମୌସୁମୀ ସାରା ଦେଶରେ ପ୍ରବେଶ କରିସାରିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଜୁଲାଇ ୮ରେ ମୌସୁମୀ ସାରା ଦେଶରେ ଆଚ୍ଛାଦିତ ହେବ ବୋଲି ପୂର୍ବାନୁମାନ କରାଯାଉଥିଲା। କିନ୍ତୁ ଏହାର ୯ ଦିନ ପୂର୍ବରୁ ମୌସୁମୀ ପ୍ରଭାବ ସବୁଠି ଦେଖିବାକୁ ମିଳିଛି। ଚଳିତ ବର୍ଷ ମେ ୨୪ରେ କେରଳରେ ମୌସୁମୀ ପ୍ରଥମେ ପ୍ରବେଶ କରିଥିଲା।

# କରୋନାରେ ମାସକେ ୧୩୫ ମୃତ୍ୟୁ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ସାରା ଦେଶରେ କରୋନା ଭାଇରସ୍‌ର ଆକ୍ଟିଭ ମାମଲା ସଂଖ୍ୟାରେ ଯଥେଷ୍ଟ ଅବନତି ହୋଇଛି। ଏହା ସତ୍ତ୍ୱେ କରୋନାର ନୂଆ ଭ୍ୟାରିଏଣ୍ଟରେ ଗୋଟିଏ ମାସ ମଧ୍ୟରେ ପାଖାପାଖି ୧୩୫ ଜଣ ମୃତ୍ୟୁ ବରଣ କରିଛନ୍ତି। ଆକ୍ଟିଭ ସଂଖ୍ୟା ଗତ ଦୁଇ ସପ୍ତାହ ହେବ କମିବାରେ ଲାଗିଛି ଓ ଏହା ୨୦୮୬ରେ ପହଞ୍ଚିଛି। ଜୁନ୍ ୧୨ ତାରିଖରେ ଦେଶରେ ୭୧୩୧ ଆକ୍ଟିଭ ସଂଖ୍ୟ ଥିଲା। ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାର ନୂଆ ଭ୍ୟାରିଏଣ୍ଟରେ ମୋଟ୍ ୧୪୨ ମୃତ୍ୟୁବରଣ କରିଛନ୍ତି। ଗତ ୨୪ ଘଣ୍ଟରେ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି।

# ଢାକାରେ ମହିଳାଙ୍କୁ ଦୁଷ୍କର୍ମ, ୫ ଗିରଫ

ଢ଼ାକା,୨୯।୬(ଏଜେନ୍ସି): ବାଂଲାଦେଶ କୋମିଲା ଜିଲ୍ଲାର ମୁରାଦନଗର ଥାନାର ରାମଚନ୍ଦ୍ରପୁର ପଞ୍ଚକିଟା ଗାଁରେ ଜଣେ ହିନ୍ଦୁ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ଘଟଣାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଜଡିତ ଥିବା ୫ ଜଣଙ୍କୁ ପୁଲିସ ଗିରଫ କରିଛି। ଦୁଷ୍କର୍ମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୨୫ ବର୍ଷୀୟା ଏହି ମହିଳାଙ୍କୁ ଜଣେ ୩୮ ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଛି। ଅଭିଯୁକ୍ତ ଜଣକ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର କାର୍ଯ୍ୟକର୍ତ୍ତା ବୋଲି ଜଣାପଡିଛି। ଅଭିଯୁକ୍ତକୁ ସ୍ଥାନୀୟ ଲୋକ ଧରିଥିଲେ ମଧ୍ୟ ସେ ଖସି ପଳାଇଥିଲା। ୧୫ ଦିନ ତଳେ ପୀଡିତାଜଣକ ତାଙ୍କ ବାପ ଘରକୁ ଆସିଥିଲେ। ଅଭିଯୁକ୍ତ ଜଣକ କବାଟ କବାଟ ଭାଙ୍ଗି ଘରେ ପଶି ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।

# ସ୍ୱାମୀକୁ ମାରି ଫୋପାଡ଼ିଦେଲେ

ବେଙ୍ଗାଲୁରୁ, ୨୯।୬ (ଏଜେନ୍ସି): କର୍ଣ୍ଣାଟକରେ ଜଣେ ମହିଳା ନିଜ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ଆଖିରେ ଲଙ୍କାଗୁଣ୍ଡ ପକାଇ ଗୋଡରେ ଡଣ୍ଟିଚିପି ମାରିଛନ୍ତି। ଗତ ୨୪ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଶନିବାର ଏହା ସାମ୍ନାକୁ ଆସିଛି। ତୁମକୁର ଦିଲ୍ଲା ତିପତୁର ବ୍ଲକ କଡାସେଟିହାଲି ଗ୍ରାମର ଶଙ୍କରମୂର୍ତ୍ତି (୫୦) ଏକାକୀ ଏକ ଫାର୍ମ ହାଉସରେ ରହୁଥିଲେ। ତାଙ୍କ ସ୍ତ୍ରୀ ସୁମଙ୍ଗଳା କଳ୍ପତରୁ ଛାତ୍ରୀ ନିବାସରେ ରୋଷେଇ କରୁଥିଲେ। ଏଠାରେ ନାଗାରାଜୁଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଗଢିଉଠିଥିଲା। ସ୍ୱାମୀ ବାଧା ସୃଷ୍ଟି କରୁଥିବାରୁ ଶଙ୍କରମୂର୍ତ୍ତିକୁ ହଟାଇବା ପାଇଁ ଉଭୟେ ଯୋଜନା କରିଥିଲେ। ଘଟଣା ଦିନ ସ୍ୱାମୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଏକ ବାଡ଼ିରେ ସୁମଙ୍ଗଳା ମାଡ଼ ମାରିଥିଲେ। ପରେ ପାଦରେ ବେକ କୁଦି ମାରି ଦେଇଥିଲେ। ବସ୍ତାରେ ମୃତଦେହକୁ ୩୦ କିମି ଦୂରରେ ଥିବା ଏକ କୂଅରେ ନେଇ ଫୋପାଡ଼ି ଥିଲେ।

# ହିନ୍ଦୀରୁ ଓହରିଲା ମହାରାଷ୍ଟ୍ର

ମୁମ୍ବାଇ, ୨୯।୬ (ଏଜେନ୍ସି): ମହାରାଷ୍ଟ୍ର ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରି ରାଜ୍ୟ ସରକାର ଯେଉଁ ଆଦେଶ ଜାରି କରିଥିଲେ, ଆଜି ତାହାକୁ ପ୍ରତ୍ୟାହାର କରିନେଇଛନ୍ତି। ହିନ୍ଦୀ ବିରୋଧରେ ଆନ୍ଦୋଳନ ପାଇଁ ଉଦ୍ଧବ ଠାକରେ ଏବ ରାଜ ଠାକରେ ଧମକ ଦେବାପରେ ମହାରାଷ୍ଟ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଦୁଇ ଦଳ ପ୍ରସ୍ତାବିତ ଧର୍ମଘଟରୁ ଓହରିଯାଇଛନ୍ତି।

# ବିଜେପି ସଭାପତି ନେଇ ହୋଇପାରୁନି ସହମତି

## ଆସନ୍ତା ସପ୍ତାହରେ ବିଜେପି-ଆର୍‌ଏସ୍‌ଏସ୍ ବୈଠକ

## ୧୯ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇନାହିଁ

ନୂଆଦିଲ୍ଲୀ, ୨୯।୬: ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। କୁହାଯାଉଛି ଯେ ଆର୍‌ଏସ୍‌ଏସ୍ ଓ ବିଜେପି ନେତାଙ୍କ ମଧ୍ୟରେ ଏହାକୁ ନେଇ ମତଭେଦ ଲାଗି ରହିଥିବାରୁ ନୂଆ ସଭାପତି ନିଯୁକ୍ତି ନେଇ ସହମତି ହୋଇପାରୁ ନାହିଁ। ତେବେ ଆସନ୍ତା ସପ୍ତାହ ଦିଲ୍ଲୀରେ ଆର୍‌ଏସ୍‌ଏସ୍ ଏବଂ ବିଜେପି ନେତାମାନଙ୍କ ମଧ୍ୟରେ ହେବାକୁ ଥିବା ବୈଠକରେ ଏହାର ସମାଧାନ ହେବାର ସମ୍ଭାବନା ରହିଛି।

ଏବେ ଦଳର ସଭାପତି ପଦରେ ଥିବା କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ଶେଷ ହୋଇଯାଇଥିଲେ ମଧ୍ୟ ପ୍ରଥମେ ତାଙ୍କର କାର୍ଯ୍ୟକାଳକୁ ଜୁନ୍ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ନୂଆ ସଭାପତି ନେଇ ସହମତି ହୋଇ ପାରୁନଥିବାରୁ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ଏହି ପଦରେ ରହିଛନ୍ତି। ଏହି ପଦବୀରେ ବିଜେପି ହାଇକମାଣ୍ଡ ନିଜ ପସନ୍ଦର ନେତା ରଖିବାକୁ ଆଗ୍ରହୀ ଥିବା ବେଳେ ଆର୍‌ଏସ୍‌ଏସ୍ ଏଥିରେ ଏକମତ ହେଉନାହିଁ। ନୂଆ ସଭାପତି ଲାଗି ଆର୍‌ଏସ୍‌ଏସ୍ ଯେଉଁ ସର୍ତ୍ତ ରଖିଛି, ସେଥିରେ ବିଜେପି ହାଇକମାଣ୍ଡଙ୍କ ପସନ୍ଦର ନେତା ଫିଟ୍ ହୋଇପାରୁ ନାହାନ୍ତି। ଏହି ପଦରେ ସାଂଗଠନିକ ଦୃଷ୍ଟିରୁ ଜଣେ ଶକ୍ତିଶାଳୀ ନେତାଙ୍କୁ ବସାଇବାକୁ ଚାହୁଁଛି ଆର୍‌ଏସ୍‌ଏସ୍। କୌଣସି ହସ୍ତକ୍ଷେପ ବିନା ସମଗ୍ର ସଂଗଠନ ଉପରେ ତାଙ୍କର ନିୟନ୍ତ୍ରଣ ରହିବ। ସେ ଦାୟିତ୍ୱ ନେବା ସହିତ ବିଜେପି ସଂଗଠନରେ ପୁନର୍ବିନ୍ୟାସ କରିବେ। ସାଂଗଠନିକ ପୁନର୍ବିନ୍ୟାସ ସହିତ ମନ୍ତ୍ରିମଣ୍ଡଳରେ ମଧ୍ୟ ଅଦଳବଦଳ କରିବାକୁ ଚାହୁଁଛି ଆର୍‌ଏସ୍‌ଏସ୍।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଆର୍‌ଏସ୍‌ଏସ୍‌ର ଏକ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ଏଥିରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସମେତ ସଂଗଠନର ସାଧାରଣ ସଂପାଦକ ଦତ୍ତାତ୍ରେୟ ହୋସାବୋଲେ ଏବଂ ସମସ୍ତ ୬ ଜଣ ଯୁଗ୍ମ ସାଧାରଣ ସଂପାଦକ ଉପସ୍ଥିତ ରହିବେ। ଏହି ଅବସରରେ ବିଜେପି ନେତାମାନଙ୍କ ସହିତ ସେମାନଙ୍କର ବୈଠକ ହେବ ଏବଂ ଏଥିରେ ପରବର୍ତ୍ତୀ ସଭାପତିକୁ ନେଇ ବିଚାର ଆଲୋଚନା ହେବ। ବିଜେପିର କିଛି ବରିଷ୍ଠ ନେତା କହିଛନ୍ତି ଯେ ନୂଆ ସଭାପତି ଦଳ ଭିତରେ ବ୍ୟାପକ ଅଦଳବଦଳ କରିବେ। ସଂଗଠନରେ ଯୁବ ମୁହଁକୁ ଅଗ୍ରାଧିକାର ଦିଆଯିବ। ଅର୍ଦ୍ଧାଧିକ ଜାତୀୟ ସାଧାରଣ ସଂପାଦକଙ୍କୁ ବିଦାୟ କରାଯିବ। ବିଜେପିର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ପାର୍ଲାମେଣ୍ଟାରୀ ବୋର୍ଡରେ ଅନେକ ବରିଷ୍ଠ ନେତାଙ୍କୁ ସାମିଲ କରାଯିବ। ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ପରିପେକ୍ଷୀ।ରେ ବୋର୍ଡକୁ ଆହୁରି ମଜବୁତ କରାଯିବ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ନିୟମ ଅନୁଯାୟୀ ନୂଆ ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପୂର୍ବରୁ ଅତିକମରେ ୧୯ଟି ରାଜ୍ୟରେ ଦଳୀୟ ସଭାପତି ନିର୍ବାଚନ ସଂପନ୍ନ ହେବା ଦରକାର। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇଛି। ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗ, ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଭିନ୍ନ କାରଣରୁ ସଭାପତି ନିର୍ବାଚନ ସଂପନ୍ନ ହୋଇପାରି ନାହିଁ। ଦଳୀୟ ପରଂପରା ଅନୁଯାୟୀ ଉଭୟ ରାଷ୍ଟ୍ରୀୟ ଏବଂ ରାଜ୍ୟ ସଭାପତିଙ୍କୁ ସହମତି ଭିତ୍ତିରେ ନିଯୁକ୍ତି ମିଳେ। ଏଥିପାଇଁ ନିର୍ବାଚନର ଆବଶ୍ୟକତା ପଡ଼େନାହିଁ।

# କୋଲକାତା ଛାତ୍ରୀ ଗଣଦୁଷ୍କର୍ମ: କଲ୍ୟାଣ-ମହୁଆ ମୁହାଁମୁହିଁ



କୋଲକାତା, ୨୯।୬ (ଏଜେନ୍ସି): କୋଲକାତା ଆଇନ ଛାତ୍ରୀ ଗଣଦୁଷ୍କର୍ମ ଘଟଣାକୁ ନେଇ କ୍ଷମତାସୀନ ଟିଏମ୍‌ସିରେ ଝଡ଼ ସୃଷ୍ଟି ହୋଇଛି। ଦଳର ରାଜସ୍ୟଭା ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ଲୋକସଭା ସାଂସଦ ମହୁଆ ମୋଇତ୍ର ମୁହାଁମୁହିଁ ହୋଇଛନ୍ତି। ଗଣଦୁଷ୍କର୍ମ ମାମଲାକୁ ନେଇ କଲ୍ୟାଣ ଦେଇଥିବା ମନ୍ତବ୍ୟକୁ ମହୁଆ ଘୃଣ୍ୟ କହିବା ପରେ ବିବାଦ ସୃଷ୍ଟି ହୋଇଛି। ଦୁଷ୍କର୍ମ ଘଟଣାରେ କଲ୍ୟାଣ ଦେଇଥିବା ମନ୍ତବ୍ୟର ନିନ୍ଦା କରି ମହୁଆ ଏହାକୁ ନାରୀ-ବିରୋଧୀ ମାନସିକତା ବୋଲି କହିଥିଲେ। ଯିଏ ବି ଏଭଳି ଘୃଣ୍ୟ ମନ୍ତବ୍ୟ ଦିଏ ତାକୁ ନିନ୍ଦା କରାଯିବା ଉଚିତ।

ମହୁଆଙ୍କ ଏଭଳି ଅଭିଯୋଗ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଲ୍ୟାଣ ବାନାର୍ଜୀ। ବରିଷ୍ଠ ଓକିଲ ତଥା ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କ ସହ ମହୁଆଙ୍କ ବିବାହକୁ ନିଶାଣ କରିଛନ୍ତି କଲ୍ୟାଣ। ମହୁଆ ମୋତେ ମହିଳା ବିରୋଧୀ କହୁଛନ୍ତି। ସେ ନିଜେ କ'ଣ କରିଛନ୍ତି? ମହୁଆ ନିଜେ ସବୁଠୁ ବଡ଼ ମହିଳା ବିରୋଧୀ। ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ବିବାହ କରି ମହୁଆ ତାଙ୍କ ପରିବାରକୁ ଭାଙ୍ଗିଦେଇଛନ୍ତି। ଏହାକରି ମହୁଆ ମହିଳାଙ୍କୁ ଆଘାତ ଦେଉନାହାନ୍ତି କି? ବିବାହ ପରେ ବିଦେଶରୁ ହନିମୁନ୍‌ରୁ ଫେରି ସେ ମୋ ସହ ଲଢେଇ କରୁଛନ୍ତି। ମହୁଆଙ୍କ ଠାରୁ ଆଉ ଏତେ ବଡ଼ ନାରୀ-ବିରୋଧୀ କେହି ନାହାନ୍ତି ବୋଲି ସେ କହିଛନ୍ତି। ନିୟମ ଉଲ୍ଲଙ୍ଘନ କାରଣରୁ ସଂସଦରୁ ବହିଷ୍କୃତ ହୋଇଥିବା ମହିଳା ଏବେ ମୋତେ ନୀତି ଶିକ୍ଷା ଦେଉଛନ୍ତି।

ଏହି ଦୁଇ ଜଣ ନେତା ଏପରି ମୁହାଁମୁହିଁ ହୋଇଥିବାରୁ ମମତାଙ୍କ ତୃଣମୂଳ କଂଗ୍ରେସ ଅପ୍ରୀତିକର ପରିସ୍ଥିତିରେ ପଡ଼ିଯାଇଛି। ମିଳିଥିବା ଖବର ଅନୁଯାୟୀ ଭବିଷ୍ୟତରେ ସାଧାରଣରେ ଏଭଳି ମନ୍ତବ୍ୟ ନଦେବା ଲାଗି ମମତା ବାନାର୍ଜୀ ଦଳର ଏହି ଦୁଇ ନେତାଙ୍କୁ ତାଗିଦ କରିଛନ୍ତି।

# ପାକିସ୍ତାନକୁ ଭାରତର ସମାଲୋଚନା

ଇସ୍‌ଲାମାବାଦ,୨୯।୬(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ରାଜ୍ୟର ଉତ୍ତର ପାର୍ବତ୍ୟ ଅଞ୍ଚଳ ୱାଜିରସ୍ଥାନରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୬ ସୁରକ୍ଷାକର୍ମୀ ପ୍ରାଣ ହରାଇଛନ୍ତି। ପାକିସ୍ତାନ ଏହି ଘଟଣାରେ ଭାରତକୁ ଦାୟୀ କରିଛି। ସାଧରଣ ନାଗରିକଙ୍କ ସମେତ ୨୪ ଜଣ ଲୋକ ଆହତ ହୋଇଛନ୍ତି। ଭାରତକୁ ଦାୟି କରୁଥିବା ବେଳେ ପାକିସ୍ତାନ ତାଲିବାନ ବା ଟିଟିପି ନିଜକୁ ଦାୟୀ କରିଛି। ଭାରତ ପାକିସ୍ତାନର ଏହି ଅଭିଯୋଗକୁ ପ୍ରତ୍ୟାଖାନ କରିଛି। ଆତ୍ମଘାତୀ ଆକ୍ରମଣ କରିଥିବା ଆତଙ୍କବାଦୀଜଣକ ବାରୁଦ ଭର୍ତ୍ତି ଗାଡି ସହ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡିଗୁଡିକ ଉପରେ ମାଡ଼ କରିଥିଲା। ଏଥିରେ ନିକଟରେ ଥିବା ଦୁଇଟି ଘରର ଛାତ ଗଳି ପଡିଥିଲା। ଏହି ଘଟଣାରେ ୬ ଜଣ ଶିଶୁ ଆହତ ହୋଇଛନ୍ତି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଖଣ୍ଡନ କରିଛନ୍ତି।

# କର୍ଣ୍ଣାଟକ କଂଗ୍ରେସରେ ଅଶାନ୍ତି: ପୁଣି ଉଠିଲା ନେତା ପରିବର୍ତ୍ତନ ସ୍ୱର

ବେଙ୍ଗାଲୁରୁ, ୨୯।୬: କର୍ଣ୍ଣାଟକ କଂଗ୍ରେସରେ ପୁଣି ଅଶାନ୍ତି। ଦଳର କେତେକ ବିଧାୟକ ବିବାଦୀୟ ମନ୍ତବ୍ୟ ଦେଇ ସରକାରକୁ ଅଡୁଆରେ ପକାଉଥିବା ବେଳେ ଗୋଷ୍ଠୀ ବିବାଦ ମଧ୍ୟ ମୁଣ୍ଡ ଟେକିଲାଣି। ବିଶେଷ କରି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ସମର୍ଥକ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଦଳକୁ ଏଭଳି ଅପ୍ରୀତିକର ପରିସ୍ଥିତିରୁ ଉଦ୍ଧାର କରିବା ଲାଗି ଦଳୀୟ ହାଇକମାଣ୍ଡ ଏହାର ସାଧାରଣ ସଂପାଦକ ରଣଦୀପ ସିଂହ ସୂର୍ଯ୍ୟେୱାଲାଙ୍କୁ ପଠାଇଛନ୍ତି। ସେ ଆସନ୍ତାକାଲି ବେଙ୍ଗାଲୁରୁରେ ପହଂଚିବେ। ସେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ଅନେକ ନେତାମାନଙ୍କ ସହିତ ବିଚାରବିମର୍ଶ କରିବେ।

ଦଳର କେତେକ ବିଧାୟକ ପ୍ରଶାସନ ବିରୋଧରେ ଖୋଲାଖୋଲି ଦୁର୍ନୀତି ଅଭିଯୋଗ ଆଣି ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ସେମାନଙ୍କୁ ଶାନ୍ତ କରିବା ଲାଗି ଚଳିତ ସପ୍ତାହ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ଅସନ୍ତୁଷ୍ଟ ନେତାମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ବରିଷ୍ଠ ବିଧାୟକ ବିଆର ପାଟିଲ ରାଜ୍ୟ ଗୃହ ନିର୍ମାଣ ବିଭାଗ ବିରୋଧରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗ ଆଣି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସେହିଭଳି ଅନ୍ୟତମ ବଧାୟକ ରାଜୁ କାଗେ ଅଭିଯୋଗ କରିଥିଲେ ଯେ ରାଜ୍ୟ ପ୍ରଶାସନ ଭୁଶୁଡ଼ି ପଡ଼ିଛି। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବୁଝାଇଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି। ଏହାକୁ ନେଇ ଦଳରେ ଫାଟ ବଢୁଥିବାରୁ ସୂର୍ଯ୍ୟେୱାଲା ବେଙ୍ଗାଲୁରୁରେ ସେମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ଦଳର ଅନ୍ୟ ନେତାମାନଙ୍କ ସହିତ ମଧ୍ୟ ଏକାକୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳିବା ଲାଗି ମଧ୍ୟ ଦଳ ଭିତରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ସୂର୍ଯ୍ୟେୱାଲା ହାଇକମାଣ୍ଡଙ୍କ ମତାମତ ଜଣାଇବେ। ଦଳର ଏକତା ଏବଂ ସରକାରରେ ସ୍ଥିରତା ସ୍ୱାର୍ଥ ଦୃଷ୍ଟିରୁ ସାଧାରଣରେ ଆଶ୍ୱସ୍ତିକର ମନ୍ତବ୍ୟ ନଦେବା ଲାଗି ସେ ଦଳର ନେତାମାନଙ୍କୁ ପରାମର୍ଶ ଦେବେ। ଦୁଇ ଦିନ ଧରି ସେ ବେଙ୍ଗାଲୁରୁରେ ରହି ଦଳ ଭିତରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବାକୁ ଉଦ୍ୟମ କରିବେ।

ଇତିମଧ୍ୟରେ ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ କହିଛନ୍ତି ଯେ ଦୁଇ ତିନି ମାସ ଭିତରେ ମୁଖ୍ୟମନ୍ତ୍ରୀ ବଦଳିବେ। ସିଦ୍ଧରମେୟାଙ୍କ ସ୍ଥାନରେ ଡି. ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ହାଇକମାଣ୍ଡ ନିଷ୍ପତ୍ତି ନେଇ ସାରିଥିବା ସେ କହିଛନ୍ତି। ଉପଯୁକ୍ତ ସମୟରେ ଦଳୀୟ ହାଇକମାଣ୍ଡ ଏହି ଘୋଷଣା କରିବେ ବୋଲି ସେ କହିଛନ୍ତି।





# ରାତି ୧୨ଟାରେ ପହୁଡ଼ ହେଲା କାହିଁକି?

■ ପୂର୍ବରୁ ମହାପ୍ରଭୁଙ୍କୁ ରାତିରାତି ଉଜାଗର ରଖାଯାଇଛି
■ ସ୍ଥିତି ନ ଥିବାବେଳେ ପହୁଡ଼ ସଅଳ କାହିଁକି କଲେ?

ପୁରୀ,୨୯।୬(ସମିସ): ଅନେକ ସମୟରେ ମହାପ୍ରଭୁଙ୍କୁ ରାତି ରାତି ଉଜାଗର ରଖାଯାଇଛି। ସେବାୟତଙ୍କ ମଧ୍ୟରେ ବିବାଦ ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ରତ୍ନସିଂହାସନରେ ଅନିଦ୍ରା ରହିଛନ୍ତି ଠାକୁର। ଏମିତି ବି ନୂଆବର୍ଷରେ ଅଧରାତିରୁ ଠାକୁରଙ୍କୁ ନିଦରୁ ଉଠାଇ ଦିଆଯାଉଛି। ଅତୀତକୁ ଖୋଜିଲେ, ଜଣାପଡ଼ିବ ବର୍ଷକରେ ଅନେକ ଦିନ ଶ୍ରୀମନ୍ଦିରରେ ପହୁଡ଼ ହୋଇନଥାଏ। ହେଲେ ଠାକୁର ଯେତେବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଆଉ ଶରଧାବାଲିରେ ହଜାରହଜାର ଭକ୍ତ କାଳିଆ ଠାକୁରଙ୍କୁ ଦେଖିବା ଲାଗି ବ୍ୟାକୁଳତା ପ୍ରକାଶ କରୁଛନ୍ତି, ସେତେବେଳେ ସଅଳ ପହୁଡ଼ କାହିଁକି ହେଲା? ସେଭଳି ସ୍ଥିତି ନଥିବା ବେଳେ କାହା ନିର୍ଦ୍ଦେଶରେ ରାତି ୧୨ଟାରେ ପହୁଡ଼ କରାଗଲା? ଯଦି ପହୁଡ଼ ହୋଇ ନଥା'ନ୍ତା, ତେବେ କ'ଣ ଅସୁବିଧା ହୋଇଥା'ନ୍ତା? ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରୁଥିବାବେଳେ ସମସ୍ତେ ପ୍ରଶାସନର ଦାୟିତ୍ୱହୀନତା ଓ ଅବହେଳାକୁ ଦାୟୀ କରିଛନ୍ତି।

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନ୍ୟ ଦେବଦେବୀଙ୍କଠାରୁ ଭିନ୍ନ। ଏଠାରେ ମାନୀବୀୟ ଲୀଳା କରିଥା'ନ୍ତି ଦାରୁଦିଅଁ। ଭୋର୍‌ରୁ ବିଳମ୍ବିତ ରାତିରେ ସାଧାରଣ ମଣିଷ ଭଳି ଠାକୁରଙ୍କ ସେବାପୂଜା କରାଯାଏ। ରାତିରେ ଶ୍ରୀଜୀଉମାନେ ନିଦ୍ରା ଯାଆନ୍ତି, ଯାହାକୁ ଆମେ ଶ୍ରୀମନ୍ଦିରରେ ରାତ୍ରପହୁଡ଼ ବୋଲି କହିଥାଉ। କେଉଁ ସମୟରେ ପହୁଡ଼ ପଡ଼ିବ ତାହାର ନିର୍ଦ୍ଦିଷ୍ଟ ସମୟ ବି ସ୍ଥିର ଥାଏ। ହେଲେ ନୀତିବିଳମ୍ବ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଅନେକ ସମୟରେ ଶ୍ରୀମନ୍ଦିରରେ ପହୁଡ଼ ସମ୍ଭବ ହୋଇପାରିନଥାଏ। ଏମିତି ବି ବିଭିନ୍ନ ସମୟରେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ନୀତିରେ ବିଳମ୍ବ ହେଲେ ପହୁଡ଼ ହୋଇନଥାଏ। ଆବଶ୍ୟକସ୍ଥଳେ ଠାକୁରଙ୍କୁ କେତେବେଳେ ଘଣ୍ଟାଏ ତ ପୁଣି କେତେବେଳେ ୨ ଘଣ୍ଟାରେ ନିଦରୁ ଉଠାଇ ଦେଇଥା'ନ୍ତି। ତେଣୁ ସବୁଦିନ ପହୁଡ଼ ହେବା ବାଧ ଏମିତି ବି କିଛି ଧରାବନ୍ଧା ନାହିଁ। ଅବଶ୍ୟ ପ୍ରତିଦିନ ଠାକୁରଙ୍କୁ ବିଶ୍ରାମ ଦିଆଯିବା କଥା। କିନ୍ତୁ ତାହା ପାଳନ କରାଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ବହୁଳ ନୀତିକାନ୍ତି ଯୋଗୁଁ ଗତ ୧୦ଦିନ ରାତ୍ରପହୁଡ଼ ହୋଇନାହିଁ। ତେଣୁ ଶନିବାର ରାତିରେ ରାତ୍ରପହୁଡ଼ ପାଇଁ କାହିଁକି ଏତେ ତତ୍ପରତା ଦେଖାଗଲା, ତାହା ମଧ୍ୟ ବୁଝାପଡୁ ନାହିଁ।



ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହାପ୍ରଭୁ ହେଉଛନ୍ତି ଭକ୍ତପ୍ରିୟ। ସେଇଥିପାଇଁ ବର୍ଷକୁ ଥରେ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଅବସରରେ ବଡ଼ଦାଣ୍ଡରେ ସବୁ ଧର୍ମ, ସବୁ ସମ୍ପ୍ରଦାୟର ଭକ୍ତ ଚର୍ମ ଚକ୍ଷୁରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ସୁଯୋଗ ପାଆନ୍ତି। ରଥରେ ଠାକୁରଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅନେକ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ପାଇଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ଚାହାନ୍ତି ନାହିଁ। ତେଣୁ ସେମାନେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବାକୁ ପସନ୍ଦ କରିଥା'ନ୍ତି। ଯେଉଁଥିପାଇଁ ଗତ କିଛି ବର୍ଷ ହେବ, ଠାକୁର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଥିବା ବେଳେ ରାତିରେ ପ୍ରବଳ ଭିଡ଼ ହୋଇଥାଏ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଚାଲେ। ବିଶେଷକରି କଟକ, ଭୁବନେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଆଖପାଖ ଜିଲ୍ଲାରୁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରାତିରେ ଆସି ଦର୍ଶନ ସାରି ରାତାରାତି ଫେରିଯା'ନ୍ତି। ପ୍ରଶାସନ ଏବଂ ସେବାୟତ ଏସବୁ ଜାଣିଛନ୍ତି। କିନ୍ତୁ କ'ଣ ପାଇଁ ଶନିବାର ରାତିରେ ଶରଧାବାଲିରେ ଭକ୍ତଙ୍କ ଭିଡ଼ ଥିବା ବେଳେ ରାତି ୧୨ଟାରୁ ୧୨ଟା ୧୫ ମଧ୍ୟରେ ପହୁଡ଼ କରିଦେଲେ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଯଦି ଠାକୁରଙ୍କର ପହୁଡ଼ ହୋଇ ନ ଥାନ୍ତା, କିମ୍ବା ଘଣ୍ଟାଏ ପାଇଁ ପହୁଡ଼ କରାଯାଇଥା'ନ୍ତା ତେବେ ଏତେବଡ଼ ଅଘଟଣ ଘଟି ନଥାନ୍ତା ବୋଲି ମତ ଦେଇଛନ୍ତି ଶ୍ରଦ୍ଧାଳୁ। ଦର୍ଶନ ଚାଲିଥିଲେ ଭକ୍ତଙ୍କର ଯିବାଆସିବା ଲାଗିଥା'ନ୍ତା। ତେଣୁ ଏତେଟା ଭିଡ଼ ହୋଇନଥା'ନ୍ତା। ଯେଉଁ ୩/୪ ଘଣ୍ଟା ପହୁଡ଼ ପାଇଁ ଦର୍ଶନ ବନ୍ଦ ରହିଲା, ତେଣୁ ପଛକୁ ପଛ ଭକ୍ତଙ୍କ ଗହଳି ଲାଗିଗଲା। ଫଳରେ ଦଳାଚକଟାକୁ ଡାକିଆଣିବା ଭଳି ହେଲା ବୋଲି କହିଛନ୍ତି ଭକ୍ତ ପ୍ରହ୍ଲାଦ ପରିଡ଼ା।

## ■ ମହାପ୍ରଭୁ କାହାର ଗର୍ବ ରଖିନାହାନ୍ତି: ଶୁଭାଶିଷ

ମହାପ୍ରଭୁ କାହାରି ଗର୍ବ ରଖି ନାହାନ୍ତି। ଗତବର୍ଷ ରଥଯାତ୍ରାରେ ବଡ଼ ଠାକୁର ପଡ଼ିଯିବା ପରଠାରୁ ଯେଉଁ ସବୁ ଭୁଲ୍ କରିଚାଲିଛନ୍ତି, ସେଥିପ୍ରତି ସରକାର ଚେତିଯିବା ଆବଶ୍ୟକ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ଭୁଲ୍ ପାଇଁ ମହାପ୍ରଭୁଙ୍କ ପାଖରେ ଶରଣ ପଶି କ୍ଷମାପ୍ରାର୍ଥନା କରନ୍ତୁ। ଦେଖିବେ ଏହାପରେ କୌଣସି ଅଘଟଣ ଘଟିବ ନାହିଁ। ସେବାୟତଙ୍କୁ ରଥ ଉପରୁ ଭିଡ଼ି ତଳକୁ ଓହ୍ଲାଇବା, ସାମ୍ବାଦିକଙ୍କୁ ମାଡ଼ ମାରିବା ଆଦି କି' ପ୍ରକାର ମାନସିକତା। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରାଯାଇପାରୁନି। ରଥଯାତ୍ରାରେ ପ୍ରାୟ ୬୦୦ ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହେଲେ। କିଛି ଭକ୍ତ ମଧ୍ୟ ମରିଛନ୍ତି। ଏତେ ଅବ୍ୟବସ୍ଥା ପୂର୍ବରୁ କେବେ ଦେଖାଯାଇନଥିଲା। ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଆଇନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏକାଧିକ ବୈଠକ କରିଛନ୍ତି। ହେଲେ ସ୍ଥିତି କ'ଣ ହେଲା? ରଥଯାତ୍ରାକୁ ଆସି ଭକ୍ତ ମଲେ। ଏଥିରୁ ସମନ୍ୱୟ ଅଭାବ ଜଳଜଳ ଦିଶୁଛି। ଆଗକୁ ଯେପରି ଏହିପରି ଅଘଟଣ ନଘଟେ, ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଜକୁ ସଜାଡ଼ନ୍ତୁ ବୋଲି ମତ ଦେଇଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ।

## ■ ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ: ସୁନୀଲ

ଚଳିତବର୍ଷ ରଥଯାତ୍ରା ଅବସରରେ ଯେଉଁ ସବୁ ଅଘଟଣ ଘଟି ଚାଲିଛି, ତାହା ବାସ୍ତବିକ ବେଶ୍ ଦୁଃଖଦାୟକ। ଏହି ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ ବୋଲି କହିଛନ୍ତି ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି। ଶରଧାବାଲିରେ ଦଳଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସମ୍ପର୍କରେ ପ୍ରତିକ୍ରିୟା ରଖି ସୁନୀଲ କହିଛନ୍ତି, ଏଥିରେ ପ୍ରଶାସନିକ ଅଧିକାରୀଙ୍କର ତ୍ରୁଟି ରହିଛି। ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନିକ ଅଧିକାରୀମାନେ ଫେଲ୍ ମାରିଛନ୍ତି। ଦୋଷ ସ୍ୱୀକାର କରନ୍ତୁ ଅଧିକାରୀ। ରଥଟଣା ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। କାହା ସ୍ୱାର୍ଥରେ ହଜାର ହଜାର କର୍ଡନ୍ ପାସ୍ କରାଯାଇଛି। ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବା ଦରକାର ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି।

## ■ ଅହଂକାର ଯୋଗୁଁ ଅଘଟଣ: ରାମକୃଷ୍ଣ

ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଛି। ଏଥିପାଇଁ କିଏ ଦାୟୀ, ଏହାର ଖୋଳତାଡ଼ କରାଯାଉଥିବାବେଳେ ଏହାକୁ ନେଇ ସମସ୍ତେ ପ୍ରଶାସନିକ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ବରିଷ୍ଠ ଦଇତାପତି ସେବକ ତଥା ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଅହଂକାର ଯୋଗୁଁ ଆଜି ଏଭଳି ଅଘଟଣ ଘଟିଛି। ଏହି ଅଘଟଣ ପାଇଁ ସରକାର ଏବଂ ପ୍ରଶାସନ ସଚେତନ ହୋଇଯିବା ଦରକାର। ନିଶ୍ଚିତ ଭାବେ କେଉଁଠି ତ୍ରୁଟି ରହିଲା। ତେଣୁ ସଠିକ୍ ଅଧିକାରୀଙ୍କୁ ପଚରିଚାଳନା ଦାୟିତ୍ୱ ଦିଆଯିବା ଦରକାର।

## ■ ୭୫ ଭାଗ ବ୍ୟାରିକେଡ୍ କାହିଁକି: ବିନାୟକ

ଚଳିତବର୍ଷ ରଥଯାତ୍ରାରେ ଆରମ୍ଭରୁ ବିଭ୍ରାଟ ଲାଗି ରହିଛି। ଏଥର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୭୫ ଭାଗ ଜାଗାକୁ ବ୍ୟାରିକେଡିଂ କରାଯାଇଛି ବୋଲି କହିଛନ୍ତି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର। ବ୍ୟାରିକେଡିଂ ଏତେ ଜାଗା ମାଡ଼ି ବସିବାରୁ ଭକ୍ତଙ୍କ ଚଳାଚଳରେ ସମସ୍ୟା ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ରଥ ଲାଗିଲେ ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। ଏହା ସ୍ୱାଭାବିକ କଥା। କିନ୍ତୁ ବଡ଼ ବ୍ୟାରିକେଡିଂ ଯୋଗୁଁ ନନ୍ଦିଘୋଷ ରଥ ପାଖରେ ଯାତାୟାତ ପାଇଁ ମାତ୍ର ୨ରୁ ୩ ଫୁଟ୍ ଜାଗା ରହିଥିଲା। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲା ନାହିଁ। ଆଗକୁ ମହାପ୍ରଭୁଙ୍କର ବଡ଼ବଡ଼ କାମ ରହିଛି। ଏଭଳି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ଅଧିକାରୀମାନେ ସମସ୍ତଙ୍କ ସହ ସମନ୍ୱୟ ରଖିବା ଦରକାର ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି।

# ଫେଲ୍ ମାରିଲା କଣ୍ଟ୍ରୋଲ ରୁମ୍, ଏଆଇ କ୍ୟାମେରା

**ଦାୟିତ୍ୱରେ ଥିବା ପୁଲିସ ବାବୁ କ'ଣ କରୁଥିଲେ**

**କାହିଁକି ଭକ୍ତଙ୍କ ଭିଡ଼ର ସୂଚନା ଦିଆଗଲା ନାହିଁ**

ପୁରୀ,୨୯।୬(ସମିସ): ଏଥର କୁମ୍ଭମେଳା ଷ୍ଟାଇଲ୍‌ରେ ହେବ ଟ୍ରାଫିକ୍ ନିୟନ୍ତ୍ରଣ। ଏକାଧିକ ସ୍ଥାନରେ ରହିବ ଭେଇକିଲ୍ ହୋଲ୍ଡିଂ ଏରିଆ। ପ୍ରଥମକରି କାର୍ଯ୍ୟକ୍ଷମ ହେବ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର। ଡିଜିଟାଲ ନେଟ୍‌ୱର୍କ ସିଷ୍ଟମ ବ୍ୟବହାର କରିବ ପୁଲିସ। ୧୦ଟି କମ୍ୟୁନିକେସନ ସିଷ୍ଟମ ମାଧ୍ୟମରେ ଟିମ୍ ୱାଇଜ୍ ହେବ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ। ୱର୍ ରୁମ୍ ବା କଣ୍ଟ୍ରୋଲ ରୁମ୍‌ରୁ ନିୟନ୍ତ୍ରିତ ହେବ ସମସ୍ତ ଟ୍ରାଫିକ୍ ବ୍ୟବସ୍ଥା। ସେହିପରି ଏଆଇ କ୍ୟାମେରା ରଥଯାତ୍ରାକୁ ଜଗିବ। ଏଥର ଘୋଷଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଏଥର ରଥଯାତ୍ରା ତ୍ରୁଟିଶୂନ୍ୟ ରହିବ ବୋଲି ବିଭିନ୍ନ ବୈଠକରେ ପୁଲିସର ମୁଖିଆମାନେ କହିଥିଲେ। ଚଳିତବର୍ଷ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରକୁ ନେଇ ବଡ଼ବଡ଼ କଥା କହିଥିଲେ ପୁଲିସ ଅଧିକାରୀ। ଯଦି ରାତି ୧୨ଟା ପରେ ରଥ ସମ୍ମୁଖରେ ଭକ୍ତଙ୍କ ଭିଡ଼ ବଢୁଥିଲା, ମାଟିଆପଡ଼ା ଛକଆଡୁ ଗୁଣ୍ଡିଚା ମନ୍ଦିର ଆଡ଼କୁ ଶ୍ରଦ୍ଧାଳୁମାନେ ମାଡ଼ି ଆସୁଥିଲେ; ସେତେବେଳେ ଏଆଇ କ୍ୟାମେରାରେ ଜଣାପଡ଼ିଲାନି କେମିତି? ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ଥିବା ବରିଷ୍ଠ ପୁଲିସ ଅଧିକାରୀମାନ କରୁଥିଲେ କ'ଣ? ସେମାନେ ଯଦି କଣ୍ଟ୍ରୋଲ ରୁମ୍‌ରୁ ଭିଡ଼ ଦେଖି ସୂଚନା ଦେଇଥାନ୍ତେ, ତେବେ ରଥ ପାଖରେ ଥିବା ସୁରକ୍ଷା କର୍ମୀ ସତର୍କ ହୋଇପାରିଥାନ୍ତେ। ନଚେତ୍ ଭକ୍ତଙ୍କ ପ୍ରବେଶକୁ ମାଟିଆପଡ଼ା ଛକରେ ଅଟକାଇ ଦିଆଯାଇପାରିଥା'ନ୍ତା। ହେଲେ ସେମିତି କିଛି ହେଲାନି। ଫଳରେ ଏକ ବଡ଼ଧରଣର ଅଘଟଣ ଘଟି ୩ ଜଣଙ୍କ ଜୀବନ ଆକାଳରେ ଚାଲିଗଲା।

■ ଅଘଟଣ ପରେ ଚେତା ପଶିଲା

# ଆଡ଼ପ ପହଣ୍ଡି ତଦାରଖ କଲେ ନେତା, ମନ୍ତ୍ରୀ, ଅଧିକାରୀ

ପୁରୀ, ୨୯।୬ (ସମିସ): ଜୀବନ ଯିବା ପରେ ଚେତିଲେ ସରକାର। ଆଡ଼ପ ପହଣ୍ଡିରେ ଯେପରି କୌଣସି ପ୍ରକାର ଅଘଟଣ ନ ହୁଏ, ସେଥିପାଇଁ କର୍ଡନ ଭିତରେ ମାଳମାଳ ନେତା, ମନ୍ତ୍ରୀ, ଅଧିକାରୀଙ୍କୁ ଦେଖିବାକୁ ମିଳିଥିଲା। ଏମିତି ବି ଗତବର୍ଷ ଆଡ଼ପ ପହଣ୍ଡି ଅଘଟଣ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଇଥିଲା। ପହଣ୍ଡି ସମୟରେ ଚାରମାଳ ଉପରେ ହାମୁଡ଼େଇ ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ, ଚଳିତବର୍ଷ ରଥ ସମ୍ମୁଖରେ ଦଳାଚକଟାରେ ମୃତ୍ୟୁ ପରେ ଆଡ଼ପ ପହଣ୍ଡି ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ। ସେଥିଲାଗି ମାଳମାଳ ନେତା, ମନ୍ତ୍ରୀ ଓ ଅଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଥିଲେ।







## ଦ୍ୱିତୀୟ ଟେଷ୍ଟ ଲାଗି ଭାରତର ନୂଆ ରଣନୀତି

# ଲଢ଼େଇ କରିବାକୁ କୁଳଦୀପ ପ୍ରସ୍ତୁତ

ଏଜ୍‌ବାଷ୍ଟନ୍,୨୯।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଜବାଷ୍ଟନରେ ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଏହି ମୁକାବିଲାକୁ ଜିତିବା ଲାଗି ଭାରତୀୟ ଦଳ ଜୋରଦାର ପ୍ରସ୍ତୁତି ଚଳାଇଛି। ଏଠାରେ ପହଞ୍ଚିବା ପରେ ପ୍ରଥମେ ଶୁକ୍ରବାର ଓ ଶନିବାର ଦୁଇଦିନ କଡ଼ା ଅଭ୍ୟାସ କରିବା ପରେ ଆଜି ରବିବାର ଖେଳାଳିମାନେ ବିଶ୍ରାମ ନେଇଛନ୍ତି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କିପରି ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେବେ, ଏହି ମ୍ୟାଚ୍ ଲାଗି ଦଳରେ କାହାକୁ ବାଦ୍ ଦିଆଯିବ, କାହାକୁ ସାମିଲ କରାଯିବ ତାହା ଉପରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏପରିକି ଯେ କୌଣସି ପରିସ୍ଥିତିରେ ଏହି ଟେଷ୍ଟ ଜିତି ସିରିଜ୍ ବରାବର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି। ଏଥିଲାଗି କି ଯୋଜନା କରୁଛି ସେ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। କିନ୍ତୁ ଏଠାରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ପ୍ରତିପକ୍ଷ ଦଳକୁ ଦୁଇଥର ଆଉଟ କରିବାକୁ ହେଲେ କିମ୍ବା ୨୦ଟି ୱିକେଟ ନେଲେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ଖେଳାଇବା ଜରୁରୀ ବୋଲି ଭାରତ ଛାଡ଼ିବା ପୂର୍ବରୁ କହିଥିଲେ ଅଧିନାୟକ ଶୁବମନ ଗିଲ୍। ଏହା ସହ ଆଉ ଜଣେ ବୋଲିଂ ଅଲରାଉଣ୍ଡର ମଧ୍ୟ ଖେଳିବା ଆବଶ୍ୟକ। ହେଡିଂଲେ ଟେଷ୍ଟ ହାରିଯିବା ପରେ ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ସମାନ କଥା ଦୋହରାଇଛନ୍ତି। ଟେଷ୍ଟରେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ସାମିଲ ନ କଲେ ଆମେ ପ୍ରତିପକ୍ଷ ଦଳର ୨୦ଟି ୱିକେଟ ନେଇ ପାରିବୁ ନାହିଁ। ଅଲରାଉଣ୍ଡର ଭୂମିକା ରବୀନ୍ଦ୍ର ଜାଡେଜା ତୁଲାଉଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟରେ ଭାରତ ଯେଉଁ ଚତୁର୍ଥ ସ୍ପେଶାଲିଷ୍ଟ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇଥିଲା ତାହା କାମ ଦେଲାନି। ଏହି ମ୍ୟାଚ୍‌ରେ ଭାରତ ୧୮୨.୪ ଓଭର ବୋଲିଂ କରିଥିଲା। କିନ୍ତୁ ଜଣେ ସ୍ପେଶାଲିଷ୍ଟ ବୋଲର ହୋଇଥିଲେ ମଧ୍ୟ ଠାକୁର ମାତ୍ର ୧୬ ଓଭର ବୋଲିଂ କରିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ସେ କେବେ ବି ପ୍ରତିପକ୍ଷ ବ୍ୟାଟରଙ୍କ ଲାଗି ବିପଦ ସୃଷ୍ଟି କରିବାରେ ସମର୍ଥ ହୋଇ ନ ଥିଲେ। ନିମ୍ନ ଭାଗରେ ଭଲ ବ୍ୟାଟିଂ କରୁଥିବାରୁ ତାଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ସେ ୨ଟି ଇନିଂସରେ ୧ ଓ ୪ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁଁ ତାଙ୍କୁ ଦ୍ୱିତୀୟ ଟେଷ୍ଟ ନୁହେଁ ବରଂ ସିରିଜ୍‌ରେ ଆଉ ଖେଳିବା ସୁଯୋଗ ମିଳିବା କଷ୍ଟକର।



ହେଡିଂଲେରେ ଭାରତୀୟ ବୋଲର ବିଫଳ ହେବାର ଅନ୍ୟତମ କାରଣ ହେଲା ଇଂଲଣ୍ଡ ପିଚ୍‌ରେ ପରିବର୍ତ୍ତନ। ଏବେ ଇଂଲଣ୍ଡର ଘରୋଇ କ୍ରିକେଟ ସିଜିନ ଶେଷ ହେବାକୁ ଯାଉଛି। ଯେଉଁ ପିଚ୍‌ରେ ଟେଷ୍ଟ ଖେଳାଯାଉଛି, ସେଥିରେ ବିଶେଷ ସୁଇଂ ହେଉନାହିଁ। ଅବଶ୍ୟ ଏଥିରୁ ଭାରତୀୟ ବ୍ୟାଟରମାନେ ଫାଇଦା ଉଠାଇଛନ୍ତି ଓ ଦୁଇଟି ବଡ଼ ପାଳି ୪୭୧ ଓ ୩୬୪ ରନ୍ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ଏତେ ରନ୍ କରି ମଧ୍ୟ ଭାରତ ଏହି ମ୍ୟାଚ୍ ହାରିଯାଇଥିଲା। ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଇଂଲଣ୍ଡର ହେଡ୍ କୋଚ୍ ଓ ବେନ୍ ଷ୍ଟୋକ୍ସ ଅଧିନାୟକ ହେବା ପରଠାରୁ ଇଂଲିଶ ପିଚ୍ ଆଉ ଏତେ ବୋଲରଙ୍କୁ ସୁହାଉ ନାହିଁ। ଏଣୁ ବାଜ୍‌ବଲ ଶୈଳୀରେ ଏମାନେ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ନୀତିରେ ସେମାନେ ହେଡିଂଲେ ଟେଷ୍ଟ ଜିତିବାରେ ସମର୍ଥ ହୋଇଥିଲେ।

ଇଂଲଣ୍ଡକୁ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବାରେ ଅଟକାଇବାକୁ ହେଲେ ଦଳରେ ଜଣେ ରିଷ୍ଟ ସ୍ପିନରଙ୍କ ଆବଶ୍ୟକତା ରହିଛି। ଏଥିଲାଗି କୁଳଦୀପ ଯାଦବ ପ୍ରସ୍ତୁତ ହୋଇ ରହିଛନ୍ତି। କିନ୍ତୁ ତାଙ୍କୁ ସୁଯୋଗ ମିଳିବ କି ନାହିଁ ତାହା ଗମ୍ଭୀର-ଗିଲ ଯୋଡି ନିଷ୍ପତ୍ତି ନେବେ। ୩୦ ବର୍ଷରେ ପଦାର୍ପଣ କରିଥିବା କୁଳଦୀପ ମାତ୍ର ୧୩ଟି ଟେଷ୍ଟ ଖେଳିଛନ୍ତି। ବାଜ୍‌ବଲକୁ ଟକ୍କର ଦେବାକୁ ହେଲେ କୁଳଦୀପଙ୍କ ଉପସ୍ଥିତି ନିହାତି ଜରୁରୀ। ଭାରତର ଏକ ନମ୍ବର ସ୍ପିନର ଭାବେ ରବୀନ୍ଦ୍ର ଜାଡେଜା ଖେଳିବେ। ପ୍ରଥମ ଟେଷ୍ଟରେ ତାଙ୍କୁ ଇଂଲଣ୍ଡ ବ୍ୟାଟରମାନେ ୩୯ ଥର ରିଭର୍ସ ସୁଇପ୍ ସଟ୍ ମାରିଥିଲେ। ଜଣେ ବୋଲରଙ୍କୁ ସୁଇପ୍ ସଟ୍ ମାରିବାରେ ଏହା ସର୍ବାଧିକ। ସେ ଜଣେ ବାମହାତୀ ସ୍ପିନର। କିନ୍ତୁ କୁଳଦୀପ ଜଣେ ରିଷ୍ଟ ସ୍ପିନର। ରିଷ୍ଟ ସ୍ପିନରଙ୍କୁ ସୁଇପ୍ ସଟ୍ ମାରିବା ଏତେଟା ସହଜ ହେବ ନାହିଁ। ଏଣୁ ୱିକେଟ ପ୍ରତି ୨୨.୧୬ ହାରରେ ରନ୍ ବ୍ୟୟ କରିଥିବା କୁଳଦୀପ ଏହି ମୁକାବିଲା ଲାଗି ପ୍ରସ୍ତୁତ ଅଛନ୍ତି। ତାଙ୍କୁ ସୁଯୋଗ ମିଳିଲେ ଗମ୍ଭୀର-ଗିଲଙ୍କ ଯୋଜନା ଯେ ସଫଳ ହେବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

## ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଭାରତ



ବ୍ୟାଙ୍କକ୍, ୨୯।୬ (ଏଜେନ୍ସି): ଏଏଫ୍‌ସି ମହିଳା ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଫୁଟ୍‌ବଲ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଥାଇଲାଣ୍ଡର ଚିଆଙ୍ଗ ମାଇ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୪-୦ ଗୋଲ୍‌ରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ତୈମର ଲିଷ୍ଟକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ମହିଳା ଦଳ ପକ୍ଷରୁ ମନୀଷା କଲ୍ୟାଣ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ କ୍ରମାଗତ ୨ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁଲାଇ ୨ରେ ଇରାକ ଓ ୫ରେ ଥାଇଲାଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ମଙ୍ଗୋଲିଆକୁ ହରାଇଥିଲା। ଏଥିରେ ଓଡ଼ିଆ ତାରକା ପ୍ୟାରୀ ଖାଖା ୫ଟି ଗୋଲ୍ ଦେଇଥିଲେ। ପ୍ରତି ଗ୍ରୁପ୍‌ର ବିଜେତା ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ କରିବ। ଭାରତୀୟ ମହିଳା ଫୁଟ୍‌ବଲ ଦଳ ୮ଥର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଥିଲା। ସେଥିମଧ୍ୟରୁ ଶେଷଥର ଲାଗି ୨୦୨୩ରେ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଇଥିଲା।

# ଛକା ମାରିବା ପରେ ଚାଲିଗଲା ଜୀବନ

ଫିରୋଜପୁର, ୨୯।୬ (ଏଜେନ୍ସି): ପଞ୍ଜାବର ଫିରୋଜପୁର ଜିଲ୍ଲାରୁ ଏକ ଚକିତ କଲାଭଳି ଘଟଣା ସାମ୍ନାକୁ ଆସିଛି। ଛକା ମାରିବା ପରେ ପରେ ଜଣେ କ୍ରିକେଟର୍‌ଙ୍କ ପିଚ୍ ଉପରେ ହୃଦଘାତରେ ଜୀବନ ଚାଲିଯାଇଛି। ଏହି ହୃଦୟ ବିଦାରକ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ମୃତ୍ୟୁବରଣ କରିଥିବା କ୍ରିକେଟର୍‌ଙ୍କ ନାମ ହର୍‌ଜିତ୍ ସିଂହ ବୋଲି ଜଣାପଡ଼ିଛି। ଫିରୋଜପୁରର ଡିଏଭି ସ୍କୁଲ ପଡ଼ିଆରେ ଏହି ମ୍ୟାଚ୍ ଖେଳାଯାଉଥିଲା। ବ୍ୟାଟିଂ କରୁଥିବା ହର୍‌ଜିତ୍ ଏକ ବିଶାଳ ଛକା ମାରିବା ପରେ ଚାଲି ଚାଲି ଅପରପାଶ୍ୱର୍ରେ ଥିବା ବ୍ୟାଟର୍‌ଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ସେ ଥକ୍କା ଅନୁଭବ କରି ପିଚ୍ ମଝିରେ ବସି ପଡ଼ିଥିଲେ। ସାଥୀ ବ୍ୟାଟର୍ ମଧ୍ୟ ତାଙ୍କ ସହ ବାର୍ତ୍ତାଳାପ କରୁଥିବାବେଳେ ହରଜିତ୍ ହଠାତ୍ ଟଳି ପଡ଼ିଥିଲେ। ଏହାପରେ ଅନ୍ୟ ଖେଳାଳିମାନେ ତୁରନ୍ତ ତାଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ହର୍‌ଜିତ୍‌ଙ୍କ ଜୀବନ ରକ୍ଷା କରିବା ସମ୍ଭବପର ହୋଇପାରି ନ ଥିଲା। ପୂର୍ବରୁ ୨୦୨୪ରେ ପୁଣେରେ ଇମରାନ ପଟେଲ ନାମକ ଜଣେ ଖେଳାଳି ପଡ଼ିଆରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ● ଏବିଏସ୍ ସ୍ମାରକୀ ଓପନ ଚେସ୍

# ସୌମ୍ୟ ଜିତିଲେ ୮୩ତମ ଟାଇଟଲ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟର ପ୍ରଥମ ଚେସ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ନିଜ ପେସାଦାର ଖେଳ ଜୀବନର ୮୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ତୃତୀୟ ଅଟଳ ବିହାରୀ ସେନାପତି (ଏବିଏସ୍) ସ୍ମାରକୀ ରାଜ୍ୟ ଓପନ ଚେସରେ ସୌମ୍ୟ ଚାମ୍ପିଅନ ହେବା ସହ ଏହି ରେକର୍ଡ ସଫଳତା ହାସଲ କରିଛନ୍ତି। ଏହି ଟାଇଟଲ ଜିତିବା ଲାଗି ଭୁବନେଶ୍ୱରର ସଞ୍ଜୀବନ ନାୟକଙ୍କ ସହ ସୌମ୍ୟଙ୍କର କଡ଼ା ମୁକାବିଲା ହୋଇଥିଲା। ୫ ରାଉଣ୍ଡ ଖେଳ ଶେଷରେ ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସୌମ୍ୟ ବାଜି ମାରିନେଇଥିଲେ। ସେ ପ୍ରଥମରେ ରହିବା ସହ ଚାମ୍ପିଅନ ଓ ସଞ୍ଜୀବନ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଆଉ ୪ ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ଆଦିତ୍ୟ ଖାଡ଼ଙ୍ଗା ଓ କଟକର ରବୀନ୍ଦ୍ର କୁମାର ଓଝା ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସାଏସା ସାହୁ ଶ୍ରେଷ୍ଠ ବାଳିକା ଓ ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ

# ଦୃଢ଼ ସ୍ଥିତିରେ ଦକ୍ଷିଣ ଆଫ୍ରିକା

ବୁଲାୱାୟୋ, ୨୯।୬ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ସ୍କୋର ୪୧୮/୯ ରନ ଜବାବରେ ଜିମ୍ବାୱେ ୨୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜିମ୍ବାୱେ ପାଇଁ ଅଭିଜ୍ଞ ସିନ୍ ୱିଲିୟମ୍ସ ୬ଷ୍ଠ ଟେଷ୍ଟ ଶତକ ସହ ସର୍ବାଧିକ ୧୩୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମଲଡର୍ ୪ ଏବଂ ଅଧିନାୟକ କେଶବ ମହାରାଜ ଓ କୋଡି ୟୁସୁଫ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଫଳରେ ୧୬୭ ରନରେ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୯ ରନ କରିଛି। ଓପନର୍ ଟୋନି ଡି ଜୋର୍ଜି ୨୨ ଓ ୱିଆନ ମଲଡର୍ ୨୫ ରନରେ ଅପରାଜିତ ରହିଛନ୍ତି। ଦକ୍ଷିଣ ଆଫ୍ରିକା ମୋଟ୍ ଉପରେ ୨୧୬ ରନରେ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ପୂର୍ବରୁ ଜିମ୍ବାୱେ ପାଳିରେ ଓପନର୍ ବ୍ରାଏନ ବେନେଟ୍ ୧୯ ରନ କରି ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କ୍ୱିନା ମଫାକାଙ୍କ ବଲ୍ ତାଙ୍କ ହେଲ୍‌ମେଟ୍‌ରେ ବାଜିଥିଲା। ସେ ବଳକା ମ୍ୟାଚରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କନ୍‌କଜନ ସବ୍‌ଷ୍ଟିଚ୍ୟୁଟ୍ (ଆଘାତ ପ୍ରତିବଦଳ) ଭାବେ ପ୍ରିନ୍ସ ମାସଭାଉରେ ଦଳରେ ସାମିଲ ହୋଇଛନ୍ତି।

### ମହାରାଜଙ୍କ ରେକର୍ଡ

ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ କେଶବ ମହାରାଜ ଏହି ମ୍ୟାଚରେ ଏକ ରେକର୍ଡ କରିଛନ୍ତି। ପ୍ରଥମ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ମହାରାଜ ଟେଷ୍ଟରେ ୨୦୦ ୱିକେଟ୍ ସଫଳତା ପାଇଛନ୍ତି। ୩୪ତମ ଓଭରରେ ସେ ଜିମ୍ବାୱେର କାଏଲେ ଭେରେନେଙ୍କୁ ଷ୍ଟମ୍ପ୍ ଆଉଟ୍ କରି ଟେଷ୍ଟ କ୍ୟାରିୟରର ୨୦୦ତମ ୱିକେଟ୍ ପୂରଣ କରିଥିଲେ। ୫୯ତମ ଟେଷ୍ଟ ମ୍ୟାଚରୁ ସେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ହ୍ୟୁଗ୍ ଟୟଫିଲ୍ଡ ୧୭୦ ଟେଷ୍ଟ ୱିକେଟ୍ ନେଇଥିଲେ।

## ଓଡ଼ିଶାରୁ ସୁରେଶ ଉପସଭାପତି, ସନ୍ଦୀପ ସଦସ୍ୟ ନିର୍ବାଚିତ

# ସରଜୁ ଏସ୍‌ଜେଏଫ୍‌ଆଇର ସଭାପତି ଓ ରମେଶ ସମ୍ପାଦକ




ଭୁବନେଶ୍ୱର, ୨୯।୬ (ସମିସ): ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା ସରଜୁ ଚକ୍ରବର୍ତ୍ତୀ ନୂଆ ସଭାପତି ଓ ତେଲଙ୍ଗାନାର ଭି. ରମେଶ ସମ୍ପାଦକ ଭାବେ ଆସନ୍ତା ୨ ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୪ଟି ଉପସଭାପତି ପଦ ଲାଗି ହୋଇଥିବା ନିର୍ବାଚନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ରେକର୍ଡ ୧୨ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ନରେଶ ଶେଲକେ, ସାବି ହୁସେନ ଓ ଏସ୍ ଦୀପକ ରାଘବ ଅନ୍ୟ ୩ ଜଣ ଉପସଭାପତି ହୋଇଛନ୍ତି। ସମ୍ପାଦକ ରମେଶ, ଯୁଗ୍ମ ସମ୍ପାଦକ ଆସାମର ପାର୍ଥ ଚକ୍ରବର୍ତ୍ତୀ ଓ କୋଷାଧ୍ୟକ୍ଷ ମୁମ୍ବାଇର ସଞ୍ଜୟ ଘରପୁରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୭ ଜଣିଆ କାର୍ଯ୍ୟକାରୀ କମିଟିକୁ ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ଚେସ୍ ଉଦ୍‌ଯାପିତ

# ନୟନିକା, ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୨୯।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ ପରିସରରେ ୧୩ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ନୟନିକା ସାହୁ ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ତ୍ରିପାଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଇଶାନୀ ଦାସ, ଆର୍ଣ୍ଣିକା ଦାଶ, ଅନିଷା ଆଚାର୍ଯ୍ୟ ଓ ମୌକ୍ତିକା ନାୟକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଓପନ ବା ବାଳିକା ବିଭାଗରେ ବିନୀତ ନାୟକ, ମନୀଷ ମିଶ୍ର, ସିଦ୍ଧାର୍ଥ ମଲ୍ଲିକ ଓ ସୂର୍ଯ୍ୟାଂଶୁ ମହାକୁଡ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଖେଳ ଶେଷରେ ଏପିଜେ ସ୍କୁଲ୍‌ର ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ସଦସ୍ୟ ସ୍ୱୟଂଶୁ ସତ୍ୟକାମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୯ ବର୍ଷରୁକମ୍ ଜାତୀୟ ଚାମ୍ପିଅନ ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ହକିରେ ଲଜ୍ଜା

# ପ୍ରୋ ଲିଗ୍‌ରୁ ବାଦ୍ ପଡ଼ିଲେ ଭାରତୀୟ ମହିଳା



ବର୍ଲିନ, ୨୯।୬ (ଏଜେନ୍ସି): ହକିରୁ ଲଜ୍ଜାଜନକ ଖବର ଆସିଛି। ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣ ଅର୍ଥାତ୍ ୨୦୨୫-୨୬ ସିଜନରୁ ଭାରତ ବାଦ୍ ପଡ଼ିଛି। ଚଳିତ ସିଜନ (୨୦୨୪-୨୫)ର ଶେଷ ମ୍ୟାଚରେ ରବିବାର ଚାଇନା ନିକଟରୁ ୩-୨ ଗୋଲରେ ହାରିବା ସହ ଭାରତୀୟ ମହିଳା ହକି ଦଳ ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏଥିସହ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆସନ୍ତା ସିଜନରେ ମଧ୍ୟ ଖେଳିବାରୁ ବଞ୍ଚିତ ହୋଇଛି। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୬ ମ୍ୟାଚ୍ ଖେଳି ମାତ୍ର ୨ ବିଜୟ, ୩ ଡ୍ର ଓ ୧୧ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପଏଣ୍ଟ ଟେବଲ୍‌ର ସବାଶେଷ ସ୍ଥାନରେ ରହିଥିବାରୁ ଭାରତ ଅବନତିର ସମ୍ମୁଖୀନ ହୋଇ ସ୍ୱୟଂଚାଳିତ ଏଫ୍‌ଆଇଚ୍ ପ୍ରୋ ଲିଗ୍‌ର ଆଗାମୀ ସିଜନରୁ ବାଦ୍ ପଡ଼ିଛି। ଫଳରେ ଆସନ୍ତା ହକି ସିଜନରେ ଭାରତ ନେସନ୍ସ କପ୍ ଖେଳିବ। ଏଥିରେ ଯଦି ଭାରତୀୟ ମହିଳା ହକି ଦଳ ଚାମ୍ପିଅନ ହୁଏ ତେବେ ୨୦୨୬-୨୭ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

୨୦୨୧-୨୨ ସିଜନରେ ଭାରତୀୟ ମହିଳା ହକି ଦଳ ପ୍ରୋ-ଲିଗ୍‌ରେ ପଦାର୍ପଣ କରିଥିଲା। ସେହି ସିଜନରେ କରୋନା ଲାଗି ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଓହରିଯିବାରୁ ଭାରତକୁ ଖେଳିବାର ସୁଯୋଗ ମିଳିଥିଲା। ତେବେ ୨୦୨୨ ଡିସେମ୍ବରରେ ସ୍ପେନରେ ଅନୁଷ୍ଠିତ ନେସନ୍ସ କପ୍‌ରେ ଚାମ୍ପିଅନ ହେବାପରେ ଭାରତ ଅଫିସିଆଲ୍ ଭାବେ ୨୦୨୩-୨୪ ସିଜନ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସେହି ସିଜନରେ ଭାରତ ୮ମ ସ୍ଥାନରେ ରହିଥିଲା। ତେବେ ୨୦୨୪-୨୫ ସିଜନ ଭାରତ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ସାଲିମାଙ୍କ ନେତୃତ୍ୱରେ ଓ ହରେନ୍ଦ୍ର ସିଂହଙ୍କ ପ୍ରଶିକ୍ଷଣରେ ଭାରତ ୧୫ ମ୍ୟାଚ୍ ଖେଳି ମାତ୍ର ୨ଟି ବିଜୟ ଓ କ୍ରମାଗତ ୧୦ ପରାଜୟବରଣ କରିଥିଲା। ସେପ୍ଟେମ୍ବର ୫ରୁ ହାଙ୍ଗଝୋଉରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରୋ ଲିଗ୍‌ରେ ଅବନତିର ସମ୍ମୁଖୀନ ହେବା ଭାରତର ପ୍ରସ୍ତୁତି ପାଇଁ ଝଟ୍‌କା ସଦୃଶ ହୋଇଛି।

## ଆଜିଠୁ ୱିମ୍ବଲଡନ୍

# ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ଆଲ୍‌କାରାଜ୍

ଲଣ୍ଡନ, ୨୯।୬ (ଏଜେନ୍ସି)

ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଆରମ୍ଭ ହେବାକୁ ଯାଉଛି। ଗ୍ରାସ କୋର୍ଟରେ ଖେଳାଯାଉଥିବା ବିଶ୍ୱର ଏହି ଅନ୍ୟତମ ଶ୍ରେଷ୍ଠ ଓ ସମ୍ମାନଜନକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଏହା ହେବ ୧୩୮ତମ ସଂସ୍କରଣ। ୱିମ୍ବଲଡନର ୧୪୭ ବର୍ଷ ଇତିହାସରେ ପ୍ରଥମଥର ଲାଗି ଲାଇନ୍ ଜଜ୍‌ଙ୍କ ବିନା ମ୍ୟାଚ୍ ଖେଳାଯିବ। ୪୫୦ରୁ ଊର୍ଦ୍ଧ୍ୱ ଟ୍ରାକିଂ କ୍ୟାମେରା ଦ୍ୱାରା ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଇଲେକଟ୍ରୋନିକ ଲାଇନ୍ କଲିଂ ସିଷ୍ଟମ ଦ୍ୱାରା ମ୍ୟାଚ୍ ପରିଚାଳିତ ହେବ। ଫଳରେ ୱିମ୍ବଲଡନରେ ପ୍ରଥମଥର ଲାଗି ନେଭି ବ୍ଲେଜର ପରିଧାନ ଲାଇନ୍ ଜଜ୍‌ଙ୍କୁ ଦେଖିବାକୁ ମିଳିବ ନାହିଁ। ସେହିଭଳି ଏଥର ୱିମ୍ବଲଡନ ଇତିହାସରେ ଆଉ ଏକ ନୂଆ ଘଟଣା ଦେଖିବାକୁ ମିଳିବ। ମହିଳା ଓ ପୁରୁଷ ସିଙ୍ଗଲ୍ସ ଫାଇନାଲ ଯଥାକ୍ରମେ ପ୍ରତିଥର ଭଳି ଜୁଲାଇ ଦ୍ୱିତୀୟ ଶନିବାର ଓ ରବିବାର ଖେଳାଯିବ। କିନ୍ତୁ ଏହା ଅପରାହ୍ଣ ୨ଟା ପରିବର୍ତ୍ତେ ୪ଟାରୁ ଆରମ୍ଭ ହେବ। ଉତ୍ତର ଓ ଦକ୍ଷିଣ ଆମେରିକୀୟ ଦର୍ଶକଙ୍କୁ ନଜରରେ ରଖି ଫାଇନାଲ ଆରମ୍ଭର ସମୟସୂଚୀକୁ ପରିବର୍ତ୍ତନ କରାଯାଇଛି। ପୁରୁଷ ସିଙ୍ଗଲ୍ସରେ ଏଥର ଚାମ୍ପିଅନ ହୋଇ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ୍ ହ୍ୟାଟ୍ରିକ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏଟିପି ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ୍ ୨୦୨୩ ଓ ୨୦୨୪ରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଯଦି ଆଲ୍‌କାରାଜ୍ ଏଥର ଚାମ୍ପିଅନ ହୁଅନ୍ତି ତେବେ ରୋଜର୍ ଫେଡ୍‌ରରଙ୍କ ପରେ ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ଅଲ୍‌ଇଂଲଣ୍ଡନ ଲନ୍ ଟେନିସ କ୍ଲବରେ ହ୍ୟାଟ୍ରିକ ଟାଇଟଲ୍ ଜିତି ରେକର୍ଡ କରିବେ। ମହିଳା ବିଭାଗରେ ଚେକ୍ ଗଣରାଜ୍ୟର ବାର୍‌ବୋରା କେଜ୍ରିକୋଭା ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି।



ପ୍ରଥମଥର ଲାଗି ଲାଇନ୍ ଜଜ୍ ବିନା ହେବ ଖେଳ



### ରେକର୍ଡ ୪୫୭ କୋଟି ପୁରସ୍କାର ରାଶି

ଏଥର ୱିମ୍ବଲଡନରେ ରେକର୍ଡ ମୋଟ୍ ୫୩.୫୫ ମିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୪୫୭ କୋଟି ୭୭ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୭ ପ୍ରତିଶତ ବୃଦ୍ଧି କରାଯାଇଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗରେ ଚାମ୍ପିଅନ ଖେଳାଳି ଏଥର ୨୫ କୋଟି ୬୪ ଲକ୍ଷ ଟଙ୍କା ଅର୍ଥରାଶି ଘରକୁ ନେଇକି ଯିବେ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳି ୧୩ କୋଟି, ସେମିଫାଇନାଲରେ ପରାଜିତଙ୍କୁ ୬ କୋଟି ୬୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS